ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ପାଠ୍ୟକ୍ରମ - ୩
ଆଧୁନିକ ଓଡ଼ିଆ ସାହିତ୍ୟ

ବ୍ଲକ୍

## ୧ ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ଓ ନବଜାଗରଣ

ପ୍ରଥମ ଏକକ
ଇଂରାଜୀ ଶିକ୍ଷା ବିସ୍ତାର

ଦ୍ୱିତୀୟ ଏକକ
ପତ୍ରପତ୍ରିକା ପ୍ରକାଶନ

ତୃତୀୟ ଏକକ
ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା

ଚତୁର୍ଥ ଏକକ
ଭାଷା ସୁରକ୍ଷା ଆନ୍ଦୋଳନ

**ପାଠ୍ୟକ୍ରମ : ୦୩**

**ବ୍ଲକ୍ : ୦୧**

**ଦ୍ୱିତୀୟ ସଂସ୍କରଣ : ୨୦୨୧**

**ଲେଖକ :**

**ଡକ୍ଟର ସୁନୀତି ଦେବତା**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର । (ପ୍ରଥମ ଏକକ)

**ଡକ୍ଟର ନଗେନ ଦାସ**
ଅଧ୍ୟାପକ, ଓଡ଼ିଆ ବିଭାଗ, ସୁବୋଧ ରାଉତରାୟ ମହାବିଦ୍ୟାଳୟ, ବିଶ୍ରା, ରାଉରକେଲା । (ଦ୍ୱିତୟ ଏକକ)

**ଡକ୍ଟର ସନ୍ତୋଷ କୁମାର ରଥ**
ପ୍ରଫେସର, ଭୀମ ଭୋଇ ଚେୟାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର । (ତୃତୀୟ ଏକକ)

**ଡକ୍ଟର ଘନଶ୍ୟାମ ଦୀପ**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର । (ଚତୁର୍ଥ ଏକକ)

**ସମୀକ୍ଷକ : ଡକ୍ଟର ସନ୍ତୋଷ କୁମାର ରଥ**
ପ୍ରଫେସର, ଭୀମ ଭୋଇ ଚେୟାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ସଂଯୋଜକ : ଡକ୍ଟର ସୁନୀତି ଦେବତା**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ରାଧାକାନ୍ତ ସୁନା**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2021. **"Adhunika Odia Sahityara"** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ଇଂରାଜୀ ଶିକ୍ଷା ବିସ୍ତାର

**ବିଷୟ ପଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ ଇଂରାଜୀ ଶିକ୍ଷା ବିସ୍ତାର
୧.୫ ଇଉରୋପରେ ନବଜାଗରଣ ଇତିହାସ
୧.୬ ଭାରତରେ ନବଜାଗରଣର ଆରମ୍ଭ ଓ ତା'ର ପ୍ରସାର
୧.୭ ଓଡ଼ିଶାରେ ନବଜାଗରଣ ଓ ଓଡ଼ିଆ ସାହିତ୍ୟରେ ତା'ର ପ୍ରକାଶ
୧.୮ ଊନବିଂଶ ଶତାବ୍ଦୀର ଓଡ଼ିଶା ଓ ତା'ର ସାମାଜିକ ପୃଷ୍ଠଭୂମି
୧.୯ ଊନବିଂଶ ଶତାବ୍ଦୀର ଓଡ଼ିଶା ଓ ତା'ର ରାଜନୀତିକ ପୃଷ୍ଠଭୂମି
୧.୧୦ ଓଡ଼ିଶାରେ ଆଧୁନିକ ଶିକ୍ଷାର ବିକାଶ ଓ ତା'ର ପରିଣତି
୧.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୧୨ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ନବଜାଗରଣ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିଛି। ନବ ଜାଗରଣ ତଥା ଇଂରାଜୀ ଶିକ୍ଷା ବିସ୍ତାର ସମ୍ପର୍କରେ ଜାଣିବା ଏହି ଏକକର ପ୍ରଧାନ ଉଦ୍ଦେଶ୍ୟ। ଊନବିଂଶ ଶତାବ୍ଦୀର ଓଡ଼ିଆ ଓ ତାର ସାମାଜିକ ଓ ରାଜନୈତିକ ପୃଷ୍ଠଭୂମି ଆଲୋଚନା କଲେ, ଆଧୁନିକ ସାହିତ୍ୟର ସୃଷ୍ଟି ପାଶ୍ଚାତରେ ଥିବା ପ୍ରେରଣା ସହଜରେ ବୁଝାପଡ଼ିବ। ସାହିତ୍ୟ ଯେ କେବଳ ଆନନ୍ଦ ପ୍ରମୋଦ ଅନ୍ୱେଷଣର ମାଧ୍ୟମ ନୁହେଁ, ଏହା ହେଉଛି ସମକାଳୀନ ସାମାଜିକ, ଅର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଘଟଣାର ସାରସ୍ୱତ ଉତ୍ପାଦନ। ଏହି ଏକକ ପଢ଼ିଲେ ତାହା ସହଜରେ ଜାଣିହେବ। ସାହିତ୍ୟ କେବଳ ସମାଜକୁ ପ୍ରତିଫଳିତ କରେ ନାହିଁ, ଅଧିକନ୍ତୁ ସମାଜ ମଧ୍ୟ ସାହିତ୍ୟକୁ ରୂପାନ୍ତରିତ କରେ। ଏକଥା ଏହି ଏକକରୁ ଜାଣି ହେବ।

## ୧.୨ ଶିକ୍ଷଣୀୟ ବିଷୟ

ପଞ୍ଚଦଶ ଶତାବ୍ଦୀରେ ଇଉରୋପରେ ଦେଖା ଦେଇଥିବା ନବଜାଗରଣ ଓ ତତ୍ପରବର୍ତ୍ତୀ ସାମାଜିକ, ସାଂସ୍କୃତିକ ଘଟଣା ସମୂହ ଇଉରୋପର ସାହିତ୍ୟ ସଂସ୍କୃତିକୁ ପରିବର୍ତ୍ତିତ କଲା। ଭାରତରେ ତାର ପ୍ରଭାବରେ ଯେଉଁ ନବ ଜାଗରଣ ସୃଷ୍ଟିହେଲା, ଇଂରାଜୀ ଶିକ୍ଷାର ବିସ୍ତାର ହେଲା ତାର ଆଲୋଚନା ମାଧ୍ୟମରେ ଏଠାରେ ଜାଣିବା :

- ଇଉରୋପରେ ନବଜାଗରଣର ଆରମ୍ଭ ଓ ବିସ୍ତାର
- ନବଜାଗରଣର ବିଭିନ୍ନ ଦିଗ
- ଭାରତରେ ନବଜାଗରଣର ସ୍ୱରୂପ
- ଓଡ଼ିଶାରେ ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ
- ନୂତନ ଶିକ୍ଷିତ ଗୋଷ୍ଠୀ ଓ ଓଡ଼ିଆ ଅସ୍ମିତା
- ପାଠ୍ୟପୁସ୍ତକ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ଜ୍ଞାନ ଓ ବିଜ୍ଞାନର ପ୍ରସାର
- ଇଂରାଜୀ ଶିକ୍ଷାର ବିସ୍ତାର

## ୧.୩ ବିଷୟ ପ୍ରବେଶ

ଊନବିଂଶ ଶତାବ୍ଦୀ ଓଡ଼ିଶାର ଜାତୀୟ ଜୀବନରେ ଏକ ସଂକ୍ରମଣ କାଳ। ଏ ସମୟରେ ସମାଜ, ଶାସନ, ଅର୍ଥନୀତି, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଆସିଲା ଅନେକ ନୂତନ ପରିବର୍ତ୍ତନ। ଏ ପରିବର୍ତ୍ତନ ସ୍ୱତଃ ସମାଜ ବ୍ୟବସ୍ଥାର କ୍ରମବିବର୍ତ୍ତନ ନ ହୋଇ ଏହା ହେଲା ପାଶ୍ଚାତ୍ୟ ଶିକ୍ଷା, ଶାସନ ବ୍ୟବସ୍ଥା ସଂସ୍କୃତି ଓ ସାହିତ୍ୟର ପ୍ରଭାବ ଓ ସଂସ୍ପର୍ଶରୁ। ଇଂରେଜମାନଙ୍କ ନବ ପ୍ରବର୍ତ୍ତିତ ଶିକ୍ଷା ବ୍ୟବସ୍ଥାରୁ ଜନ୍ମ ନେଲା ନୂଆ ଏକ ସଭ୍ୟ ଶିକ୍ଷିତ ଶ୍ରେଣୀ। ସମାଜର ପ୍ରତିଟି କ୍ଷେତ୍ରରେ ନୂଆ ଜୀବନ ଓ ଜଗତ ଦୃଷ୍ଟି ସହ ପ୍ରାଚୀନ ପାରମ୍ପରିକ ଦୃଷ୍ଟିଭଙ୍ଗୀର ସଂଘାତ ଘଟିଲା। ଏ ସଂଘାତରୁ ହେଲା ଇଂରାଜୀ ଶିକ୍ଷାର ବିସ୍ତାର ଯୋଗୁଁ, ଏହାକୁ ସଂଘଟିତ ହେଲା ଇଂରାଜୀ ଶିକ୍ଷାର ବିସ୍ତାର ଯୋଗୁଁ, ଏହାକୁ ବୁଝିବା ପାଇଁ ହେଲେ ଆମକୁ ପ୍ରଥମେ ବୁଝିବାକୁ ହେବ ନବଜାଗରଣର ପ୍ରଭାବ ଓ ବିସ୍ତାର ଓଡ଼ିଶାରେ ତା'ର ପ୍ରଭାବ।

## ୧.୪ ଇଂରାଜୀ ଶିକ୍ଷା ବିସ୍ତାର

ଇଂରେଜମାନେ ଭାରତର ଶାସନ ଭାର ନିଜ ହାତରେ ନେବା ପୂର୍ବରୁ ଏଠାରେ ଶିକ୍ଷାର ବିଶେଷ ଉନ୍ନତି ସାଧିତ ହୋଇ ନଥିଲା। ଗୋଟିଏ ପ୍ରକାର କହିବାକୁ ଗଲେ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉନଥିଲା। ଶିକ୍ଷା ପାଇଁ କୌଣସି ନିୟମ ନଥିଲା କେବଳ ବର୍ଣ୍ଣ ପରିଚୟରେ ଶିକ୍ଷା ସମାପ୍ତ ହୋଇଯାଇଥିଲା ଚାଟଶାଳୀ, ଟୋଲ୍, ମଦ୍ରାସା ପ୍ରଭୃତିରେ ଦିଆଯାଉଥିବା ଶିକ୍ଷା ଛାତ୍ରମାନଙ୍କ ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହୋଇପାରୁନଥିଲା। ଶାସନତନ୍ତ୍ର ଶିକ୍ଷା ନିମନ୍ତେ ଚିନ୍ତିତ ନଥିଲା। ଇଂରେଜ ଶାସନ କାଳ ସମୟରେ ନୂତନ ଶିକ୍ଷାନୀତି ପ୍ରଚଳନ କରାଗଲା। ତାପରେ ଶାସନର ଉଦ୍ଦେଶ୍ୟ ଓ ଆବଶ୍ୟକତା ଅନୁଯାୟୀ ଶିକ୍ଷା ପରିବର୍ତ୍ତିତ ଓ ନିୟନ୍ତ୍ରିତ ହେବାକୁ ଲାଗିଲା। ଭାରତର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ଅଳ୍ପ କେତୋଟି ମାତ୍ର ଶିକ୍ଷାନୁଷ୍ଠାନରୁ ଶିକ୍ଷାପ୍ରାପ୍ତ ବ୍ୟକ୍ତିଗଣ ଇଂରେଜମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ ସହାୟତା କରୁଥିଲେ। ୧୮୧୩ ରେ କମ୍ପାନୀ ସରକାର ତାଙ୍କର ଶିକ୍ଷାନୀତି ଘୋଷଣା କଲେ। ଏଥିରେ ପାହୀମାନଙ୍କ ଧର୍ମଶିକ୍ଷା ନିଷିଦ୍ଧ ଥିଲା। ୧୮୩୫ ଖ୍ରୀଷ୍ଟାବ୍ଦରେ ଏକ ନୂତନ ଶିକ୍ଷାନୀତି ଘୋଷିତ ହେଲା ; ଏଥିରେ ଇଉରୋପୀୟ ଜ୍ଞାନ ବିଜ୍ଞାନ ଅଧ୍ୟୟନ ପାଇଁ ଅର୍ଥବ୍ୟୟ ବ୍ୟବସ୍ଥାରେ ସ୍ଥାନ ପାଇଲା। ୧୮୫୮ ଖ୍ରୀଷ୍ଟାବ୍ଦରେ ଶିକ୍ଷା ଆଦେଶନାମା ଅନୁସାରେ ଭାରତରେ ୧୮୫୩ ଖ୍ରୀଷ୍ଟାବ୍ଦରେ ବମ୍ବେ ଓ ମନ୍ଦ୍ରାଜରେ ତିନିଗୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା।

ଓଡ଼ିଶା ଭାରତର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସବାଶେଷରେ ଇଂରେଜମାନଙ୍କ ଅଧିନରେ ଆସିଥିବାରୁ ଏଠାରେ ଆଧୁନିକ ଶିକ୍ଷାର ଆଲୋକ ବିଳମ୍ବରେ ପହଞ୍ଚିଥିଲା । ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ଆଲୋକ ଊନବିଂଶ ଶତାବ୍ଦୀରେ ପହଞ୍ଚିଥିଲା । ୧୮୦୩ ମସିହାରେ ଇଂରେଜମାନେ ଦେଶ ଅଧିକାର କଲେ ଏହାର ବହୁବର୍ଷ ପରେ ପାଶ୍ଚାତ୍ୟ ଶିକ୍ଷା ସାଧାରଣ ଜନତାକୁ ପ୍ରଭାବିତ କରିଥିଲା । ଖ୍ରୀଷ୍ଟଧର୍ମ ପ୍ରଚାରର ସ୍ୱପ୍ନନେଇ ମିସ୍‌ନାରୀମାନେ ପ୍ରଥମେ ଓଡ଼ିଶାକୁ ଆସିଥିଲେ । ୧୮୦୬ ମସିହାରେ ଏହି ଉଦ୍ଦେଶ୍ୟ ଡକ୍ଟର ବୁକାନ୍ ଏ ଉଦ୍ଦେଶ୍ୟରେ ଆସି ଓଡ଼ିଶାର ଚିଲିକାକୂଳରେ କିଛିଦିନ ରହିଥିଲେ । ସେ ଓଡ଼ିଆମାନଙ୍କୁ ଖ୍ରୀଷ୍ଟଧର୍ମରେ ଦିକ୍ଷିତ କରାଇବାରେ ସଫଳ ନହେବାରୁ ଇଂଲଣ୍ଡକୁ ଫେରିଗଲେ ଓ ମିସ୍‌ନାରୀମାନଙ୍କୁ ପଠାଇଥିଲେ । ମିସ୍‌ନାରୀମାନେ ସର୍ବପ୍ରଥମେ ଓଡ଼ିଶାବାସୀଙ୍କ ସାମାଜିକ ଓ ସାଂସ୍କୃତିକ ବିକାଶ ପ୍ରତି ଦୃଷ୍ଟିନିକ୍ଷେପ କରିଥିଲେ । କାରଣ ଓଡ଼ିଶାରେ ହଠାତ୍ ଧର୍ମର ପ୍ରଲୋଭନ ଦେଖାଇ ଲୋକଙ୍କୁ ଆକୃଷ୍ଟ କରିବା ସମ୍ଭବନଥିଲା । ତେଣୁ ଲୋକଙ୍କ ମନରେ ଏକ ଜାଗରଣ ସୃଷ୍ଟି କରିବା ପାଇଁ ସେମାନେ ଶିକ୍ଷାବିସ୍ତାର, କୁସଂସ୍କାର ଦୂରୀକରଣ ପତ୍ରପତ୍ରିକା ପ୍ରକାଶନ ଓ ପୁସ୍ତକ ଲିଖନ ପ୍ରତି ବିଶେଷ ଗୁରୁତ୍ୱ ଦେଇଥିଲେ ।

ଊନବିଂଶ ଶତକରେ ଓଡ଼ିଆ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ଥିଲା । ଗୁରୁକୁଳ ଶିକ୍ଷା, ଚଟଶାଳୀ ଶିକ୍ଷା ବ୍ୟବସ୍ଥା ୧୮୨୧ ମସିହା ପର୍ଯ୍ୟନ୍ତ ଚାଲିଥିଲା । ୧୮୨୨ ମସିହାରେ ଓଡ଼ିଶାରେ ମିସନ୍ ପାଠଶାଳାର ଆରମ୍ଭ ହୋଇଥିଲା । ଗୋଟିଏ ବର୍ଷ ମଧ୍ୟରେ ଏପରି ପାଠଶାଳା ପନ୍ଦରରୁ ଅଧିକ ଖୋଲିଥିଲା । ୧୮୨୩ ମସିହାରେ ଶିକ୍ଷା ବ୍ୟବସ୍ଥାକୁ ଶୃଂଖଳିତ କରିବାକୁ ଯାଇ ଜେନେରାଲ କମିଟି ଅଫ୍ ପବ୍‌ଲିକ୍ ଇନଷ୍ଟ୍ରକସନ୍ (General Committee of Public Instruction) ଗଠିତ ହୋଇଥିଲା । ସେହି ବର୍ଷ କଟକରେ ପ୍ରତିଷ୍ଠା ହେଲା ଏକ ଇଂରାଜୀ ଚାରିଟି ସ୍କୁଲ । ଓଡ଼ିଶାରେ ଶାସନ କାର୍ଯ୍ୟ ପରିଚାଳନା ସକାଶେ ଯୋଗ୍ୟ ଶିକ୍ଷିତ ବ୍ୟକ୍ତି ମିଳୁନଥିବାରୁ ଏପରି ସ୍କୁଲର ପ୍ରତିଷ୍ଠା କରାଯାଇଥିଲା । ସେତେବେଳକୁ କଲିକତାରେ ଫୋର୍ଟ ଉଇଲିୟମ କଲେଜ (୧୮୦୦) ସ୍ଥାପିତ ହୋଇ ସାରିଥିଲା । ଏ କଲେଜର ପାଠ୍ୟକ୍ରମରେ କିଛିବର୍ଷ ପରେ ଓଡ଼ିଆ ଭାଷା ସ୍ଥାନ ପାଇଥିଲା । ଏହି କଲେଜଟି ମାତୃଭାଷା ମାଧ୍ୟମରେ ପାଶ୍ଚାତ୍ୟ ଶିକ୍ଷା ବିକାଶରେ ସହାୟକ ହୋଇଥିଲା ।

ମ୍ୟାକେଲେ ୧୮୩୫ ମସିହାରେ ତାଙ୍କର ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ କଲେ । ତାଙ୍କ ଶିକ୍ଷାନୀତିର ମୁଖ୍ୟ ଲକ୍ଷ୍ୟ ଥିଲା, ପାଶ୍ଚାତ୍ୟ ସାହିତ୍ୟ ଜ୍ଞାନ ବିଜ୍ଞାନର ପ୍ରସାର ପାଇଁ ଇଂରାଜୀ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ନାହିଁ । ଇଂରାଜୀ ଶିକ୍ଷା ଦିଆଯାଉନଥିବା ବିଦ୍ୟାଳୟମାନଙ୍କରେ ଛାତ୍ରବୃତ୍ତି ମିଳିବ ନାହିଁ । ୧୮୪୪ ମସିହାରେ ଲର୍ଡ଼ ହାର୍ଡିଞ୍ଜ ଇଂରାଜୀ ଶିକ୍ଷାକୁ ଚାକିରି ପାଇବା ପାଇଁ ଏକମାତ୍ର ଯୋଗ୍ୟତା ରୂପେ ଗ୍ରହଣ କରିନେଲେ । ଯେଉଁଥି ପାଇଁ ଇଂରାଜୀ ଶିକ୍ଷା ପ୍ରତି ଜନସାଧାରଣଙ୍କ ଆଗ୍ରହ ବଢ଼ିବାରେ ଲାଗିଲା । ଜନସାଧାରଣଙ୍କ ମନରେ ଚାକିରି ସର୍ବସ୍ୱ ପାଶ୍ଚାତ୍ୟ ଶିକ୍ଷାପ୍ରତି ପ୍ରଲୋଭନ ଓ ପାଠ୍ୟଶିକ୍ଷା ପ୍ରତି ବିମୁଖ ଭାବ ଦେଖାଦେଇଥିଲା । ମ୍ୟାକେଲେଙ୍କ ଶିକ୍ଷାନୀତିରେ ଥିବା ଏହି ତ୍ରୁଟିକୁ ସୁଧାରିବା ପାଇଁ ସାର୍ ଚାରଲେସ୍ ଓଡ଼ସ୍ (Sir Charles Woods) ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ସଂସ୍କାର ଆଣିବାକୁ ଚେଷ୍ଟା କଲେ । ସେ ଶିକ୍ଷାକୁ ପୁସ୍ତକଗତ ସ୍ୱୀ କରି ବ୍ୟବହାରିକ କ୍ଷେତ୍ରରେ ତାର ଉପଯୋଗକୁ ଗୁରୁତ୍ୱ ଦେଇଥିଲେ । ସେ ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷା ଓ ଉଚ୍ଚଶିକ୍ଷା ସ୍ତରରେ ଇଂରାଜୀ ଶିକ୍ଷା

ଉପରେ ଗୁରୁତ୍ୱ ଦେଇଥିଲେ। ସେ ବିଦ୍ୟାଳୟ ପ୍ରତିଷ୍ଠା ସକାଶେ ମଧ୍ୟ ସୁପାରିଶ କରିଥିଲେ। ଫଳରେ ୧୮୫୮ ମସିହା ବେଳକୁ ଭାରତରେ ଉଚ୍ଚ ଶିକ୍ଷାର ପ୍ରସାର ପାଇଁ କଲିକତା, ବମ୍ବେ, ମାନ୍ଦ୍ରାଜରେ ତିନିଗୋଟି ବିଶ୍ୱ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ମାତ୍ର ଓଡ଼ିଶାରେ ସେବେଳକୁ କଲେଜଟିଏ ମଧ୍ୟ ନଥିଲା। ଓଡ଼ିଶାରେ ୧୮୬୮ ମସିହାରେ 'କଟକ କଲେଜ' ଆରମ୍ଭ ହୁଏ ଓ ତାହା ୧୮୭୬ରେ ଡ଼ିଗ୍ରୀ କଲେଜରେ ରୂପାନ୍ତରିତ ହୋଇଥିଲା। ସେ କଲେଜ ମୂଳରେ ରେଭେନ୍‌ସା ସାହେବଙ୍କ ପ୍ରବଳ ଉତ୍ସାହ ଥିବାରୁ ପରବର୍ତ୍ତୀ ସମୟରେ କଲେଜର ନାମ ହେଲା ରେଭେନ୍‌ସା କଲେଜ। ଏହି କଲେଜର ଅଧ୍ୟୟନ କରିଥିବା ଅଧିକାଂଶ ଛାତ୍ର କର୍ମକ୍ଷେତ୍ରକୁ ପ୍ରବେଶ କରିବା ସହିତ ଓଡ଼ିଶାରେ ଏକ ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀର ସୃଷ୍ଟିହେଲା, ଏହି ଶିକ୍ଷିତ ଗୋଷ୍ଠୀ ସମାଜର ଅଧିକାଂଶ କ୍ଷେତ୍ରରେ ନେତୃତ୍ୱ ନେଇଥିଲେ।

ବଙ୍ଗଳାରେ ପାଶ୍ଚାତ୍ୟ ଶିକ୍ଷା ପ୍ରସାର ଯୋଗୁଁ ରାଜା ରାମ ମୋହନ ରାୟ, ମହର୍ଷି ଦେବେନ୍ଦ୍ର ନାଥ ଠାକୁର, ମାଇକେଲ ମଧୁସୁଦନ ଦତ୍ତ ଓ ପରେ ରବୀନ୍ଦ୍ର ନାଥ, ବିବେକାନନ୍ଦଙ୍କ ପରି ବ୍ୟକ୍ତିତ୍ୱ ସୃଷ୍ଟି ହୋଇ ସେଠାରେ ଏକ ସାଂସ୍କୃତିକ ନବଜାଗରଣ ଆଣିବାରେ ସକ୍ଷମ ହୋଇଥିଲେ। ଓଡ଼ିଶାରେ ଏପରି ତୁଙ୍ଗ ସଂସ୍କୃତି ସଚେତକ ପୁରୁଷମାନଙ୍କର ଆବିର୍ଭାବ ନ ହୋଇଥିଲେ ସୁଦ୍ଧା ତଥାପି ଗୌରୀଶଙ୍କର, ମଧୁସୂଦନ ଦାସ, ରାଧାନାଥ ରାୟ, ଫକୀର ମୋହନ ସେନାପତି ପ୍ରମୁଖଙ୍କ ପରି ସଂସ୍କୃତି ପ୍ରେମୀ ଓ ସାହିତ୍ୟିକମାନେ ଆଧୁନିକ ଶିକ୍ଷାବିସ୍ତାର ଦ୍ୱାରା ଯେ ନିଜର ଧୀଶକ୍ତି ଓ କୃତିତ୍ୱର ପରିଚୟ ଦେଇଥିଲେ, ଏହ ନିଃସନ୍ଦେହରେ କୁହାଯାଇଥିଲା।


- ମହାରଣା, ସୁରେନ୍ଦ୍ର କୁମାର – ଓଡ଼ିଆ ସାହିତ୍ୟର ଇତିହାସ ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ ୭୫୩୦୦୨, ଦ୍ୱିତୀୟ ସଂସ୍କରଣ - ୨୦୧୦
- କର, ଡକ୍ଟର ବାଉରୀ ବନ୍ଧୁ, ଓଡ଼ିଆ ସାହିତ୍ୟର ଇତିହାସ ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୭୫୩୦୦୨, ତୃତୀୟ ସଂସ୍କରଣ-୨୦୦୪


## ୧.୫ ଇଉରୋପରେ ନବଜାଗରଣ ଇତିହାସ

ଇଉରୋପରେ ନବଜାଗରଣର ଇତିହାସ ଖୋଜିଲେ ଜଣାପଡ଼େ, ଏହା ଆରମ୍ଭ ହୋଇଥିଲା ଇଟାଲୀରେ ଓ ଚତୁର୍ଦ୍ଦଶ ଶତାବ୍ଦୀର ଶେଷଭାଗରେ। କ୍ରମେ କ୍ରମେ ଏହା ବିକଶିତ ଓ ପ୍ରସାରିତ ହୋଇ ସମଗ୍ର ଇଉରୋପକୁ ବ୍ୟାପି ଯାଇଥିଲା। ସପ୍ତଦଶ ଶତାବ୍ଦୀ ବେଳକୁ ସମଗ୍ର ଇଉରୋପରେ ଏହା ଆଣିଥିଲା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ମହାଜାଗରଣ। ମୂଳତଃ ଏହା ସାଂସ୍କୃତିକ ଆନ୍ଦୋଳନ ଭାବରେ ଆସିଥିଲେ ହେଁ ମଣିଷ ଜାତିର ଜ୍ଞାନବିଜ୍ଞାନ କ୍ଷେତ୍ରରେ, ଧର୍ମ ଓ ଦର୍ଶନ କ୍ଷେତ୍ରରେ ଏକାଳରେ ଆସିଥିଲା ଚୁମୂଳ ପରିବର୍ତ୍ତନ। ଇଉରୋପ ଅନ୍ଧକାରଯୁଗରୁ ମୁକ୍ତ ହୋଇ ନୂଆ ଏକ ଆଲୋକ ଓ ଆଶାର ଯୁଗରେ ପ୍ରବେଶ କଲା। ଇଟାଲୀର ଫ୍ଲୋରେନ୍ସ ସହରର ବଣିକ ସମାଜ ଓ ଶାସକ ଗୋଷ୍ଠୀର ପୃଷ୍ଠପୋଷକତାରେ ଏହା ପ୍ରଥମେ ନୂଆଁ ରୂପ ପାଇଥିଲା।

ସମଗ୍ର ଇଉରୋପରେ ଦୀର୍ଘ ଚାରିଶହ ବର୍ଷ କାଳ ଯେଉଁ ଉତ୍ସାହ ଓ ଉଦ୍ଦୀପନାରେ କଳା ଓ ମାନବୀୟ ମୂଲ୍ୟବୋଧର ପ୍ରଚାର ପ୍ରସାର ପାଇଁ ଆଗ୍ରହ ଓ ଉତ୍ତେଜନା ପ୍ରକାଶ ପାଇଥିଲା ତାର ପରବର୍ତ୍ତୀ ରୂପାନ୍ତର ହେଉଛି ଇଉରୋପ କୈନ୍ଦ୍ରିକ ଦୃଷ୍ଟିଭଙ୍ଗୀ ଓ ଉପନିବେଶବାଦ। ଜ୍ଞାନର ସନ୍ଧାନ, ବାଣିଜ୍ୟ, ଅପରଦେଶର ସଂସ୍କୃତି ଓ ସମୃଦ୍ଧିକୁ ଜାଣିବା ଓ ଜିଣିବାର ଇଚ୍ଛା, ନୂଆ ମାଟିର ଲୋଭ ଓ ନୂଆ ବଜାରର ଅନୁସନ୍ଧାନ, ଏସବୁର ମିଶାମିଶି ହୋଇ ଇଉରୋପରେ ସୃଷ୍ଟିହେଲା ନବଜାଗରଣରେ ପ୍ରତୀତି। କଳା, ସାହିତ୍ୟ, ଦର୍ଶନ, ରାଜନୀତି, ବିଜ୍ଞାନ ଓ ସମାଜଶାସ୍ତ୍ରର ବିକାଶ ସହ, ତାକୁ ସହଯୋଗ କଲା ଯନ୍ତ୍ର ଓ ଶିଳ୍ପର ନୂତନ ନୂତନ ଉଦ୍ଭାବନ।

ଇଉରୋପରେ ଘଟିଥିବା ନବଜାଗରଣର କେତୋଟି ପ୍ରମୁଖ ଦିଗ ରୂପେ ଆମେ ଏଠାରେ ଆଲୋଚନା କରିବା (କ) ମାନବକୈନ୍ଦ୍ରିକ ଜୀବନଦୃଷ୍ଟି, (ଖ) ଧାର୍ମିକ ଓ ସାମାଜିକ ସଂସ୍କାର (ଗ) ନୂତନ ଆବିଷ୍କାର ଉଦ୍ଭାବନ। ଏ ସମସ୍ତ ଭିନ୍ନ ଆହୁରି ଅନେକ ଉପାଦାନ ଓ ବିଭବ ଇଉରୋପୀୟ ନାବଜାଗରଣକୁ ମାନବଜାତିର ଇତିହାସର ଏକ ନୂତନ ମୋଡ ପ୍ରଦାନକାରୀ ଘଟଣା ରୂପେ ପ୍ରତିପାଦିତ କରେ। ମଧ୍ୟଯୁଗୀୟ ଚିନ୍ତନ ଓ ପ୍ରାଚୀନ ଅଜ୍ଞତାର ପରିବର୍ତ୍ତେ ବିଚାର ଓ ବିଶ୍ଳେଷଣ କରି ନୂଆ ଏକ ପ୍ରଗତିଶୀଳ ଜୀବନଦୃଷ୍ଟି ପ୍ରଥମ କରି ମାନବ ସଭ୍ୟତାର ଆରମ୍ଭ ହେଲା ଏହି କାଳରେ।

**(କ) ମାନବକୈନ୍ଦ୍ରିକ ଜୀବନଦୃଷ୍ଟି :** J.A. Cuddonuଙ୍କ ମତରେ ନବଜାଗରଣ କାଳୀନ ମାନବବାଦ ହେଉଛି : a European Phenomenon was a more worldly and thus more secular philosophy; and it was anthropo centric. It Sought to dignify and enable man. ମାନବବାଦ ହେଉଛି ଅଧିକ ଭୂମିସଂଲଗ୍ନ ପୁଣି ଅଧିକ ମାନବକୈନ୍ଦ୍ରିକ। ଊର୍ଦ୍ଧ୍ୱ ଆକାଶରେ ଏକ ସ୍ୱର୍ଗର, ସେଠି ଜଣେ ଦାରୁ ଦେବତାର ବିଶ୍ୱାସ ସତ୍ତ୍ୱେ ମାନବବାଦରେ ମହତ୍ତର ହେଉଛି ଇହକାଳ ଓ ସ୍ଥାନର ମାଟି ଓ ମଣିଷ। ମଣିଷର ସମ୍ମାନ ଓ ସାମର୍ଥ୍ୟ ଜଗତର ସବୁଠାରୁ ବଡ଼କଥା। ବିଶ୍ୱାସ ଓ ସଂଦେହର ଜଗତ ଠାରୁ ନିଜ ବିଦ୍ୟା ଓ ବୁଦ୍ଧି ଉପରେ ଅଧିକ ଆସ୍ଥା ସ୍ଥାପନ କରିବା ଶିଖାଏ ମାନବବାଦ। ନିଜର ସମୃଦ୍ଧି ପାଇଁ ନିଜେ ଦାୟୀ। ଇହକାଳର ସୁଖ ଓ ଶାନ୍ତି ବିନିମୟରେ ପରକାଳରେ ସୁଖ ଖୋଜିବା ବୃଥା। ମଣିଷର ସମୁନ୍ନତି ପାଇଁ ଈଶ୍ୱରଙ୍କ ଆର୍ଶୀବାଦ ଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ତାର ପ୍ରଚେଷ୍ଟା ଓ ନିଜ ଉପରେ ବିଶ୍ୱାସ।

ମଧ୍ୟଯୁଗୀୟ ଇଉରୋପରେ ଥିଲା ଧର୍ମ ଓ ତର୍କର ସର୍ବାଧିକ ଗୁରୁତ୍ୱ। ଚତୁର୍ଦ୍ଦଶ ଶତାବ୍ଦୀର ଈଶ୍ୱର ଓ ସ୍ୱର୍ଗକୈନ୍ଦ୍ରିକ ଜୀବନଦୃଷ୍ଟିକୁ ଅସ୍ୱୀକାର କରି ପ୍ରଥମେ ନବଜାଗରଣ କାଳରେ ମାନବକୈନ୍ଦ୍ରିକ ଜୀବନଦୃଷ୍ଟିର ଆରମ୍ଭ ଘଟିଲା। ଇଟାଲୀର ନାବିକଗଣ ଏସିଆ ଓ ଇଉରୋପର ଅନ୍ୟ ଦେଶମାନଙ୍କ ସହିତ ସଂପର୍କ ସ୍ଥାପନ କଲେ। ନୂତନ ସଂସ୍ପର୍ଶରୁ ଜ୍ଞାନ ଓ ଜୀବନବୋଧରେ ପରିବର୍ତ୍ତନ ଆସିଲା। ଅପରଦେଶ ସହ ବାଣିଜ୍ୟ ପ୍ରଥମେ ଇଟାଲୀକୁ ଆଣିଦେଲା ଅର୍ଥନୀତିକ ସମୃଦ୍ଧି। ଇଉପରୋପରେ ବାଣିଜ୍ୟ, ବ୍ୟବସାୟ କେବଳ ଦ୍ରବ୍ୟର ବିନିମୟରେ ସୀମିତ ନ ରହି ଭାବର ଆଦାନପ୍ରଦାନ ଓ ବୈଷୟିକ ଜ୍ଞାନର ବଣ୍ଟନ ସମଗ୍ର ଇଉରୋପକୁ ନୂଆ ରୂପରେ ଗଢିବାରେ ସାହାଯ୍ୟ କଲା। ଆର୍ଥିକ ପ୍ରଗତି, ସମାଜିକ ନିରାପତ୍ତା ସହ ନୂଆ ଅନ୍ୱେଷଣର ଇଚ୍ଛା ସମଗ୍ର ଇଉରୋପରେ ମଣିଷ ଜାତିର ନୂଆ ସମ୍ଭାବନା ଖୋଜିବା ପାଇଁ ଉତ୍ସାହ ଆଣିଲା। ଅପରପକ୍ଷରେ ନୂତନସୃଷ୍ଟି ବଣିକଶ୍ରେଣୀ ଓ ସଂସ୍ଥା କଳା, ସାହିତ୍ୟ ଓ ସଂସ୍କୃତିର ପୃଷ୍ଠପୋଷକତା କରିବା ସହ ତାର ପ୍ରଚାର ପ୍ରସାର ପାଇଁ ଶିକ୍ଷାୟତନ ସବୁ ଖୋଲିଲେ। ଜ୍ଞାନର ଚର୍ଚ୍ଚା ପାଇଁ ଆଲୋକସ୍ତମ୍ଭ ସଦୃଶ ଯେଉଁ ବିଶ୍ୱବିଦ୍ୟାଳୟ ସବୁ ଖୋଲିଲା, ତାହାଥିଲା ମାନବକୈନ୍ଦ୍ରିକ ଜ୍ଞାନଚର୍ଚ୍ଚାର ନୂଆ ମନ୍ଦିର।

ମଣିଷ ପ୍ରତି ନୂଆ ଏକ ବିଶ୍ୱାସ ପ୍ରଚାରିତ ହେଲା ଯେ ସଂସାରରେ ମଣିଷ ହି ସର୍ବାଧିକ ବୁଦ୍ଧିମାନ ପ୍ରାଣୀ। ଈଶ୍ୱର ଓ ଦେବଦୂତଙ୍କ ପରେ ହି ମଣିଷର ସ୍ଥାନ। ଏ ଜଗତ ଓ ତାର ଇତର ଜୀବସବୁ ତାର ଅଧୀନ। ଭଲ ଓ ମନ୍ଦ, ଉଚିତ ଓ ଅନୁଚିତ, ଆପଣାର ବୁଦ୍ଧି ଓ ବିବେକ ବଳରେ ମଣିଷ ବିଚାର କରିପାରେ। ଭାଷା, ଭାବନା ଓ ଅଭୀପ୍ସା ମଣିଷକୁ ଅପର ଜୀବମାନଙ୍କ ଠାରୁ ଭିନ୍ନ କରି ଗଢ଼ିଛି। ନିଜ ଜୀବନକୁ କେବଳ ନୁହେଁ, ସମଗ୍ର ଜଗତକୁ ମଧ୍ୟ ଗଢ଼ିବାରେ ମଣିଷ ଏକ ମାଧ୍ୟମ ହୋଇପାରେ। ଏଣୁ ଏମିତି ଏକ ପ୍ରତୀତି ନେଇ ନବଜାଗରଣ କାଳର ମଣିଷ ନିଜର ସୁଖ ଦୁଃଖକୁ ନିଜ ଭାଷାରେ ଲେଖିବା ଆରମ୍ଭ କଲା। ଲାଟିନ ଓ ରୋମାନ ପର ପ୍ରାଚୀନ ଭାଷା ଥିଲା ଧର୍ମ ଓ ଦର୍ଶନର ଭାଷା। ଏକାଳରେ ହିଁ ଆରମ୍ଭ ହେଲା ଦର୍ଶନ, ସାହିତ୍ୟ, ବିଜ୍ଞାନ, ସଂଗୀତ, ଶିଳ୍ପକଳା ଆଦି ସମସ୍ତ କ୍ଷେତ୍ରରେ କେନ୍ଦ୍ରବିନ୍ଦୁରେ ମଣିଷକୁ ରଖି ଚିନ୍ତନ ଓ ଚିତ୍ରଣର ନୂତନ ପରମ୍ପରା। ନୂଆ କଳାକୃତି, ନୂଆ ଶିଳ୍ପଶୈଳୀ ବିକଶିତ ହେଲା ଗ୍ରୀକ୍, ଲାଟିନ୍, ରୋମାନ୍ ଭାଷାରୁ ଜ୍ଞାନ ଆହରଣ କରି ଦେଶୀୟ ଭାଷାମାନଙ୍କରେ ତାର ପରିପ୍ରକାଶ ଘଟିଲା। ସାଧାରଣ ମଣିଷର ନିତିଦିନରେ ଆନନ୍ଦ ଓ ଅଶ୍ରୁ, ଯାହା ବହୁଦିନ ଯାଏ କଳା ଓ ସାହିତ୍ୟରୁ ବହୁଦୂରରେ ରହିଯାଇଥିଲା, ତାହା ହେଲା ନୂଆ କଳା ଓ ସାହିତ୍ୟର ବିଷୟ।

ଗୁଟେନ୍ବର୍ଗଙ୍କ ଦ୍ୱାରା ୧୪୫୦ ଖ୍ରୀଷ୍ଟାବ୍ଦରେ ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ଜ୍ଞାନର ପ୍ରଚାର ଓ ପ୍ରସାରରେ ଆଣିଲା ଏକ ବୈପ୍ଳବିକ ପରିବର୍ତ୍ତନ। କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ଅଧିକାରରେ ହାତଲେଖା ବହି ସବୁବେଳେ ସଂରକ୍ଷିତ ହୋଇରହୁଥିଲା। ଜ୍ଞାନକୁ ଏହି ଏକାଧିପତ୍ୟରୁ ମୁକ୍ତ କଲା ମୁଦ୍ରଣଯନ୍ତ୍ର। ଜ୍ଞାନ ଉପରେ ଧର୍ମାଧୀଶମାନଙ୍କ ଅଧିକାର ଓ ଜ୍ଞାନଚର୍ଚ୍ଚା ନିର୍ଦ୍ଦିଷ୍ଟ ଏକଗୋଷ୍ଠୀର ଆଧିପତ୍ୟର କାଳ ଶେଷହେଲା। ମୁଦ୍ରଣ ଯନ୍ତ୍ର ଜ୍ଞାନକୁ ସର୍ବସାଧାରଣଙ୍କ ନିକଟରେ ବାଣ୍ଟିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା। ନୂତନ ବିଚାର, ନୂତନ ସଂକଳ୍ପ, ନୂତନ ଭୌଗୋଳିକ ଜ୍ଞାନ ସାଧାରଣ ମଣିଷର ଜୀବନବୋଧକୁ ପ୍ରଭାବିତ କଲା।

ଉନ୍ମୁକ୍ତ ଜ୍ଞାନର ପସରାରୁ ନିତ୍ୟ ନୂତନ ଜ୍ଞାନ ଆହରଣ କରି ଲିଓନାର୍ଡୋ ଡାନ୍ଭିସି, ମାଇକେଲ, ଏଂକେଲୋ, ରାଫେଲ, ପେତ୍ରାର୍କ ପରି ବହୁ ଶାସ୍ତ୍ରବେତ୍ତା କବି ଓ କଳାକାରଙ୍କ ସାରସ୍ୱତ କୃତିମାନଙ୍କରେ ମାନବୀୟ ସାମର୍ଥ୍ୟ ଓ ଅଭୀପ୍ସାର ଜୟଗାନ ପ୍ରକାଶ ପାଇଲା। ସମସ୍ତ କଳା ଓ କଳ୍ପନାର କୈନ୍ଦ୍ରବିନ୍ଦୁ ହୋଇ ରହିଲା ମଣିଷ। ଯଥାର୍ଥରେ ସେଥିପାଇଁ ସେକ୍ସପିଅର ତାଙ୍କ ନାଟକରେ ଲେଖିଲେ :

What a piece of work is a man! How noble in reason!
How infinite in facult! In from and moving how
Express and admirable! In action how like an angle!
In apprehension how like a god! The beauty of the
World! The paragon of animals!
HAMLET- Act 2

**(ଖ) ଧାର୍ମିକ ଓ ସାମାଜିକ ସଂସ୍କାର :** ଦଶମ ଶତାବ୍ଦୀବେଳକୁ ରୋମାନ୍, କେଥୋଲିକ, ଚର୍ଚ୍ଚ ଉତ୍ତର ଓ ପଶ୍ଚିମ ଇଉରୋପର ଧାର୍ମିକ, ରାଜନୈତିକ ଜୀବନରେ ପ୍ରଭୁତ୍ୱ ବିସ୍ତାର କରିସାରିଥିଲା। ଧର୍ମ ଠାରୁ ଧନ ଓ କ୍ଷମତାର

କେନ୍ଦ୍ର ଭାବରେ ଚର୍ଚ୍ଚ ସବୁ ମନେ ହେଉଥିଲା ଅଧିକ ଗୁରୁତ୍ୱପୂର୍ଣ୍ଣ। ନବଜାଗରଣର ନୂତନ ଦୃଷ୍ଟିଭଙ୍ଗୀ ବିଶେଷ କରି ବାଇବେଲର ଦେଶୀୟ ଭାଷାମାନଙ୍କରେ ପ୍ରକାଶ ଓ ପ୍ରଚାର ଜନସାଧାରଣଙ୍କୁ ଚର୍ଚ୍ଚର ଶୃଙ୍ଖଳିତ ଶାସନ କବଳରୁ ମୁକ୍ତିର ନୂଆ ବାଟ ଫିଟାଇଦେଲା। ଇରସ୍ମସ ଓ ଥୋମାସ ମୁରଙ୍କ ପରି ଚିନ୍ତାନାୟକମାନଙ୍କ ରଚନା ଜନସାଧାରଣଙ୍କ ଚର୍ଚ୍ଚ ଓ ଧର୍ମ ସଂପର୍କରେ ନିଜସ୍ୱ ଚିନ୍ତନ ପାଇଁ ସହାୟକ ହେଲା। ଷୋଡ଼ଶ ଶତାବ୍ଦୀର ଆରମ୍ଭ ବେଳକୁ ଏଣୁ ସମଗ୍ର ଇଉରୋପରେ ଧାର୍ମିକ ଓ ସାମାଜିକ ସଂସ୍କାର ପାଇଁ ପ୍ରକାଶ ପାଇଲା ପ୍ରବଳ ଉତ୍ସୁକତା। ଧର୍ମର ବନ୍ଧନ ହୁଗୁଳା ହେଲା। ମାନବିକତା ନୂଆ ଭାବରେ ଧାର୍ମିକ ଜଗତରେ ପ୍ରାଧାନ୍ୟ ପାଇଲା।

ସେତେବେଳେ ହିଁ ମାର୍ଟିନ୍ ଲୁଥର (୧୪୮୩-୧୫୪୬) ଆରମ୍ଭ କଲେ ଚର୍ଚ୍ଚ ବିରୁଦ୍ଧରେ ନୂତନ ଧର୍ମର ପ୍ରଚାର। ତାଙ୍କ ଧର୍ମ ପ୍ରଚାରର ମୂଳକଥା ଥିଲା ତିନୋଟି। ପ୍ରଥମ କଥାହେଲା - ମଣିଷ ମୁକ୍ତି ପାଇବ ଭଗବାନଙ୍କ ଅସୀମ କରୁଣାରୁ ଏବଂ ନିଜର ସତ୍କର୍ମ ବଳରେ। ଦ୍ୱିତୀୟ କଥାଟି ହେଲା - ପୋପ୍ ବା ଚର୍ଚ୍ଚର କଥାଠାରୁ ବାଇବେଲରେ ଲେଖ ହୋଇଥିବା ଧର୍ମବାଣୀ ହିଁ ଖ୍ରୀଷ୍ଟିୟ ଧର୍ମ ସଂପର୍କରେ ଶେଷକଥା। ତୃତୀୟରେ ଧର୍ମ ଆଖିରେ ସବୁ ମଣିହ ସମାନ। ସମସ୍ତେ ଈଶ୍ୱରଙ୍କ ସନ୍ତାନ। ପୂଜା ଓ ଉପାସନା ପାଇଁ ପୋପ୍ ବା ଚର୍ଚ୍ଚର ମଧ୍ୟସ୍ଥିପଣ ଅନାବଶ୍ୟକ। ପରବର୍ତ୍ତୀ କାଳରେ ପ୍ରୋଟେଷ୍ଟାନ୍ ଧର୍ମର ଭିତ୍ତି ତିଆରି ହେଲା ଏହି ଧର୍ମ ପ୍ରଚାରରୁ। ଆସ୍ତେ ଆସ୍ତେ ସମଗ୍ର ଇଉରୋପରେ ମାର୍ଟିନ ଲୁଥର୍ଙ୍କ ଏହି ସଂସ୍କାର ମୂଳକ ବାଣୀ ପରିବ୍ୟାପ୍ତ ହୋଇଗଲା। ଏ ଧର୍ମବାଣୀରେ ଥିବା ମାନବବାଦ ଇଉରୋପୀୟ ନବଜାଗରଣକୁ ଧର୍ମ ଜଗତରେ ପ୍ରସାରିତ କଲା। ଏହାର ଅନୁକ୍ରିୟାରେ ରୋମାନ୍, କେଥୋଲିକ୍ ଧର୍ମରେ ମଧ୍ୟ ଆସିଲା, ଅନେକ ସଂସ୍କାର ଓ ପରିବର୍ତ୍ତନ। ଇଉରୋପର ଧାର୍ମିକ, ସାମାଜିକ ଓ ରାଜନୈତିକ ଜୀବନରେ ତୁମୂଳ ପରିବର୍ତ୍ତନ ଆସି ସପ୍ତଦଶ ଶତାବ୍ଦୀ ବେଳକୁ ନୂଆ ଏକ ଆଧୁନିକ ଚିନ୍ତା ଓ ଯୁକ୍ତିବାଦୀ ପାଶ୍ଚାତ୍ୟ ଜଗତ ସୃଷ୍ଟି ହେଲା। ଉଭୟ କଥୋଲିକ ଓ ପ୍ରୋଟେଷ୍ଟାନ୍ ଧର୍ମ ବିଶ୍ୱାସୀ ଦେଶ, ସାମନ୍ତ ଓ ବଣିକ ଶ୍ରେଣୀ ମଣିଷର ଶିକ୍ଷା ଓ ସେବାକୁ ପ୍ରାଧାନ୍ୟ ଦେବା ଆରମ୍ଭ କଲେ। ଇଉରୋପରେ ସମାଜବିଜ୍ଞାନ, ପ୍ରାନ୍ତୀୟ ଭାଷା ସମେତ ଅପର ମାନବବିଦ୍ୟାର ଅଧ୍ୟୟନ ଓ ଅଧ୍ୟାପନା ପାଇଁ ଅନେକ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା। ଏହି ପରଂପରା ହିଁ ଶିକ୍ଷାକୁ ସାର୍ବଜନୀନ ଓ ମାନବର ସର୍ବାଙ୍ଗୀନ ଉନ୍ନତି ପାଇଁ ସହାୟକ ହେଲା। ରୋମାନଚ କେଥୋଲିକ ଚର୍ଚ୍ଚର ଧାର୍ମିକ ଓ ରାଜନୈତିକ କ୍ଷମତାର ଅବକ୍ଷୟ ପରେ ପରେ ଅନେକ ଛୋଟଛୋଟ ରାଜ୍ୟ ଗଢ଼ିଉଠିଲା। ସପ୍ତଦଶ ଶତାବ୍ଦିର ଆରମ୍ଭ ବେଳକୁ ଇଉରୋପରେ ଅଭ୍ୟୁଦୟ ଘଟିଲା ନୂତନ ରାଷ୍ଟ୍ର ଓ ରାଷ୍ଟ୍ରକେନ୍ଦ୍ରିକ ଜାତୀୟତାର। ଫଳରେ ସାମ୍ରାଜ୍ୟବାଦୀ ମନୋବୃତ୍ତିରୁ ଭିନ୍ନ ଭିନ୍ନ ଦେଶକୁ ବାଣିଜ୍ୟ ପାଇଁ ଯାତ୍ରା, ଧନସଂଗ୍ରହ ଓ ସାମ୍ରାଜ୍ୟ ବିସ୍ତାର ପରବର୍ତ୍ତୀ କାଳରେ ଅନେକ ସଂଘର୍ଷ ଓ ଯୁଦ୍ଧର ଭିତ୍ତିଭୂମି ତିଆରି କଲା। ଇଉରୋପୀୟ ଉପନିବେଶବାଦର ଏହା ହିଁ ଅଙ୍କୁରୋଦ୍‌ଗମ କାଳ। ପରବର୍ତ୍ତୀ କାଳରେ ସମଗ୍ର ପୃଥିବୀକୁ ବିଜୟ କରିବାର ଇଂରେଜ ଜାତିର ଅଭୀପ୍ସା ଓ ଇଟାଲୀ, ପର୍ତ୍ତୁଗୀଜ, ଫରାସୀ ପ୍ରଭୃତି ଇଉରୋପୀୟ ଜାତିମାନଙ୍କର ଭିନ୍ନ ଭିନ୍ନ ଦେଶରେ ଉପନିବେଶ ସ୍ଥାପନର ଲାଳସା ଇଉରୋପୀୟ ନବଜାଗରଣର ଭିନ୍ନ ଏକ କଳାଦିଗ।

ଜନସାଧାରଣଙ୍କ ମଧ୍ୟରେ ଧର୍ମବିଶ୍ୱାସ ଓ କ୍ଷମତାକେନ୍ଦ୍ର ପ୍ରତି ପ୍ରଶ୍ନାକୂଳ ଦୃଷ୍ଟିଭଙ୍ଗୀର ବିକାଶହେତୁ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଇଉରୋପ, ଆମେରିକା ଓ ରୁଷିଆରେ ନୂତନ ଏକ ବୁଦ୍ଧିଜିବୀ ଆନ୍ଦୋଳନର ସୂତ୍ରପାତ ଘଟିଲା।

ଭାରତୀୟ ନବଜାଗରଣରେ ଏହି ସମସ୍ତ ଘଟଣାର ଯୁଗପତ୍ ପୁନରାବୃତ୍ତି ଘଟିଲା ଅଳ୍ପଦିନର ବ୍ୟବଧାନରେ ଇଉରୋପୀୟ ରେନାସାଁ ବା ନବଜଗରଣର ଦୀର୍ଘ ଚାରିଶହ ବର୍ଷର ପ୍ରଲମ୍ବିତ ଇତିହାସ ପୁଣି ଥରେ ଭାରତରେ ଅଭିନୀତ ହେଲା ମାତ୍ର ପଚାଶ ଷାଠିଏ ବର୍ଷ ମଧ୍ୟରେ।

**(ଗ) ନୂତନ ଆବିଷ୍କାର ଓ ଉଦ୍ଭାବନ :** ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଇଉରୋପରେ ବ୍ୟବହୃତ ମସଲା, ଚିନି ରେଶମ ବସ୍ତ୍ର ପ୍ରଭୃତି ଅନେକ ମୂଲ୍ୟବାନ ବସ୍ତୁ ଆମଦାନୀ ହେଉଥିଲା ପ୍ରାଚ୍ୟଦେଶମାନଙ୍କରୁ। ମଧ୍ୟ ପ୍ରାଚ୍ୟରେ ୧୪୫୭ରେ ଯୁଦ୍ଧପରେ ତୁର୍କୀମାନେ ଏହି ପଥକୁ ଅବରୋଧ କରିବାରୁ ପୂର୍ବଦେଶକୁ ଯିବାପାଇଁ ଜଳପଥର ଆବିଷ୍କାର ଇଉରୋପୀୟ ବଣିକମାନଙ୍କ ପାଇଁ ହେଲା ଅପରିହାର୍ଯ୍ୟ ଆବଶ୍ୟକତା। ବ୍ୟର୍ଥ ଲୋଡ଼ାୟସ୍ ନାମକ ପର୍ତ୍ତୁଗାଲ ନାବିକ ଭାରତର ଅନ୍ୱେଷଣରେ ବାହାରି ଆଫ୍ରିକାର ଦକ୍ଷିଣପ୍ରାନ୍ତରରେ ହିଁ ପହଞ୍ଚି ପାରିଥିଲେ। ସେ ଅଞ୍ଚଳର ନାମକରଣ କରିଥିଲେ ଉତ୍ତମାଶା ଅନ୍ତରୀପ (cape of good hope)। ସେମିତି ଇଟାଲୀର ନାବିକ କଲମ୍ବସ୍ ୧୪୯୨ ମସିହା ଅଗଷ୍ଟମାସରେ ଭାରତ ଅନୁସନ୍ଧାନରେ ଯାତ୍ରା ଆରମ୍ଭ କରି ଅକ୍ଟୋବର ମାସରେ ପହଂଚିଥିଲେ ଆମେରିକାର ବାହାମସ୍ ଠାରେ। ପରେ ପର୍ତ୍ତୁଗାଲର ନାବିକ ଭାସ୍କୋଡାଗାମା ୧୪୯୮ ମସିହାରେ ଭାରତକୁ ଆବିଷ୍କାର କରିଥିଲେ ଜଳପଥ। ଇଉରୋପରୁ ପୂର୍ବଦେଶମାନଙ୍କୁ ଜଳପଥର ଆବିଷ୍କାର ଫଳରେ ସାମୁଦ୍ରିକ ବ୍ୟାପାର ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଜ୍ଞାନବିଜ୍ଞାନ କ୍ଷେତ୍ରରେ ଆଦାନ ପ୍ରଦାନର ନୂଆ ସମ୍ଭାବନା ସୃଷ୍ଟିହେଲା।

ପ୍ରାଚ୍ୟ ସହ ପାଶ୍ଚତ୍ୟ ଯୋଡ଼ି ହେଲା ଜଳପଥରେ। ଇଟାଲୀ, ପର୍ତ୍ତୁଗାଲ, ହଲାଣ୍ଡ, ଇଂଲଣ୍ଡ ଓ ଫ୍ରାନ୍ସର ବଣିକମାନେ ପ୍ରାଚ୍ୟଦେଶର ବିଭିନ୍ନ ଭୂଖଣ୍ଡେ ନିଜର ବାଣିଜ୍ୟିକ ଉପନିବେଶ ଆରମ୍ଭର କଲେ। ଆସ୍ତେ ଆସ୍ତେ ସେଠାରେ ନିଜର ଶାସକୀୟ ନିୟନ୍ତ୍ରଣ ଆରମ୍ଭ କରିବା ସହ ଶେଷରେ ସମଗ୍ର ଦେଶକୁ ନିଜ ଶାସନାଧୀନ କଲେ। ଭାରତରେ ବାଣିଜ୍ୟ ପାଇଁ ଆସିଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ଥିଲା ସେମିତି ଏକ କମ୍ପାନୀ।

## ୧.୬ ଭାରତରେ ନବଜାଗରଣର ଆରମ୍ଭ ଓ ତା'ର ପ୍ରସାର

ଭାରତରେ ମହାଭାରତୀୟ ଜାତୀୟତାର ବୋଧ ନବଜାଗରଣର ଦାନ। ଏହି ନବଜାଗରଣରୁ ହିଁ ଭାରତରେ ଆରମ୍ଭହେଲା ଉପନିବେଶବାଦ ବିରୋଧୀ ସ୍ୱାଧୀନତା ଆନ୍ଦୋଳନ ଓ ଅଖଣ୍ଡ ଭାରତର ସ୍ୱପ୍ନ। ଇଂରେଜ ଓ ଅପର ଇଉରୋପୀୟ ବଣିକମାନେ ଭାରତକୁ ଆସିବାବେଳେ ଭାରତଥିଲା ପରସ୍ପର ଯୁଦ୍ଧରତ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ଏକ ବିଶାଳ ମହାଦେଶ। ବିଭିନ୍ନ ଭାଷାର ଭିନ୍ନତା, ଧାର୍ମିକ ବିଷମତା ସତ୍ତ୍ୱେ କେବଳ ସାଂସ୍କୃତିକ ସହାବସ୍ଥାନ ହିଁ ଭାରତକୁ ଏକାଠି ବାନ୍ଧି ରଖିଥିଲା। ଏ ବିଭିନ୍ନତାର ସୁଯୋଗ ନେଇ ଇଂରେଜମାନେ ଆସ୍ତେ ଆସ୍ତେ ସମଗ୍ର ଭାରତକୁ ନିଜ ନିୟନ୍ତ୍ରଣକୁ ନେବା ଆରମ୍ଭ କଲେ। ଜାତି, ଧର୍ମ, ଭାଷା, ସାମନ୍ତ ଓ ସାଧାରଣ ପରି ଅନେକ ବିବିଧତାରେ ପରିପୂର୍ଣ୍ଣ ଭାରତକୁ ଏକାଠି ଶାସନ କରିବା ସେମାନଙ୍କ ପାଇଁ ଥିଲା ବହୁ କଷ୍ଟକର ବ୍ୟାପାର। ଇଂଲଣ୍ଡରୁ ଇଉରୋପୀୟ ନବଜାଗରଣର ମନ୍ତ୍ରରେ ଦୀକ୍ଷିତ ହୋଇ ଆସିଥିବା ଅନେକ ତରୁଣ ପ୍ରଶାସକଙ୍କ ପାଇଁ ଏହା ହିଁ ଥିଲା ସବୁଠାରୁ ବଡ଼ ଆହ୍ୱାନ। ପ୍ରାଚୀନ ଭାରତର ସାଂସ୍କୃତିକ ଆତ୍ମାକୁ ଚିହ୍ନିବା ପାଇଁ ଏଣୁ ସେତେବେଳେ ସେମାନେ ଆରମ୍ଭ କଲେ ବିଭିନ୍ନ ପ୍ରଚେଷ୍ଟା।

ଇଉରୋପ ପରି ଭାରତରେ ମଧ୍ୟ ନବଜାଗରଣ ଏକ ଘଟଣା ନୁହେଁ, ଏହା ଏକ ପ୍ରଲମ୍ବିତ ପରିବର୍ତ୍ତନର ଧାରା। ସାମାଜିକ, ସାଂସ୍କୃତିକ, ଧାର୍ମିକ, ରାଜନୀତିକ ଓ ଅର୍ଥନୀତିକ କ୍ଷେତ୍ରରେ ନୂଆ ପରିବର୍ତ୍ତନକୁ ଆତ୍ମସ୍ଥକରି ଏହା ଊନବିଂଶ ଶତାବ୍ଦୀର ଆରମ୍ଭରୁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଯାଏଁ ପ୍ରବାହିତ ଓ ସଞ୍ଚରିତ। ରାଜା ରାମ ମୋହନ ରାୟ, ଡ଼େରୋଜିଓ, ଦେବେନ୍ଦ୍ରନାଥ ଠାକୁର, କେଶବ ଚନ୍ଦ୍ର ସେନ୍, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ପରି ମହାପୁରୁଷମାନଙ୍କ ନିଷ୍ପାପର ଉଦ୍ୟମ ଫଳରେ ଅନ୍ଧବିଶ୍ୱାସ, ସାମାଜିକ କୁସଂସ୍କାର ଦୂରୀଭୂତ ହୋଇ ନୂତନ ଏକ ମାନବବାଦୀ ଧର୍ମର ଭିତ୍ତିଭୂମି ପ୍ରଥମେ ପୂର୍ବ ଭାରତରେ ପଡ଼ିଥିଲା। ସମାନ୍ତରାଳ ଭାବରେ ଗୁଜୁରାଟରେ ଦୟାନନ୍ଦ ସରସ୍ୱତୀଙ୍କ ଆର୍ଯ୍ୟସମାଜ, ମହାରାଷ୍ଟ୍ରରେ ଜ୍ୟୋତିରାଓ ଗୋବିନ୍ଦ ରାଓ ଫୁଲେଙ୍କ ସତ୍ୟ ସାଧକ ସମାଜଙ୍କ ଓ ମହାଦେବ ଗୋବିନ୍ଦ ରାନାଡ଼େ, ଆରଜି ଭଣ୍ଡାରକରଙ୍କ ପ୍ରାର୍ଥନା ସମାଜ ପଶ୍ଚିମ ଭାରତରେ ସାମାଜିକ ଓ ଧାର୍ମିକ ଆନ୍ଦୋଳନର ଭିତ୍ତିଭୂମି ତିଆରି କରିଥିଲା। ଏ ସମସ୍ତ ଆନ୍ଦୋଳନ ପ୍ରାଚୀନ ଭାରତର ପ୍ରଥାବଦ୍ଧ କୁସଂସ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ସନାତନ ହିନ୍ଦୁଧର୍ମର ମୌଳିକ ସମନ୍ୱୟବାଦୀ ଦାର୍ଶନିକତା ପୂର୍ଣ୍ଣ ନୂତନ ଧର୍ମର ଅଭ୍ୟୁଦୟ ପାଇଁ ଚେଷ୍ଟିତ ଥିଲା।

ଭାରତୀୟ ପ୍ରାଚୀନ ଦର୍ଶନ ଓ ଆଧ୍ୟାତ୍ମବାଦୀ ତତ୍କାଳୀନ ଅନେକ ବିଦେଶୀ ଆଗନ୍ତୁକଙ୍କୁ ଆକୃଷ୍ଟ କଲା। ୧୮୭୫ ମସିହାରେ ରୁଷିଆର ଆଧ୍ୟାତ୍ମବାଦୀ Blavatsky ଓ ଆମେରିକାର Colonel olcott ସ୍ଥାପନ କେଲ ଥିଓସୋଫିକାଲ ସୋସାଇଟି। ଭାରତରେ ତାର ଏକ ଶାଖା ଗଢ଼ି ଉଠିଲା ମାଡ୍ରାସ ନିକଟବର୍ତ୍ତୀ ଆଦ୍ୟାର ଠାରେ ଆରିସ୍ ମହିଳା ଆନିବେସାନ୍ତ ୧୮୯୩ ମସିହାରେ ଭାରତ ଆସି ସେହି ଥିଓସୋଫିକାଲ ସୋସୋଇଟିରେ ନିଜର କର୍ମମୟ ଜୀବନ ଆରମ୍ଭ କଲେ। ପ୍ରାଚୀନ ଭାରତର ଧର୍ମ, ଦର୍ଶନ, ଜୀବେ ଦୟା ଓ ବିଶ୍ୱଭାତୃତ୍ୱ ସମଗ୍ର ପୃଥିବୀରେ ସମୟକ୍ରମେ ପ୍ରଚାରିତ ହେଲା। ଭାରତର ବୈଦିକ ଧର୍ମ, ନ୍ୟାୟ, ଦର୍ଶନ ଓ ଉପନିଷଦର ଆତ୍ମଜିଜ୍ଞାସା ଦେଶବିଦେଶରେ ପ୍ରଚାର ହେବା ସହ ବିଦେଶୀ ପଣ୍ଡିତମାନଙ୍କ ଦ୍ୱାରା ପ୍ରାଚୀନ ସଂସ୍କୃତ ଓ ସଂସ୍କୃତିର ଆଲୋଚନା ପାଇଁ ସମଗ୍ର ଇଉରୋପରେ ଆଗ୍ରହ ପ୍ରକାଶ ପାଇଲା।

ଠିକ୍ ସେମିତି ଇସଲାମ, ପାର୍ଶୀ ଓ ଶିଖ ଧର୍ମରେ ମଧ୍ୟ ସାମାଜିକ ଓ ଧାର୍ମିକ ସଂସ୍କାର ପାଇଁ ଆନ୍ଦୋଳନ ଆରମ୍ଭ ହେଲା। ଭାରତୀୟ ପ୍ରାଚୀନ ସଂସ୍କୃତି ଓ ବିଦେଶାଗତ ନୂତନ ସଂସ୍କୃତିର ସଂଘାତ ଓ ସଂଘର୍ଷରେ ନବଜାଗରଣର ନୂତନ ସ୍ୱରଝଙ୍କାର ସମଗ୍ର ଭାରତରେ ଆସ୍ତେ ଆସ୍ତେ ବାଜିଉଠିଲା। ଜାତି, ଧର୍ମ, ସମାଜ, ସଂସ୍କୃତି ଓ ମଣିଷ ମଣିଷ ମଧ୍ୟରେ ସଂପର୍କର ନୂତନ ଦୃଷ୍ଟିକୋଣରୁ ବିଚାରକରି ଆହରଣ ଓ ଉପେକ୍ଷା କରିବାର ପ୍ରବୃତ୍ତି ସୃଷ୍ଟିହେଲା। ନୂତନ ଶିକ୍ଷାର ବିକାଶ, ନୂତନ ଅର୍ଥବ୍ୟବସ୍ଥା, ଶାସନ ପଦ୍ଧତି, ସର୍ବୋପରି ଦେଶବିଦେଶର ଖବର ଭାରତୀୟ ଜନମାନସକୁ ଉନ୍ମୁକ୍ତ ଓ ଜାଗରୁକ କରିଦେଲା। ସମାଜ ଜୀବନରେ ଆସିଥିବା ଏହି ପରିବର୍ତ୍ତନରୁ ଆରମ୍ଭ ହେଲା ଆମର ଆଧୁନିକ ସାହିତ୍ୟ। ଏଣୁ ଏହା ଅଳ୍ପ ବିଦ୍ରୋହୀ ପୁଣି ଅଳ୍ପ ସମନ୍ୱୟବାଦୀ। ଏ ସାହିତ୍ୟରେ ଭାରତର ଜୟଗାନ ଯେମିତି କରାଯାଇଛି ସେମିତି ରହିଛି ବିଦେଶାଗତ ପାଶ୍ଚାତ୍ୟ ସଂସ୍କୃତିକୁ ଆମନ୍ତ୍ରଣ କରିବାର ଅଭୀପସା। ଓଡ଼ିଆ ଆଧୁନିକ ସାହିତ୍ୟର ମୁଳ ଭିତ୍ତିଭୂମି ସହ ଜଡ଼ିତ ପାଶ୍ଚାତ୍ୟ ନବଜାଗରଣେ ପ୍ରତିଧ୍ୱନି ଓ ସମଗ୍ର ଭାରତରେ ସେ କାଳରେ ଘଟିଥିବା ଧାର୍ମିକ ଓ ସାମାଜିକ ସଂସ୍କାରର ଆଦ୍ୟ ଓଁକାର।

## ୧.୭ ଓଡ଼ିଶାରେ ନବଜାଗରଣ ଓ ଓଡ଼ିଆ ସାହିତ୍ୟରେ ତା'ର ପ୍ରକାଶ

ପଞ୍ଚଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀଯାଏଁ ଚାରି ଶତାବ୍ଦୀ ଧରି ଇଉରୋପରେ ଚାଲି ଥିବା ନବଜାଗରଣ ଓ ଉନବିଂଶ ଶତାବ୍ଦୀରେ ଭାରତର ବିଭିନ୍ନ ପ୍ରାନ୍ତରରେ ଘଟୁଥିବା ନବଜାଗରଣର ପ୍ରଭାବ ଓଡ଼ିଶାରେ ଅନୁଭୂତ ହେଲା ଉନବିଂଶ ଶତାବ୍ଦୀର ପ୍ରାରମ୍ଭରୁ। ଇଂରେଜମାନେ ଓଡ଼ିଶା ଅଧିକାର କରିବା ଆଗରୁ ଲନ୍ଦାଜ ଓ 'ରାସୀ ବଣିକମାନଙ୍କ ମାଧ୍ୟମରେ ଓଡ଼ିଶାର ଜନସାଧାରଣ ଅନେକ ବିଦେଶୀ ବସ୍ତୁ ଓ ବିଷୟ ସହ ପରିଚିତ ହୋଇଥିଲେ। ପରିଚିତ କିନ୍ତୁ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ସୀମିତ ଥିଲା। ଇଂରେଜମାନଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶ ଓ ଶାସନରୁ ଓଡ଼ିଆଙ୍କ ମାନସଭୂମିରେ ନୂଆ ଏକ ସାଂସ୍କୃତିକ ଅଭ୍ୟୁଦୟର ଆରମ୍ଭ ହେଲା। ଏଥିରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥିଲେ ଓଡ଼ିଶାରେ ନୂତନଭାବେ ବଂଗଦେଶରୁ ଆସି ବସବାସ କରୁଥିବା ଶିକ୍ଷିତ ବଂଗୀୟ ସମାଜ। ବ୍ୟକ୍ତି ଜାତି ତଥା ସମାଜର କଲ୍ୟାଣ ସାଧନ ପାଇଁ ଏ କାଳରେ ଶାସକଙ୍କ ସହ ଜନସାଧାରଣ ମଧ୍ୟ ସହଭାଗୀ ହୋଇପଡ଼ିଲେ। ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ସାଧାରଣ ମଣିଷର ମଧ୍ୟ ଭୂମିକା ରହିଛି, ଏମିତି ଏକ ନୂଆ ପ୍ରତ୍ୟୟ ଲୋକଙ୍କ ଭିତରେ ଆସ୍ତେ ଆସ୍ତେ ପ୍ରତିଷ୍ଠିତ ହେଲା। ଶାସନର ସୁପରିଚାଳନା ପାଇଁ ବହୁଲୋକଙ୍କର ସାହାଯ୍ୟ ଓ ସହଯୋଗ ଆବଶ୍ୟକ ଘଟିଲା। ଆଧୁନିକା ଶିକ୍ଷା ଫଳରେ ଓ ମୁଦ୍ରଣ ଶିଳ୍ପର ପ୍ରସାରହେତୁ ପତ୍ରପତ୍ରିକା ଓ ଆଲୋଚନା ସଭା ମାଧ୍ୟମରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସାମୂହିକ ଉନ୍ନତି ସୁଶାସନ ଓ ପ୍ରଜାମଙ୍ଗଳ ସମ୍ପର୍କରେ ଜନମତ ପ୍ରକାଶ ପାଇଲା।

ଓଡ଼ିଶାରେ ନବଜାଗରଣ ସହ ଯୋଡ଼ି ହୋଇଗଲା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ। ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୟ ବୃତ୍ତିଗତ ସୁବିଧା ପାଇଁ କହୁଥିବା କେତେଜଣ ବଙ୍ଗୀୟ ନୂତନ ଆଗତ କର୍ମଚାରୀଙ୍କ ସହ ଓଡ଼ିଶାର ନୂତନ ସୃଷ୍ଟ ଶିକ୍ଷିତ ଶ୍ରେଣୀର ବୌଦ୍ଧିକ ସଂଘର୍ଷ ଘଟିଲା। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପ୍ରାଚୀନ ଗ୍ରନ୍ଥର ଉଦ୍ଧାର, ନୂତନ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ଓଡ଼ିଆ ଭାଷାରେ ନବୀନ ରୁଚିର ସାହିତ୍ୟ ସୃଷ୍ଟି ମନେ ହେଲା ତାତ୍‌କାଳିନ ଆବଶ୍ୟକତା ପୂର୍ତ୍ତିପାଇଁ ପ୍ରଥମ ଆହ୍ୱାନ। ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ମୁଦ୍ରାମନ୍ତ୍ର ଅଧିକ ସହାୟକ ହେଲା। ପୁଣି ଭାଷାର ମୌଳିକ ସ୍ୱରୂପ ଉଦ୍‌ଘାଟନ ପାଇଁ ବ୍ୟାକରଣ ଓ ଅଭିଧାନ ରଚନା ନୂଆ ଭାବରେ ପ୍ରଚେଷ୍ଟା ଆରମ୍ଭ ହେଲା ଏହାକୁ ପୃଷ୍ଠଭୂମି ଯୋଗାଇଲା ନୂତନ ଶିକ୍ଷାବ୍ୟବସ୍ଥା। ଇଂରାଜୀ ସାହିତ୍ୟର ଓ ବଙ୍ଗଳା ସାହିତ୍ୟର ସାହିତ୍ୟଦର୍ଶ ଅନୁକରଣରେ ଆରମ୍ଭ ହେଲା। ନୂଆ ଆଧୁନିକ ଓଡ଼ିଆ ସାହିତ୍ୟ। ଓଡ଼ିଶାରେ ନବକାରଣର ବୋଧର ଏଣୁ ଅନ୍ୟତମ ପ୍ରଧାନ ଦିଗ ହେଉଛି : ମାତୃଭାଷା ଓ ମାତୃଭୂମିର ଜୟଗାନ। ଏହା କେବଳ ସାହିତ୍ୟିକ ଉପାଦାନ ନ ହୋଇ ସେ କାଳର ସାହିତ୍ୟିକମାନଙ୍କର ଜୀବନାଦର୍ଶ ହୋଇପଡ଼ିଛି। ଏ କବିତାମାନଙ୍କୁ ପଢ଼ିଲେ ଆମେ ତାହା ସହଜରେ ବୁଝିପାରିବା।

## ୧.୮ ଉନବିଂଶ ଶତାବ୍ଦୀର ଓଡ଼ିଶା ଓ ତା'ର ସାମାଜିକ ପୃଷ୍ଠଭୂମି

"ଇଂରେଜମାନଙ୍କ ଓଡ଼ିଶା ଅଧିକାର ସାଧାରଣ ଭାବେ ଏକ ରାଜନୈତିକ ଘଟପରିବର୍ତ୍ତନର ଦ୍ୟୋତକ ନୁହେଁ, ତାହା ଓଡ଼ିଶାର ଏକ ନୂତନ ସାମାଜିକ, ଅର୍ଥନୈତିକ, ଧର୍ମଗତ ଜୀବନ ଓ ଚିନ୍ତାଧାରାର ପ୍ରବର୍ତ୍ତକ, ପ୍ରତିଷ୍ଠାପକ ମଧ୍ୟ। ଓଡ଼ିଆ ଜାତିର ପ୍ରାଣପ୍ରବାହ ଓ ମାନସିକ ପରିବେଶ ସମୟକ୍ରମେ ଏଇ ନବଚିନ୍ତା ସ୍ରୋତଦ୍ୱାରା

ନୂତନ ଭାବେ ସଂଗଠିତ ଓ ପରିପୁଷ୍ଟ ହୋଇଥିଲା । ଓଡ଼ିଆଜାତିର ଏକ ନୂତନସୃଷ୍ଟ ଚିତ୍ତବୃତ୍ତି ଉପରେ ଆଧୁନିକ ସାହିତ୍ୟ ପ୍ରତିଷ୍ଠିତ ।" (ସମାନ୍ତରାୟ : ୨୦୧୭ : ୧) ନଟବର ସାମନ୍ତରାୟଙ୍କୁ ଏଇ ଉକ୍ତିରୁ ତିନୋଟି କଥା ସ୍ପଷ୍ଟ । ପ୍ରଥମତଃ ରାଜନୀତିକ ପରିବର୍ତ୍ତନ ସାମାଜିକ । ଅର୍ଥନୀତିକ ଓ ଧର୍ମଗତ ଜୀବନରେ ନୂତନତା ଆଣିଲା । ଦ୍ୱିତୀୟତଃ ଏ ସମସ୍ତ କ୍ଷେତ୍ର ଆସିଥିବା ନୂତନତାରୁ ଓଡ଼ିଶାର ନବଚିନ୍ତାର ସ୍ରୋତ ପ୍ରବାହିତ ହେଲା । ତୃତୀୟତଃ ଆଧୁନିକ ସାହିତ୍ୟ ଏହି ନୂତନ ଚିତ୍ତ ବୃତ୍ତିର ଫଳ । ସଂଗ୍ରାମ, ସାମାଜିକ, ଅର୍ଥନୀତିକ ଓ ଶାସକୀୟ ପରିବର୍ତ୍ତନ ସହ ନୂତନ ଧର୍ମ ବ୍ୟବସ୍ଥାର ପ୍ରଚ୍ଚର ମିଶି ଲୋକ ମନରେ ପ୍ରତୀତ ହେଲା ଏହା ହିଁ ଓଡ଼ିଶାର ଶାସନ ବ୍ୟବସ୍ଥାର ପରିବର୍ତ୍ତନର ପ୍ରଥମ ପ୍ରଭାବ ପଡ଼ିଥିଲା ସାଧାରଣ ଚାଷୀ ଓ ଜମିଦାରମାନଙ୍କ ମଧ୍ୟରେ । ୧୮୦୪ ମସିହାରେ ଯେଉଁ ଜମି ବନ୍ଦୋବସ୍ତ ଆରମ୍ଭ ହେଲା, ତାହାଦ୍ୱାରା ଦରିଦ୍ର କୃଷକମାନେ କରଭାରରେ ନିଷ୍ପେସିତ ହେବାକୁ ଲାଗିଲେ । ୧୮୧୯ ବେଳକୁ ନଅ ଥର ବନ୍ଦୋବସ୍ତ ହୋଇସାରିଥିଲା ଏବଂ ପ୍ରତିଥର ଜମିଦାରୀ ସବୁ କଲିକତାରେ ନିଲାମ ହେଉଥିଲା । ପାରମ୍ପରିକ ଜମିଦାର, ଯେଉଁମାନେ ବୃତ୍ତିଭୋଗୀ ଥିଲେ ଓ ରାଜାଙ୍କୁ ସାମରିକ ସାହାଯ୍ୟ କରୁଥିଲେ ସେମାନଙ୍କ ହାତରୁ ଜମିଦାରୀ ଚାଲିଯାଇ ବଙ୍ଗାଳୀ ଓ ଅନ୍ୟାନ୍ୟ ବିଦେଶୀଲୋକଙ୍କ ହାତରେ ରହିଲା, ଏ ନୂତନ ସୃଷ୍ଟି ଜମିଦାର ଶ୍ରେଣୀ ପ୍ରଜାଙ୍କ ହିତଠାରୁ ଅର୍ଥ ସଂଗ୍ରହ ଓ ବିଳାସ ବ୍ୟସନରେ ଅଧିକ ଲିପ୍ତ ଥିଲେ । ଫଳରେ ଶାସକ ଓ ଶାସିତଙ୍କ ମଧ୍ୟରେ ନୂତନ ସନ୍ଦେହ ଓ ଘୃଣା ବଢ଼ିଲା ।

ବଙ୍ଗ ଦେଶର ପ୍ରଚଳିତ ନିୟମ କାନୁନ ଓଡ଼ିଶାରେ ପ୍ରଚଳିତ ହେଲା । ନୂତନ ଶିକ୍ଷିତ ବଂଗୀୟ ଯୁବକମାନଙ୍କ ପାଇଁ ଓଡ଼ିଶାରେ ଜୀବିକା ନିର୍ବାହର ନୂଆ ଏକ ରାସ୍ତା ଖୋଲିଗଲା । ଓଡ଼ିଶା ବିଜୟ ପରେ ଓଡ଼ିଶାରେ ଲୋକମାନଙ୍କୁ ଶାସନବ୍ୟବସ୍ଥାରେ ନରଖି ଭାଷା, ଆଇନ୍ ଓ ଶିକ୍ଷାର ସୁବିଧା ଦୃଷ୍ଟିରୁ ଇଂରେଜମାନେ ବଙ୍ଗାଳୀମାନଙ୍କୁ ହିଁ ଏ ଦାୟିତ୍ୱ ଦେଲେ । ଫଳରେ କମ୍ପାନୀର ଇଂରେଜମାନେ ଓ ଅଣଓଡ଼ିଆ କର୍ମଚାରୀ ସମଗ୍ର ଓଡ଼ିଆ ଜନତାର ଭାଗ୍ୟ ନିୟାମକ ହୋଇପଡ଼ିଲେ । ଓଡ଼ିଶାରେ ଘଟିଥିବା ପାଇକ ବିଦ୍ରୋହ ଓ ନଅଙ୍କ ଦୁର୍ଭିକ୍ଷ, ଏହାର ହିଁ କୁପରିଣତି ।

କଉଡ଼ି ପରବର୍ତ୍ତେ ନୂତନ ପ୍ରବର୍ତ୍ତିତ ମୁଦ୍ରାର ବ୍ୟବହାର, ନବ ପ୍ରବର୍ତ୍ତି ଲବଣ ଆଇନ (୧୮୧୪), ବିଦେଶୀ କର୍ମଚାରୀଙ୍କ ଚରମ ଶୋଷଣ, ପାରମ୍ପରିକ ଜମିଦାରୀ ପ୍ରଥାର ଉଚ୍ଛେଦ ହେତୁ ଇଂରେଜ ଶାସନର ପ୍ରଥମ ଚଉଦବର୍ଷ ପରେହିଁ ଘଟିଥିଲା ଐତିହାସିକ ପାଇକ ବିଦ୍ରୋହ (୧୮୧୭) । ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ଜୀବନଧାରା କିପରି ବିପନ୍ନ ହୋଇପଡ଼ିଲା, ଏ ବିଦ୍ରୋହ ତାର ପ୍ରତିକ୍ରିୟା । ଘୁମୁସରର କନ୍ଧମେଳି, ଖୋର୍ଦ୍ଧାର ପାଇକ ବିଦ୍ରାହ, ସମ୍ବଲପୁରର ସୁରେନ୍ଦ୍ର ସାଏଙ୍କ ଉଲଗୁଲାନ୍, କଳାହାଣ୍ଡିର ରେଣ୍ଡୋମାଝି ପରି ସମସ୍ତ ଆଞ୍ଚଳିକ ବିଦ୍ରୋହ ଓ ବିପ୍ଳବର ମୂଳରେ ରହିଥିଲା ଇଂରେଜମାନଙ୍କ ଅପଶାସନ ଓ ରାଜ୍ୟ ଅପହରଣର ଚକ୍ରାନ୍ତ । ଅତ୍ୟାଚର ଜର୍ଜରିତ ସମଗ୍ର ଓଡ଼ିଶାର ଦୀର୍ଘ ଅର୍ଦ୍ଧଶତାବ୍ଦୀ ଯାଏଁ (୧୮୧୭-୧୮୬୫) ଲାଗି ରହିଥିଲା ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ । ଏହି ଅଦ୍ଧଶତାବ୍ଦିର ଇତିହାସ ହେଉଛି ଓଡ଼ିଆ ଜନଜୀବନର ଚରମ ଦୁର୍ଦ୍ଦିନର କାଳ ।

ନଅଙ୍କ ଦୁର୍ଭିକ୍ଷ (୧୮୬୬) ଇଂରେଜ ଓ ବିଦେଶୀ ରାଜକର୍ମଚାରୀମାନଙ୍କ କୁଶାସନର ଅନ୍ୟତମ କୁପରିଣତି । ଖାଦ୍ୟ ସାମଗ୍ରୀର ବିଷମ ବଣ୍ଟନ ପୁଣି ପରିସ୍ଥିତିର ଅନୁଧାନରେ ବିଫଳତା ସର୍ବୋପରି ସ୍ଥାନୀୟ ଜମିଦାର ଓ ଅଫିସରମାନଙ୍କ ଅପରିଣାମଦର୍ଶିତା ଓଡ଼ିଶା ଗଣ ଜୀବନରେ ଏ ବିପତ୍ତି ସୃଷ୍ଟିକଲା । ଅଥଚ ନଅଙ୍କ ଦୁର୍ଭିକ୍ଷ ଖ୍ରୀଷ୍ଟଧର୍ମ

ପ୍ରଚାର ଓ ପ୍ରସାର ପାଇଁ ଏକ ସୁଯୋଗ ଆଣିଦେଲା। ଛତରରେ ଖାଇ ଅନେକ ଲୋକ ଜାତି ହରାଇଲେ। ସାମାଜିକ ଜୀବନର ଏହି ଦୁଃଖ ଦୁର୍ଦ୍ଦଶାରୁ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ନୂଆ ଆଶା ଓ ଆଲୋକ ନେଇ ନବଜାଗରଣ ଆରମ୍ଭହେଲା। ପାଇକ ବିଦ୍ରୋହ ଓ ନଅଙ୍କ ଦୁର୍ଭିକ୍ଷ ପରେ ପରେ ୧୮୬୬ ମସିହାରେ ପ୍ରକାଶିତ ଉତ୍କଳ ଦୀପିକାର ଆବିର୍ଭାବ ଆକସ୍ମିକ ନୁହେଁ, ଅବଦମିତ ଜନଚିତ୍ତର ବହିଃସ୍ଫୁରଣ ଯାତ୍ରା। ଆଧୁନିକ ଶିକ୍ଷାରେ ଶିକ୍ଷିତ ନୂତନ ମଧ୍ୟବିତ୍ତ ଶ୍ରେଣୀ ଦ୍ୱାରା ଏହା ସୃଷ୍ଟ ପୁଣି ସେମାନଙ୍କ ଦ୍ୱାରା ପ୍ରସାରିତ। ଯୁବଶକ୍ତିର ଅଭ୍ୟୁଦୟ ହେତୁ ସଚେତନ ଆଧୁନିକ ସାହିତ୍ୟ ସଭା ଓ ସଂଗଠନ ମାଧ୍ୟମରେ ଓଡ଼ିଶାରେ ନୂତନ ସାମାଜିକ ପରିବର୍ତ୍ତନର ସୂତ୍ରପାତ ଘଟିଲା।

ନୂତନ ସାମାଜିକ ଜୀବନରେ ମିଶ୍ନାରୀ ଓ ବ୍ରାହ୍ମଧର୍ମ ପରିବର୍ତ୍ତନର ନେତୃତ୍ୱ ଗ୍ରହଣ କଲା। ଖ୍ରୀଷ୍ଟିୟାନ ସମାଜ ଓ ବ୍ରାହ୍ମସମାଜ ସାମାଜିକ ଆଚାର ବ୍ୟବହାର, ରୀତିନୀତି ଓ ବ୍ୟକ୍ତିର ଜୀବନଧାରା ମଧ୍ୟରେ ଅନେକ ପରିବର୍ତ୍ତନର ବୀଜ ବପନ କଲେ। ବିଦ୍ୟାଳୟ ସ୍ଥାପନ, ପାଠ୍ୟପୁସ୍ତକ ମାଧ୍ୟମରେ ନୂତନ ରୁଚିର ପ୍ରଚାର ପାରଂପରିକ ପ୍ରଥାବଦ୍ଧ ସାମାଜିକ ଜୀବନରେ ନୂତନ ଆଲୋଡ଼ନ ସୃଷ୍ଟିକଲା। ଓଡ଼ିଶାରେ ଖ୍ରୀଷ୍ଟିୟାନ ମିଶ୍ନାରୀମାନଙ୍କ ଚକ୍ଷୁରେ ଜଗନ୍ନାଥଙ୍କ ପୌତ୍ତଳିକତା, ତାଙ୍କ ଛପନଭୋଗ, ମହାପ୍ରସାଦ ସର୍ବପାପାହରଣ କ୍ଷମତା, ଶହ ଶହ ରାନ୍ଧୁଣିଆ ଉପହାସର ସାମଗ୍ରୀ ଥିଲା। ଜନମାନସରେ ଓଡ଼ିଶାର ପରମପୂଜ୍ୟ ଜଗନ୍ନାଥଙ୍କୁ ନିନ୍ଦିତ କରିବାଦ୍ୱାରା ପୌତ୍ତଳିକତାର ପତନ ଓ ଖ୍ରୀଷ୍ଟଧର୍ମର ଆଧିପତ୍ୟ ସ୍ଥାପନ ପାଇଁ ଆରମ୍ଭ ହୋଇଥିବା ପ୍ରଚେଷ୍ଟା ନ' ଅଙ୍କ ଦୁର୍ଭିକ୍ଷ ପରେ ପରେ ତୀବ୍ରତର ହେଲା।

ଓଡ଼ିଶାର ସଂସ୍କୃତି, ଇତିହାସ ଓ ସାମାଜିକ ଜୀବନ ସଂପର୍କରେ ବିଦେଶୀ ପ୍ରଶାସକମାନଙ୍କ ଦ୍ୱାରା ରଚିତ ପୁସ୍ତକ ପାଶ୍ଚାତ୍ୟ ରୁଚିବୋଧ ଓ ସଭ୍ୟତା ପ୍ରଣୋଦିତ ଦୃଷ୍ଟିଭଙ୍ଗୀରୁ ରଚିତ ହେଲା। ଏ ସମସ୍ତ ରଚନାରେ ଓଡ଼ିଆ ଜାତୀୟ ଜୀବନକୁ ଘୃଣ୍ୟରୂପେ ଆଲୋଚନା କରାହେଲା। ସଟର୍ନ କହିଥିଲେ "ଏଇ ବିରାଟ ଅଶ୍ଳୀଳ ଓ ଘୃଣିତ ଜଗନ୍ନାଥଙ୍କର ପତନ ସୁନିଶ୍ଚିତ। ହୁଏତ, ଆମର ସଂଗ୍ରାମ ଦୀର୍ଘସମୟ ବ୍ୟାପୀ ଓ ସଂଘର୍ଷ ତୀବ୍ରତର ହୋଇପାରେ, କିନ୍ତୁ ସେ ନିଶ୍ଚୟ ଧ୍ୱଂସପ୍ରାପ୍ତ ହେବେ।" (ସାମନ୍ତରାୟ ୨୦୧୭-୨୫) ରଥଯାତ୍ରା ବେଳେ ଦଇତାମାନଙ୍କ କମୋଦ୍ଦୀପକ ଅଭିନୟ ଓ ଅଶ୍ଳୀଳ ଗୀତଗାନ ଓ ଅନ୍ୟଲୋକମାନଙ୍କ ସେଥିରେ ଅପୂର୍ବ ଆନନ୍ଦ ଉପଭୋଗ ସଟର୍ନ ସାହେବଙ୍କୁ ଚକିତ ଓ ବିଚଳିତ କରିଥିଲା। କୋଣାର୍କର ଅଶ୍ଳୀଳ ଚିତ୍ର, ଲିଙ୍ଗପୂଜାରେ ନିହିତ ଅଶ୍ଳୀଳତା, ମିଶନାରୀ ମାନଙ୍କୁ ମନେ ହୋଇଥିଲା, ଏ ସମସ୍ତ ହିଁ ଓଡ଼ିଆ ଜାତିର ନୈତିକ ଅଧଃପତନର କାରଣ।

ଖ୍ରୀଷ୍ଟଧର୍ମ ପ୍ରଚାରକମାନଙ୍କ ପ୍ରଧାନ ଲକ୍ଷ୍ୟ ଥିଲା ହିନ୍ଦୁଧର୍ମ ଓ ହିନ୍ଦୁ ଦେବଦେବୀମାନଙ୍କୁ ନିଷ୍ଠୁର ଓ ନିଃସଙ୍କୋଚ ଭାବରେ ଆକ୍ରମଣ। ନିର୍ଦ୍ଦୟ ସମାଲୋଚନା ପୁଣି ଶାସକୀୟ ପୃଷ୍ଠପୋଷକତା ଲାଭକରୁଥିବା ଇଂରେଜ ଶାସନ ଗୋଷ୍ଠୀର ଭର୍ତ୍ସନା ଶୁଣି ଶୁଣି ଓଡ଼ିଆ ଜନଜୀବନରେ ଚହଳ ସୃଷ୍ଟିହେଲା। ବହୁଦିନ ଧରି ପରପଦାନତ ପତନଶୀଳ, କ୍ଷୟିଷ୍ଣୁ ସମାନ୍ତବାଦୀ ସମାଜରେ ଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଜନସାଧାରଣ ଯୁକ୍ତି ଓ ବିଚାରଦୃଷ୍ଟିରୁ ପୁନଃମୂଲ୍ୟାୟନ କଲେ। ବାଲ୍ୟବିବାହ, ଶିଶୁହତ୍ୟା, ନରବଳି ବା ମେରିଆ ପ୍ରଥା, ସତୀଦାହ, ଜାତିଭେଦ, ଧର୍ମସାଧନା ନାମରେ

ଶାରୀରିକ କଷ୍ଟ, ଯାଗ, ଯଜ୍ଞ, ପୂଜା ଇତ୍ୟାଦି ପ୍ରତି ଏକ ଅନ୍ତଃସନ୍ଦେହ ନୂତନ ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରେ ସୃଷ୍ଟିପାଇଁ ଏହି ପ୍ରଚାର ସକ୍ଷମ ହେଲା । ଓଡ଼ିଶାରେ ମେରିଆ ପ୍ରଥାର ବିଲୋପ ପାଇଁ ୧୮୪୨ ମସିହାରେ ମାନ୍ଦ୍ରାସ ଗଭର୍ଣ୍ଣର ଲର୍ଡ ଏଲିଫିନ୍‌ଷ୍ଟୋନ୍ କେମ୍ବେଲ ସାହେବଙ୍କୁ ପଠେଇଥିଲେ । ଲର୍ଡ ଉଇଲିୟମ୍ ବେଣ୍ଟିକ୍ ସତୀଦାହ ଓ ମେରିଆ ପ୍ରଥା ପରି ଆସାମାଜିକ କୁସଂସ୍କାର ବିରୁଦ୍ଧରେ ଆଇନ ପ୍ରଣୟନ କରିଥିଲେ । ପ୍ରତ୍ୟକ୍ଷ ରୂପରେ ଓଡ଼ିଶାର ସାଧାରଣ ଜନଜୀବନରେ ଏ ସମସ୍ତ ପ୍ରଭାବ ବିସ୍ତାର କରିଥିଲା । ଓଡ଼ିଶାର ସାମାଜିକ ଜୀବନକୁ କ୍ରମେ କ୍ରମେ ରୂପାନ୍ତରିତ କରିବାରେ ସହାୟକ ହୋଇଥିଲେ ।

ଓଡ଼ିଶାର ଧାର୍ମିକ ଜୀବନକୁ ପ୍ରଭାବିତ କରିବାପାଇଁ ଏବଂ ଧର୍ମସ୍ଥଳମାନଙ୍କୁ ସୁପରିଚାଳନା ନାମରେ ଯାତ୍ରୀକର ଆଦାୟ କରାଯାଉଥିଲା । ଇଂରେଜମାନେ ଏହା ମାଧ୍ୟମରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାକୁ ନିୟନ୍ତ୍ରଣ କରିବା ସହ ମନ୍ଦିର ପରିଚାଳନାରେ ହସ୍ତକ୍ଷେପ କରୁଥିଲେ । ପରେ ୧୮୩୩ ମସିହାରେ ଇଂଲଣ୍ଡର ସରକାର ଯଦିଓ ମନ୍ଦିରର ଅନ୍ତଃ ପରିଚାଳନା ଓ ଯାତ୍ରୀକର ଆଦାୟ ସଂପର୍କରେ ରହିତାଦେଶ ପ୍ରଦାନ କରିଥିଲେ । ଧର୍ମୀୟ ବ୍ୟବସ୍ଥା ବିରୁଦ୍ଧରେ ଅପପ୍ରଚାର ଆରମ୍ଭକରି ମିଶନାରୀମାନେ ଚାହୁଁଥିଲେ, ଓଡ଼ିଶାରେ ଖ୍ରୀଷ୍ଟଧର୍ମର ପ୍ରଚାର । ଇଂରେଜମାନେ ଶିକ୍ଷିତ ଲୋକଙ୍କଠାରୁ ସାମାଜିକ ସଂସ୍କାର ପାଇଁ ସହଯୋଗ ଓ ସହାନୁଭୂତି ଲାଭ କରୁଥିଲେହେଁ ଧର୍ମକ୍ଷେତ୍ରରେ ଦେବଦେବୀ ନିନ୍ଦାକୁ ସାଧାରଣ ଜନତା ସହଜରେ ଗ୍ରହଣ କରିପାରୁ ନଥିଲେ । ଫଳରେ ଧର୍ମ ପରିବର୍ତ୍ତନ ବେଳେ ନୂତନ ଶିକ୍ଷିତଗୋଷ୍ଠୀ କୁଣ୍ଠିତ ହେଲାବେଳେ ଧାର୍ମିକ ଓ ସାମାଜିକ ସଂସ୍କାର ପାଇଁ ସେମାନେ ସଚତ ଚେଷ୍ଟିତ ଥିଲେ । ବଙ୍ଗ ଦେଶରୁ ଆଗତ ନୂତନ ସୃଷ୍ଟ ବ୍ରାହ୍ମଧର୍ମ ସେମାନଙ୍କୁ ଏ ଦିଗରେ ସହାୟତା ପ୍ରଦାନ କଲା । ଫଳରେ ନୂତନ ଶିକ୍ଷିତ ଓଡ଼ିଆମାନଙ୍କ ମଧ୍ୟରେ ବ୍ରାହ୍ମଧର୍ମ ପ୍ରତି ଉନ୍ମୁଖତା ପ୍ରକାଶ ପାଇଲା ।

ରାଜା ରାମମୋହନ ରାୟ ଭାରତରେ ପ୍ରାଚୀନ ଏକେଶ୍ୱରବାଦର ନୂତନ ବାୟୁମଣ୍ଡଳ ପ୍ରତିଷ୍ଠା କରିଥିଲେ । ଦେବେନ୍ଦ୍ରନାଥ, ଅକ୍ଷୟ ଚନ୍ଦ୍ର ଓ କେଶବ ଚନ୍ଦ୍ର ସେନଙ୍କ ମାଧ୍ୟମରେ ଏହା ଆସ୍ତେ ଆସ୍ତେ ଏକ ସଂସ୍କାରଧର୍ମୀ ହିନ୍ଦୁ ଧର୍ମର ନୂତନ ପନ୍ଥାରୂପେ ଆବିର୍ଭୂତ ହେଲା । ବ୍ରାହ୍ମଧର୍ମର ଦୀକ୍ଷାଗ୍ରହଣ ପଦ୍ଧତି ଆର୍ଯ୍ୟଧର୍ମରୁ ମନ୍ତ୍ର ଆହରଣ, ଉପାସନା ପଦ୍ଧତି, ବ୍ରାହ୍ମ ସଂଗୀତ, ବ୍ରାହ୍ମ ସମାଜ ସ୍ଥାପନ ମାଧ୍ୟମରେ ଆସ୍ତେ ଆସ୍ତେ ବ୍ରାହ୍ମଧର୍ମ ଏକ ବିଶିଷ୍ଟ ଧର୍ମାନୁଷ୍ଠାନରେ ପରିଣତ । ହେଲା । ଏହା ଭାରତୀୟ ଆର୍ଯ୍ୟ ଋଷିମାନଙ୍କ ଉପାସନା ପଦ୍ଧତିର ନିକଟବର୍ତ୍ତୀ ହେଲେ ହେଁ କେଶବ ଚନ୍ଦ୍ରସେନ ଖ୍ରୀଷ୍ଟିୟାନ ଧର୍ମ ଓ ପୃଥିବୀର ଅନ୍ୟାନ୍ୟ ଧର୍ମମାନଙ୍କୁ ଗଭୀର ଭାବେ ଅନୁଧ୍ୟାନ କରି ଏହାକୁ ଏକ ଉଦାର ଓ ସର୍ବଧର୍ମ ସମନ୍ୱୟ କ୍ଷେତ୍ର ଭାବରେ ଗଢ଼ିବାକୁ ଚେଷ୍ଟା କରିଥିଲେ । ବ୍ରାହ୍ମଧର୍ମ ଥିଲା ଊନବିଂଶ ଶତକର ଧର୍ମ, ସମାଜ ଓ ସାଂସ୍କୃତିକ ସଂଗଠନ କ୍ଷେତ୍ରରେ ଏକ ନୂତନ ପରୀକ୍ଷା ଓଡ଼ିଶାରେ ସୁରାପାନ ନିବାରଣ, ବାଲ୍ୟ ବିବାହ ବିରୋଧ, ବିଧବା ଓ ଅସବର୍ଣ୍ଣ ବିବାହ ପ୍ରଭୃତି ସାମାଜିକ ସଂସ୍କାର କ୍ଷେତ୍ରରେ ବ୍ରାହ୍ମସମାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ବିଶେଷ କରି ବ୍ୟକ୍ତି ଜୀବନରେ ନୀତି ଓ ଆଦର୍ଶ ପାଳନ ପାଇଁ ଏହା ସମସ୍ତଙ୍କ ପ୍ରବର୍ତ୍ତାଇବାରେ ସହାୟକ ହୋଇଥିଲା । ବିଶେଷ କରି ବ୍ୟକ୍ତି ଜୀବନରେ ନୀତି ଓ ଆଦର୍ଶ ପାଳନ ଏହା ସମସ୍ତଙ୍କୁ ପ୍ରବର୍ତ୍ତାଇବାରେ ସହାୟକ ହୋଇଥିଲା ।

ଓଡ଼ିଶାରେ ବ୍ରାହ୍ମସମାଜ ଥିଲା ନବବିଧାନ ଓ ନବଜାଗରଣର ବାର୍ତ୍ତାବହ। ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଉଭୟ ବଙ୍ଗାଳୀ ଓ ଓଡ଼ିଆ ନବଶିକ୍ଷିତ ସଭ୍ୟସମାଜରେ ବ୍ରାହ୍ମଧର୍ମର ଆଦୃତି ବଢ଼ିବଢ଼ି ଚାଲିଥିଲା। ପତ୍ରପତ୍ରିକା ସଂପାଦନା, ସଭାସମିତି ଓ ସଂଗଠନ ମାଧ୍ୟମରେ ବ୍ରାହ୍ମଧର୍ମ ଓଡ଼ିଶାର ପୁରପଲ୍ଲୀରେ ସାମାଜିକ ସଂସ୍କାର ଓ ନୂତନଧର୍ମର ସମ୍ଭାବନା ପ୍ରଚାର କରୁଥିଲା। ପୁଣି ଶିକ୍ଷା, ସେବା, ଭାତୃତ୍ୱ ଓ ପରସ୍ପର ସମନ୍ୱୟର କ୍ଷେତ୍ରରେ ସମାଜରେ ବ୍ରାହ୍ମଧର୍ମ ସୃଷ୍ଟି କରିଥିଲା ସେକାଳରେ ନୂତନ ଆଦର୍ଶ। ଓଡ଼ିଶାର ତତ୍କାଳୀନ ପ୍ରମୁଖ ଶିକ୍ଷିତ, ବୁଦ୍ଧିଜୀବୀ ଓ ଲେଖକ ଗୋଷ୍ଠୀ ନିଜ ଜାଣତ ଅଜାଣତରେ ବ୍ରାହ୍ମଧର୍ମର ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇଥିଲେ। ଫକୀରମୋହନ ଓ ରାଧାନାଥ, ବାଲେଶ୍ୱରରେ ଅବସ୍ଥାନ କାଳରେ ବ୍ରାହ୍ମଧର୍ମରେ ଦୀକ୍ଷିତ ହେବା ପାଇଁ ଇଚ୍ଛାପ୍ରକାଶ କରିଥିବା କଥା ଫକୀରମୋହନ ତାଙ୍କ ଆତ୍ମଜୀବନୀ ଚରିତରେ ଲିପିବଦ୍ଧ କରିଛନ୍ତି। ଧର୍ମ ଗ୍ରହଣ କରି ନଥିଲେ ହେଁ ଫକୀରମୋହନ ତାଙ୍କ ସମଗ୍ର ଜୀବନରେ ପ୍ରାଚୀନ ଆର୍ଯ୍ୟ ସଂସ୍କୃତି ପ୍ରତି ଆଗ୍ରହ ଓ ନୀତିନିଷ୍ଠ ସମାଜ ଗଠନର ଯେଉଁ ପ୍ରୟାସ କରିଛନ୍ତି, ତାହା ତାଙ୍କ ଆଦ୍ୟ ଜୀବନରେ ବ୍ରାହ୍ମ ଧର୍ମ ସଂସ୍ପର୍ଶର 'ଳ। ପାଠ୍ୟପୁସ୍ତକ ରଚନା ଓ ଅନ୍ୟସମସ୍ତ ସାହିତ୍ୟିକ ରଚନା ମାଧ୍ୟମରେ କବି ମଧୁସୂଦନ ରାଓ ଓଡ଼ିଶାର ପୁରପଲ୍ଲୀରେ ବ୍ରାହ୍ମଧର୍ମର ମୂଳତତ୍ତ୍ୱକୁ ଜନସମାଜରେ ପରିଚିତ କରାଇ ପାରିଛନ୍ତି। ଜୀବନରେ ଭକ୍ତକବି ମଧୁସୂଦନ ରାଓ ବ୍ରାହ୍ମଧର୍ମାବଲମ୍ବୀ ଥିଲେ ଓ ତାଙ୍କ ସମଗ୍ର ସାହିତ୍ୟର ଆଦର୍ଶ ଏହି ଧର୍ମାଦର୍ଶ ଦ୍ୱାରା ପ୍ରଭାବିତ। ଓଡ଼ିଶାରେ ନବଜାଗରଣ ଭୂମିକା ଓ ପରବର୍ତ୍ତୀକାଳରେ ରଚିତ ଆଧୁନିକ ସାହିତ୍ୟ ବିଚାର କ୍ଷେତ୍ରରେ ଏଣୁ ବ୍ରାହ୍ମଧର୍ମର ପ୍ରଭାବ ଅନେକ।

ଆଧୁନିକ ଓଡ଼ିଆ ସାହିତ୍ୟ ଗୋଟିଏ ଅର୍ଥରେ ସହରୀ ସାହିତ୍ୟ, ଶିକ୍ଷା ଅନୁଷ୍ଠାନର ସାହିତ୍ୟ। ଏହାର ରଚୟିତାମାନେ ଥିଲେ ନୂତନ ଶିକ୍ଷାପ୍ରାପ୍ତ, ସଭ୍ୟତା ଓ ସହରକୁ କେନ୍ଦ୍ରକରି ଗଢ଼ ଉଠିଥିବା ସଭ୍ୟ ସମାଜର ମଣିଷ। ଓଡ଼ିଶାର ସାମାଜିକ ଜୀବନରେ ଘଟିଥିବା ପରିବର୍ତ୍ତନକୁ ଉପଜୀବ୍ୟ କରି ନିଜ ଦୃଷ୍ଟିଭଙ୍ଗୀରୁ ସେମାନେ ସାହିତ୍ୟ ରଚନା କରୁଥିଲେ। ଏ ସମସ୍ତ ସୃଷ୍ଟି ସୌଧର ମୌଳିକ ଭିତ୍ତି ହେଉଛି ଆଧୁନିକ ଶିକ୍ଷା, ଆଧୁନିକ ପାଠ୍ୟ ପୁସ୍ତକ ଓ ଆଧୁନିକ ଶିକ୍ଷିତଶ୍ରେଣୀ। ଏହି ନୂତନ ସୃଷ୍ଟ ଯୁବଶକ୍ତିର ନବୀନ ମାନସିକତା ସଂପର୍କରେ ଆଲୋଚନା କରିବା ଆଗରୁ ଊନବିଂଶ ଶତାବ୍ଦୀର ଓଡ଼ିଶା ଓ ତାର ରାଜନୀତକ ପୃଷ୍ଠଭୂମିକ ସଂପର୍କରେ ଆସନ୍ତୁ ବିଚାର କରିବା।

## ୧.୯ ଊନବିଂଶ ଶତାବ୍ଦୀର ଓଡ଼ିଶା ଓ ତା'ର ରାଜନୀତିକ ପୃଷ୍ଠଭୂମି

ଇଂରେଜ ବଣିକ କାର୍ଟ ରାଇଟ୍ ଜୟମାନଙ୍କ ପଦଚ୍ୟୁତ କରିଥିଲା। କାର୍ଟରାଇଟ ଓଡ଼ିଶାର ଶାସନକର୍ତ୍ତା ଆଗା ମହମ୍ମଦ ଯମାନଙ୍କ ପଦଚ୍ୟୁତ କରି ପାଇଥିଲେ ଓଡ଼ିଶାରେ ବାଣିଜ୍ୟ କରିବା ପାଇଁ ଅନୁମତି। ବ୍ୟବସାୟୀ ବଂଶର ଉତ୍ତରାଧିକାରୀମାନେ ଆସ୍ତେ ଆସ୍ତେ ଭିନ୍ନ ଭିନ୍ନ ସମୟରେ ଓଡ଼ିଶାର ବିଭିନ୍ନ ଅଂଚଳ ଅଧିକାର କରିନେଲେ। କେପ୍ଟେନ୍ ମରଗାନ ବାଲେଶ୍ୱର ସହର ଅଧିକାର କଲେ ୧୪ ସେପ୍ଟେମ୍ବର ୧୮୦୩ ମସିହାରେ ହାରକୋଟ ପୁରୀ ସହର ଅଧିକାର କଲେ ତାର ଚାରିଦିନ ପରେ ୧୮ ସେପ୍ଟେମ୍ବର ୧୮୦୩ ମସିହାରେ ବାରବାଟୀ ଦୁର୍ଗ ଅଧିକୃତ ହେଲା ପ୍ରାୟ ମାସଟିଏ ପରେ (୧୪.୧୦.୧୮୦୩)। ନାଗପୁର ଭୋସଲାମାନଙ୍କ ଠାରୁ ଦେବଗ୍ରାମ ସନ୍ଧି ଅନୁସାରେ ଇଂରେଜ ବଣିକ ଶକ୍ତି ଆସ୍ତେ ଆସ୍ତେ ସମଗ୍ର ଓଡ଼ିଶାକୁ କବଳିତ କରିନେଲା। ଓଡ଼ିଶାର

ଗଡ଼ଜାତମାନଙ୍କରୁ ଅଣତିରିଶଟି ରାଜ୍ୟରୁ ପ୍ରଥମେ ତେରଟି ରାଜ୍ୟ ମୋଗଲ ବନ୍ଦୀ ଓଡ଼ିଶାରେ ମିଶିଥିଲେ ବ୍ରିଟିଶ ରେଗୁନ ମାଧ୍ୟମରେ । ଦେବଗ୍ରାମ ସନ୍ଧିର ୧୦ ଧାରା ଅନୁଯାୟୀ ମିଶିଥିଲେ, ପରେ ଅନ୍ୟାନ୍ୟ ଗଡ଼ଜାତ । ସମ୍ବଲପୁର ଗଡ଼ଜାତ ଗୋଷ୍ଠୀ, ପାଟଣା ଗଡ଼ଜାତ ଗୋଷ୍ଠୀ ଛୋଟ ନାଗପୁର ଡିଭିଜନ୍‌ରେ ମିଶି ଇଂରେଜ ଶାସନର କରଜ ରାଜ୍ୟଭାବେ ଶାସିତ ହେଉଥିଲେ । ୧୮୫୫ ମସିହା ବେଳକୁ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ଆଜିର ସମଗ୍ର ଓଡ଼ିଶା ଥିଲା ଇଂରେଜ ଶାସନାଧୀନ ।

ପ୍ରାଚୀନ ଓଡ଼ିଶାର ରାଜ୍ୟସବୁ ନିଜସ୍ୱ ଅର୍ଥନୀତି ନିୟମ ଶୃଙ୍ଖଳାରେ ପରିଚାଳିତ ହେଉଥିଲାବେଳେ ଇଂରେଜ ଶାସନ ସମଗ୍ର ଦେଶକୁ ସମାନ ଶାସନ ଓ ଅର୍ଥନୀତିରେ ପରିଚାଳିତ କଲା । ଫଳରେ ଗ୍ରାମୀଣ ବୃତ୍ତିଧାରୀ ସାଧାରଣ ମଣିଷ, ଚାଷୀ ଓ ବ୍ୟବସାୟୀ ଏ ଶାସନ ବ୍ୟବସ୍ଥାରେ ପ୍ରଥମେ ପ୍ରଭାବିତ ହେଲେ । ଜମି ଉପରେ ସତ୍ତ୍ୱ ହରାଇଲା ପାରଂପରିକ ବୃତ୍ତିଧାରୀ । ତାକୁ ଖଜଣା ଦେବାକୁ ପଡିଲା, ତାହା ପୁଣି ବିଦେଶୀ ମୁଦ୍ରାରେ । ଓଡ଼ିଶାରେ ଇଂରେଜ ଶାସନ ବିରୁଦ୍ଧରେ ସଂଘଟିତ ସମଗ୍ର ଆଞ୍ଚଳିକ ବିଦ୍ରୋହର ମୂଳକାରଣ ଏହି ଖଜଣା ଦେବାରେ ନିହିତ । ପଲ୍ଲୀବହୁଳ ଓଡ଼ିଶାର ଗଣଜୀବନରେ ସହରଜୀବନ ସହିତ ପ୍ରତ୍ୟକ୍ଷ ସଂପର୍କ ନଥିଲା । ଶିକ୍ଷା, ନ୍ୟାୟ, ଶାସନ ଏବଂ ଜମିଜମା ବନ୍ଦୋବସ୍ତର ସମସ୍ତ ଅଧିକାର ସହରରେ ବାସକରୁଥିବା ମୁଷ୍ଟିମେୟ କର୍ମଚାରୀ ବା ରାଜକର୍ମଚାରୀଙ୍କ ଦ୍ୱାରା ନିୟନ୍ତ୍ରିତ ହେବାରୁ ପ୍ରତିଟି ସହର ହେଲା ଭ୍ରଷ୍ଟାଚାର ଓ ଶୋଷଣର କେନ୍ଦ୍ର । ଗ୍ରାମ୍ୟଭିତ୍ତିକ ଶାସନ ବ୍ୟବସ୍ଥା ଉଜୁଡ଼ି ଗଲା । ପୁଣି ଉଜୁଡିଗଲା ଅଲିଖିତ ସାମାଜିକ ନିୟମ ପ୍ରତି ଶ୍ରଦ୍ଧା । ନ୍ୟାୟମୂଳତଃ ହେଲା, ଲେଖନ ଆଶ୍ରିତ । ଫଳରେ ବାଚନିକ ସତ୍ୟଠାରୁ ଲିଖିତ ମିଥ୍ୟା ନ୍ୟାୟଦୃଷ୍ଟିରୁ ଅଧିକ ସତ୍ୟ ମନେହେଲା ।

ନୂତନସୃଷ୍ଟ ଇଂରାଜୀ ଶିକ୍ଷାପ୍ରାପ୍ତ ଶିକ୍ଷିତ ଶ୍ରେଣୀ ସୃଷ୍ଟି ଫଳରେ ସମାଜ ଜୀବନରେ ନୂଆ ଏକ ଶ୍ରେଣୀର ଆବିର୍ଭାବ ଘଟିଲା । ବୃତ୍ତିଠାରୁ ନୂଆ ସରକାରୀ ଚାକିରି ପାଇଁ ଏହି ନୂତନ ଗୋଷ୍ଠୀ ଅଧିକ ଆଗ୍ରହୀ ହେଲେ । ଶିକ୍ଷା, ସ୍ୱାସ୍ଥ୍ୟ ପରି ସହର ଜୀବନରେ ଥିବା ସୁବିଧା ପାଇଁ ପୁଣି ଶାସନକେନ୍ଦ୍ରର ନିକଟବର୍ତ୍ତୀ ହୋଇ ରହିବାପାଇଁ ପ୍ରବଣତା ବଢ଼ିଲା । ଗ୍ରାମ ଓ ପାରଂପରିକ କୃଷିକୈନ୍ଦ୍ରିକ ଓଡ଼ିଶାର ଗ୍ରାମୀଣ ସଭ୍ୟତା ଉଜୁଡିଯାଇ ନୂଆ ଏକ ସହରୀ ସଭ୍ୟତା ଆଡ଼କୁ ମୁହାଁଇଲା । ନଅଙ୍କ ଦୁର୍ଭିକ୍ଷ ଓ ପାଇକ ବିଦ୍ରୋହ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ବିଦ୍ରୋହ ଜନସାଧାରଣଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷିତ ଭାବନା ସୃଷ୍ଟିକଲା । ବିଭିନ୍ନ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ସୀମାରେଖା ମଧ୍ୟରେ ଥିବା ସାଧାରଣ ମଣିଷ ଆସ୍ତେ ଆସ୍ତେ ବୃହତ୍ତର ସାମାଜିକ ଓ ସାଂସ୍କୃତିକ ଘଟଣା ସହ ପରିଚିତ ହେଲା, ପାଠ୍ୟପୁସ୍ତକ, ସମ୍ବାଦପତ୍ର ଏବଂ ସାହିତ୍ୟ ମାଧ୍ୟମରେ । ସାଧାରଣ ମଣିଷର ମନ ଭିତରେ ଘଟିଥିବା ଏହି ଭୌଗୋଳିକ ବ୍ୟାପ୍ତି ଅତୀତରେ ଯାହା କେବଳ ଆପଣାର ଧର୍ମଗ୍ରନ୍ଥ ଓ ପୁରାଣରୁହିଁ ଜାଣୁଥିଲା, ଏବେ ପାଠ୍ୟପୁସ୍ତକ ଓ ସମ୍ବାଦପତ୍ରରୁ ଜାଣିଲା । ମଣିଷର ଏହି ଭୌଗୋଳିକ ଜ୍ଞାନର ବିସ୍ତୃତି ସହ ଗମନାଗମନର ସୁବିଧା ସାଧାରଣ ମଣିଷକୁ ରୂପାନ୍ତରି କଲା, ଜଣେ ସାର୍ବଜନୀନ ବିଶ୍ୱର ମଣିଷ ଭାବରେ । ଉଭୟ ଜଳପଥ ଓ ସ୍ଥଳପଥରେ ଯାତ୍ରା ଅଧିକ ସୁରକ୍ଷିତ ହେବା ଫଳରେ ଜନସମୂହର ସ୍ଥାନାନ୍ତରଣ ଅଧିକ ସହଜ ହେଲା ।

ନୂତନ ସୃଷ୍ଟ ଯୁବଶକ୍ତି ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନକୁ ଚଳଚଞ୍ଚଳ କଲେ। ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଥିଲା ଆତଙ୍କ ବିଦ୍ରୋହ ଓ ଇଂରେଜ କୁଶାସନର କ୍ରମବିକାଶ। ୧୮୬୬ ମସିହାରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷ ଏହାର କୁପରିଣତି। ୟୁରୋପୀୟ ଦେଶମାନଙ୍କରେ ଏହାର ନିନ୍ଦା ବ୍ରିଟିଶ୍ ଶାସନକୁ ଦୁର୍ଭିକ୍ଷ ପରବର୍ତ୍ତୀ ସଂସ୍କାର ଓ ଅଧିକ ଜନକଲ୍ୟାଣମୂଳକ ହେବାପାଇଁ ବାଧ୍ୟକଲା। ଫଳରେ ଉନବିଂଶ ଶତାବ୍ଦୀର ଶେଷଭାଗରେ ଓଡ଼ିଶାର ସାମାଜିକ ଓ ରାଜନୈତିକ ଜୀବନରେ ନୂତନ ଉନ୍ମାଦନା ପ୍ରକାଶ ପାଇଲା।

## ୧.୧୦ ଓଡ଼ିଶାରେ ଆଧୁନିକ ଶିକ୍ଷାର ବିକାଶ ଓ ତା'ର ପରିଣତି

କଟକର ମାଜିଷ୍ଟ୍ରେଟ୍ ସରକାରଙ୍କୁ ୧୮୨୮ ମସିହାରେ ଲେଖିଥିଲେ "ଦଶଟଙ୍କାରୁ ଉର୍ଦ୍ଧ୍ୱ ଦରମା ପାଉଥିବା ଜଣେ ଖାଣ୍ଟି ଓଡ଼ିଆ ଏଠାରେ ନାହାନ୍ତି, କିନ୍ତୁ ଏମିତି ବଙ୍ଗାଳୀ ଓ ମୁସଲମାନ (ଯେଉଁମାନେ ଏ ଦେଶରେ ବସବାସ କରିଗଲେଣି) ଅନେକ ଅଛନ୍ତି। ସବୁସମୟରେ ମୁଁ ଓଡ଼ିଆମାନଙ୍କୁ ପ୍ରଥମେ ସୁବିଧା ଦିଏ। କିନ୍ତୁ ବର୍ତ୍ତମାନ ସମୟରେ ଗୋଟିଏ ସାଧାରଣ ମୋହରିରି ଚାକିରୀ ପାଇଁ ଯୋଗ୍ୟତାଥିବା କୌଣସି ଜଣେ ମାତ୍ର ଓଡ଼ିଆ ମୁଁ ଦେଖିବାକୁ ପାଉନି।" ଇଂରେଜମାନଙ୍କ ନୂତନ ଶାସନ ବ୍ୟବସ୍ଥାରେ ତାଳପତ୍ରରେ ଲେଖୁଥିବା ଦେଶୀୟ ଲୋକ ଓ ସଂସ୍କୃତି ଭାଷାକୁ ନେଇ ବୌଦ୍ଧିକ ଜୀବନ ବିତାଉଥିବା ଓଡ଼ିଶାର ତଥାକଥିତ ପଣ୍ଡିତ ଶ୍ରେଣୀଙ୍କର କୌଣସି ସ୍ଥାନ ନଥିଲା। ଦେଶୀୟ ଲୋକଙ୍କ ସାମୁହିକ ସ୍ୱାର୍ଥ ସଂରକ୍ଷଣ ପାଇଁ ଉଇଲକିନସନ୍, ଜି. ଷ୍ଟକଓୟେଲ, ହେନେରି ରିକେଟ୍ସ, ଏ.ଜେ.ଏମ.ମିଲସ୍, ଏଫ.ଗୋଲଡସ୍. ବରୀ, ବି.ଜେ.କଲ୍‌ଭିନ, ଇ.ଏ.ସାମୁଏଲସ୍, ଜି.ଏଫ.କକ୍‌ବର୍ଣ୍ଣ, ଆର.ଏନ.ସୋର, ଟି.ଇ.ରେଭେନ୍‌ସା ପ୍ରଭୃତି ଓଡ଼ିଶାର କମିଶନରମାନେ ପାର୍ଶୀ ଓ ଓଡ଼ିଆ ଭାଷାରେ ଶିକ୍ଷିତ ଲୋକମାନଙ୍କୁ ଅମଲା କର୍ମ ଏପରିକି ଉଚ୍ଚ ସରକାରୀ କର୍ମରେ ନିଯୁକ୍ତ କରୁଥିଲେ। ଫଳରେ ଓଡ଼ିଶାରେ ନୂତନ ଏକ ସରକାରୀ ବୃତ୍ତିଜୀବୀ ଗୋଷ୍ଠୀ ସୃଷ୍ଟିହେଲା। ପରବର୍ତ୍ତୀ କାଳରେ ଅର୍ଥନୀତିକ ଓ ସାମାଜିକ ଦୃଷ୍ଟିରୁ ସେହି ଗୋଷ୍ଠୀ ସମାଜରେ ଆଧିପତ୍ୟ ବିସ୍ତାର କଲେ। ଓଡ଼ିଶାର ଜନସାଧାରଣ ଆଧୁନିକ ଶିକ୍ଷାପ୍ରତି ଆକୃଷ୍ଟ ହେବାରେ ଏହି ଗୋଷ୍ଠୀର ପରୋକ୍ଷ ପ୍ରେରଣା ସର୍ବାଧିକ।

ରେଭେନସା କଲେଜ ଓ ଅନ୍ୟାନ୍ୟ ଉଚ୍ଚ ବିଦ୍ୟାଳୟସବୁ ଗଢ଼ି ଉଠିବା ଫଳରେ ଓଡ଼ିଶାରେ ଏକ ଜ୍ଞାନ ଭିତ୍ତିକ ବୃତ୍ତିର ଉଦୟ ଘଟିଲା। ଓଡ଼ିଆମାନଙ୍କ ବୈଷୟିକ ଅବସ୍ଥାର ଉନ୍ନତି ସଙ୍ଗେସଙ୍ଗେ ରୁଚିଗତ ପରିବର୍ତ୍ତନ ମଧ୍ୟ ଆସିଲା। ପତ୍ରପତ୍ରିକା ପଠନ, ଦେଶ ବିଦେଶ ପର୍ଯ୍ୟଟନ ଏବଂ ନାଗରିକ ଜୀବନର ପ୍ରଭାବ ଫଳରେ ନୂତନ ଜୀବନବୋଧର ଅଭୀପସା ପ୍ରକାଶ ପାଇଲା। ସଭା, ସମିତି, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମାଧ୍ୟମରେ ସାମାଜିକ ଓ ସାମୁହିକ ଉନ୍ନତି ପାଇଁ ଏହି ନୂତନ ଶିକ୍ଷାପ୍ରାପ୍ତ ଶିକ୍ଷିତ ଗୋଷ୍ଠୀ ନିଜକୁ ନିୟୋଜିତ କଲେ। ଏହି ସମୟରେ ହିଁ ଓଡ଼ିଆ ଜାତିର ଭାଷାକୈନ୍ଦ୍ରିକ ଅସ୍ମିତି ଓ ପ୍ରାଚୀନ ଐତିହ୍ୟବୋଧ ନିଜସ୍ୱ ପରିଚିତ ପାଇଁ ପ୍ରୟାସ ଆରମ୍ଭ ହେଲା।

ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଫଳରେ ଜ୍ଞାନ କେବଳ ଭାଗବତ ଗାଦୀରେ ନ ରହି ରାଜରାସ୍ତାକୁ ଓହ୍ଲାଇଲା। ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ରଚନାମାନ ଓଡ଼ିଶାର ଦୂର ଗ୍ରାମ ଓ ସହରମାନଙ୍କରେ ଥିବା ସମବିଚାରଧର୍ମୀ ମଣିଷମାନଙ୍କୁ ଏକାଠି କରିବାରେ ସହାୟକ ହେଲା। ଚିଠିପତ୍ରର ଆଦାନପ୍ରଦାନ ମାଧ୍ୟମରେ ପରସ୍ପର ବିଚାର ବିନିମୟ ସମସ୍ତଙ୍କୁ ଏକାଠି କଲା। ରାଧାନାଥ ଓ ଗଙ୍ଗାଧର, ଗଙ୍ଗାଧର ଓ ଫକୀର ମୋହନ ଓ ଗୌରୀଶଙ୍କର ପରସ୍ପରକୁ ପତ୍ର ପତ୍ରିକା

ମାଧ୍ୟମରେ ପଢ଼ି ଓ ଡାକଯୋଗ ପତ୍ରବିନିମୟ ମାଧମରେ ବନ୍ଧୁତ୍ୱ ସ୍ଥାପନ କରିପାରିଥିଲେ। ନବ ଓଡ଼ିଶା ଗଠନରେ ଏହି ସଂପର୍କର ସେତୁ ସବୁ କିପରି ଓଡ଼ିଶାର ଜାତୀୟଜୀବନ ଓ ସାରସ୍ୱତ ଜୀବନକୁ ପ୍ରଭାବିତ କଲା, ତାହା ଆମେ ପରବର୍ତ୍ତୀ ଏକକରେ ଆଲୋଚନା କରିବା। ମୁଦ୍ରାଯନ୍ତ୍ର, ଡାକଯୋଗେ ପତ୍ର ଆଦାନ ପ୍ରଦାନ ଏବଂ ସର୍ବୋପରି ଶିକ୍ଷାର ବିକାଶ ଓଡ଼ିଶାରେ ହୋଇନଥିଲେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ଆତ୍ମପ୍ରକାଶ କରିବା କିମ୍ବା ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇବା କଥା ସମ୍ଭବ ହୋଇନଥାନ୍ତା।

## ୧.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ପାଇକ ବିଦ୍ରୋହ

(ଖ) ନଅଙ୍କ ଦୁର୍ଭିକ୍ଷ

(ଗ) ଇଟାଲୀରେ ନବଜାଗରଣ

(ଘ) ମାନବବାଦୀ

(ଙ) ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା

(ଚ) ଓଡ଼ିଆ ନୂତନ ଶିକ୍ଷିତ ଶ୍ରେଣୀ

(ଛ) ସତୀଦାହ

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଭାରତୀୟ ଜନ ଜୀବନରେ ନବଜାଗରଣର ଭୂମିକା ଆଲୋଚନା କର।

(ଖ) ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ପୃଷ୍ଠଭୂମି ସଂପର୍କରେ ଆଲୋଚନା କର।

(ଗ) ଓଡ଼ିଶାରେ ଆଧୁନିକ ଶିକ୍ଷାର ବିକାଶ ଫଳରେ ସାମାଜିକ ଜୀବନରେ କିପରି ଉନ୍ନତି ଆସିଲା ?

## ୧.୧୨ ସହାୟକ ଗ୍ରନ୍ଥସୂଚୀ


- ସାମନ୍ତରାୟ ନଟବର, (୨୦୧୩) ଓଡ଼ିଆ ସାହିତ୍ୟର ଇତିହାସ, (୧୮୦୩-୧୯୨୦) ଦ୍ୱିତୀୟ ସଂସ୍କରଣ, ବାଣୀଭବନ, ସାମନ୍ତରାୟପୁର, ଭୁବନେଶ୍ୱର -୨
- ମିଶ୍ର, ନରେନ୍ଦ୍ର ନାଥ (୧୯୭୮) ଆଧୁନିକ ଓଡ଼ିଆ କାବ୍ୟଧାରା, ନବଜାଗରଣ ଯୁଗ, ପ୍ରଥମ ସଂସ୍କରଣ ବିଶ୍ୱଭାରତୀ ଗବେଷଣା ପ୍ରକାଶନ ସମିତି ଶାନ୍ତି ନିକେତନ।
- ମିଶ୍ର ଶ୍ରୀନିବାସ, (୧୯୭୭) ଆଧୁନିକ ଓଡ଼ିଆ ଗଦ୍ୟ, ବିଦ୍ୟାପୁରୀ କଟକ।
- ନାୟକ କ୍ଷେତ୍ରବାସୀ, (୧୯୭୭) ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ, ପୁସ୍ତକ ଭଣ୍ଡାର, ବ୍ରହ୍ମପୁର -୧

# ଦ୍ୱିତୀୟ ଏକକ : ପତ୍ରପତ୍ରିକା ପ୍ରକାଶନ

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ଓଡ଼ିଶାରେ ସମ୍ବାଦପତ୍ରର ଅଭ୍ୟୁଦୟ
୨.୫ କୁଜୀବର ପତ୍ର (୧୮୨୬) ଓ ଅନ୍ୟାନ୍ୟ ପତ୍ରିକା
୨.୬ ଊନବିଂଶ ଶତାବ୍ଦୀର ସମ୍ବାଦପତ୍ର
୨.୭ ଉତ୍କଳ ଦୀପିକା
୨.୮ ଉତ୍କଳ ସାହିତ୍ୟ
୨.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୧୦ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଜୀବନବୋଧ ସହିତ ନିତ୍ୟ ପ୍ରତ୍ୟୟ ଜଡ଼ିତ ହୋଇ ରହିଛି ଅର୍ଥନୀତି, ରାଜନୀତି, ଜ୍ଞାନ, ବିଜ୍ଞାନ। ଏସବୁର ଏକ ସ୍ଥୁଳ ଧାରଣାକୁ ଲୋକମାନଙ୍କ ନିକଟରେ ସହଜରେ ପହଞ୍ଚାଇ ଥାଏ ସମ୍ବାଦପତ୍ର। ବ୍ୟକ୍ତିଗତ ସମସ୍ୟାଠାରୁ ସାମାଜିକ ସମସ୍ୟା ସମ୍ପର୍କରେ ଏକ ଚିତ୍ର ଆମେ ସମ୍ବାଦପତ୍ର ମାଧ୍ୟମରେ ପାଇଥାଉ। ନିତ୍ୟ ନୈଜଉକ ଭାବନାକୁ ଧାରଣ କରୁଥିବା ସମ୍ବାଦପତ୍ର ଯଥାର୍ଥରେ ସମାଜର ପ୍ରତିବିମ୍ବ। ମଣିଷର ସର୍ବାଙ୍ଗୀନ ଉନ୍ନତି ସକାଶେ ସମ୍ବାଦପତ୍ର ମାନସିକ ଖାଦ୍ୟ ଯୋଗାଇଥାଏ। ଅନ୍ୟ ପକ୍ଷରେ ଶାସନତନ୍ତ୍ରରେ ଘଟୁଥିବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟବଳୀ ସମ୍ପର୍କରେ ଏକ ଜନଜାଗରଣ ସୃଷ୍ଟିକରିବାରେ ସହାୟକ ହୋଇଥାଏ। ତେଣୁ ସମ୍ବାଦପତ୍ରର ପାଠକ ସହଜରେ ଜାଣିପାରେ ଯେ ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ କ୍ଷେତ୍ରଗୁଡ଼ିକ କେଉଁ ଦିଗା ଅଭିମୁଖେ ଗତିଶୀଳ, ତେଣୁ ସମାଜର ମୁଖପାତ୍ର ଭାବେ କାର୍ଯ୍ୟ କରୁଥିବା ସମ୍ବାଦପତ୍ରଗୁଡ଼ିକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାରେ ସମ୍ବାଦପତ୍ରର ପ୍ରକାଶ ଖୁବ୍ ଅର୍ବାଚୀନ। ଓଡ଼ିଶାକୁ ମିସନାରୀମାନଙ୍କ ଆଗମନ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ଫଳରେ ଓଡ଼ିଶାରେ ସମ୍ବାଦପତ୍ରର ବିକାଶ ସମ୍ଭବ ହୋଇଛି। ସମ୍ବାଦପତ୍ର ଆଧୁନିକ ଜୀବନ ଜିଜ୍ଞାସାର ପରିପୂର୍ତ୍ତି କରିବା ସହିତ ବିଶ୍ୱରେ ଘଟୁଥିବା ଘଟଣା ସମ୍ପର୍କରେ ଅବଗତ କରାଇଥାଏ। ଓଡ଼ିଶାରେ ମିସନାରୀମାନଙ୍କ ଆଗମନ ମୁଦ୍ରରେ ଯନ୍ତ୍ରର ପ୍ରତିଷ୍ଠା, ଜ୍ଞାନାରୁର, ପ୍ରବୋଧ ଚନ୍ଦ୍ରିକା ପରି ପତ୍ରିକା ପ୍ରକାଶନ ଅନୁପ୍ରେରିତ କରିଛି ଉତ୍କଳ ଦୀପିକା, ବାଲେଶ୍ୱର ସମ୍ବାଦ ବାହିକା ସମ୍ବଲପୁର ହିତୈଷିଣୀ ପରି ସମ୍ବାଦପତ୍ର ପ୍ରକାଶନ ପାଇଁ, ତେବେ ପ୍ରଥମ ସମ୍ବାଦପତ୍ର ଭାବେ କୁଜୀବର ମଠରୁ ପ୍ରକାଶିତ 'କୁଜୀବର ପତ୍ର ମାନ୍ୟତା' ପାଇଛି। ହରତାଳି କାଗଜରେ

ହାତଲେଖା ଏହି ସମ୍ବାଦପତ୍ର ତତ୍‌କାଳୀନ ସମାଜ ସଂସ୍କାର ପାଇଁ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା। କେବଳ ସମାଜ ସଂସ୍କାର ହେଲେ ଜନମାନସରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ସମ୍ବାଦପତ୍ରର ଭୂମିକା ଅବସ୍ୱୀକାର୍ଯ୍ୟ, ଘଟୁଥିବା ଘଟଣାବଳୀ ସମ୍ପର୍କରେ ଅଭିହିତ ହେବା ହେଉଛି ଆଧୁନିକ ମଣିଷର ଏକ ଦୁର୍ଲଭ ଅନ୍ୱେଷଣ। ଏହି ପରିପ୍ରେକ୍ଷିରେ ଓଡ଼ିଶାରେ ଆଦ୍ୟ ପର୍ଯ୍ୟାୟରେ ପ୍ରକାଶିତ ସମ୍ବାଦପତ୍ର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

## ୨.୨ ଶିକ୍ଷଣୀୟ ବିଷୟ

- ଓଡ଼ିଶାରେ ସମ୍ବାଦପତ୍ରର ଆରମ୍ଭ
- କୁଜୀବର ପତ୍ରିକା
- ମିସନାରୀ ପତ୍ରିକା
- ଉନବିଂଶ ଶତାବ୍ଦୀର ସାହିତ୍ୟର ବିକାଶରେ ସାହିତ୍ୟ ପତ୍ରିକାର ଭୂମିକା
- ସାହିତ୍ୟ ପତ୍ରିକା ମାଧ୍ୟମରେ ପାଠକୀୟ ନିୟନ୍ତ୍ରଣ।
- ଓଡ଼ିଆ ସାହିତ୍ୟ ଓ ଭାଷାର ବିକାଶରେ ଉତ୍କଳ ସାହିତ୍ୟ ଓ ଉତ୍କଳ ଦୀପିକା

## ୨.୩ ବିଷୟ ପ୍ରବେଶ

ମଣିଷର ଚେତନାଗତ ସ୍ତରରେ ଉନ୍ମୀଳନ ଓ ଜ୍ଞାନ ଚର୍ଚ୍ଚା ତଥା ଅନ୍ୟ ସହ ସ୍ୱକୀୟ ଭାବଗତ ସମ୍ପର୍କ ରହୁଥିବା ଏବଂ ସେସବୁକୁ ଅନ୍ୟସହ ଯୋଡ଼ିବାର ଯେତେଗୁଡ଼ିଏ ମାଧ୍ୟମ ରହିଛି ପତ୍ରପତ୍ରିକା ତନ୍ମଧ୍ୟରୁ ଅନ୍ୟତମ। ରେନେଁସା ପରବର୍ତ୍ତୀ ସମୟରେ ବଦଳୁଥିବା ବିଶ୍ୱର ମାନଚିତ୍ର ଓ ଏହାଦ୍ୱାରା ରାଜନୀତି, ଅର୍ଥନୀତି ତଥା ଜୀବନବୋଧ କିପରି ପରିବର୍ତ୍ତନ ହୋଇଛି ତାର ମୂଲ୍ୟାଙ୍କନ ପତ୍ରପତ୍ରିକାରେ ବେଶ୍ ସ୍ପଷ୍ଟ ରୂପେ ପ୍ରକାଶିତ। ଆଧୁନିକ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ପତ୍ରପତ୍ରିକା ଅଦ୍ୟାବଧି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ଉନବିଂଶ ଶତାବ୍ଦୀ ଥିଲା ଓଡ଼ିଶାରେ ନବଜାଗରଣର ସମୟ। ଏହି ନବଜାଗରଣରେ ମୁଖ୍ୟ ଭୂମିକା ନିର୍ବାହ କରିଛି ସମ୍ବାଦପତ୍ର। ନଅଙ୍କ ଦୁର୍ଭିକ୍ଷର ମଡ଼ାତଲୁ ମୁକ୍ତ ଓଡ଼ିଆ ଜାତି ନିଜର ଆତ୍ମ ପରିଚୟ ଖୋଜିବା ପ୍ରାରମ୍ଭିକ ସମୟ ହେଉଛି ଏହି ସମୟ, ଓଡ଼ିଆ ଭାଷା ସୁରକ୍ଷା, ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ନିମନ୍ତେ ଚିନ୍ତା ପ୍ରକଟନ ଏହି ଆଦ୍ୟ କାଳରେ ଓଡ଼ିଶାରେ ରେଳରାସ୍ତା ନିର୍ମାଣ, ଯୋଗାଯୋଗ ପରିବହନ ବ୍ୟବସ୍ଥାର ଆୟମାରମ୍ଭ, ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା, ଆଧୁନିକ ଶିକ୍ଷା ପ୍ରସାରଣ, ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ, ସଂସ୍ପର୍ଶ ଜନିତ ଶିକ୍ଷିତ ମଧ୍ୟବି ଶ୍ରେଣୀର ଉଦ୍ଭବ, ପାଶ୍ଚାତ୍ୟ ସାହିତ୍ୟ ରୂପାଦର୍ଶରେ ଆଧୁନିକ ସାହିତ୍ୟର ନିର୍ମିଣା ଆଦି ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସ୍ପନ୍ଦନ ସୃଷ୍ଟି ହୋଇଛି। ଭ୍ରମନିବେଶକ ଶାସନ ଚକ୍ର ତଳେ ନିର୍ମିତ ଓଡ଼ିଆ ଆସ୍ମିତାର ସ୍ୱରୂପ ପ୍ରକାଶ ପାଇଛି ଏହି ସମୟ ଭିତରେ ପ୍ରକାଶିତ ସମ୍ବାଦପତ୍ର ମାଧ୍ୟମରେ। ମିସନାରୀମାନଙ୍କ ଦ୍ୱାରା ଜ୍ଞାନାରୁଣ, ପ୍ରବୋଧ ଚନ୍ଦ୍ରିକାଠାରୁ ତାରକା ପ୍ରଭୃତି ପତ୍ରପତ୍ରିକାକୁ ଛାଡ଼ି ଦେଲେ ଉତ୍କଳ ଦୀପିକା ସମ୍ବାଦ ବାହିକା, ଉତ୍କଳପୁତ୍ର, ହିତୈଷିଣୀ ପ୍ରଭୃତି ପତ୍ରପତ୍ରିକା ଉନବିଂଶ ଶତକର ଓଡ଼ିଆ ମନୋରାଜ୍ୟରେ ଆଲୋଡ଼ନ ସୃଷ୍ଟିକାରୀ ଚିନ୍ତା ଭାବନା ପ୍ରକାଶିତ ହୋଇଛି। ତେଣୁ ଉନବିଂଶ ଶତାବ୍ଦୀର ପତ୍ରପତ୍ରିକା ଯଥାର୍ଥରେ ଓଡ଼ିଆ ନବଜାଗରଣ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଓଡ଼ିଆ ଆତ୍ମପ୍ରତ୍ୟୟ ନିରୂପଣ ପାଇଁ ଚିନ୍ତାର ଖୋରାକ୍ ଯୋଗାଇଛି।

## ୨.୪ ଓଡ଼ିଶାରେ ସମ୍ବାଦପତ୍ରର ଅଭ୍ୟୁଦୟ

ସୁଖ ଓ ଦୁଃଖର ବାର୍ତ୍ତା ନେଇ ଆସେ ଖବର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଖବରର ବିତରଣ ମଣିଷ ଚିତ୍ତରେ ଚାଞ୍ଚଲ୍ୟ ଯେପରି ଭରିଦିଏ ନିଜକୁ ସେଥିରେ ଅଂଶୀଦାର କରାଇବା ଓ ତଦନୁସାରେ ସାମାଜିକ ବ୍ୟବସ୍ଥା ଭିତରେ ନିଜର ଅସ୍ତିତ୍ୱ ନିରୂପଣ ପାଇଁ ସେହିପିର ମାନସିକ କ୍ଷେତ୍ରଟିଏ ନିର୍ମାଣ କରେ । ତେଣୁ ପ୍ରାଚୀନ ଓଡ଼ିଆ ସାହିତ୍ୟଠାରୁ ଆଧୁନିକ ସାହିତ୍ୟର ପୃଷ୍ଠଭୂମିରେ ଖବର ବା ସଂବାଦର ରହିଛି ଏକ ଅପ୍ରତିହତ ପ୍ରଭାବ । ଅନ୍ଧାରୀ ବିଜେ, ମନ୍ତ୍ରୀ ପାରିଷଦ, ଡଗର ମାଧ୍ୟମରେ ଖବର ସଂଗ୍ରହ ଓ ଅନୁରୂପ ଭାବେ ରାଜ୍ୟ ଶାସନ ପରିଚାଳନା କରିବା ରାଜା ମହାରାଜାଙ୍କ ପାଇଁ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

ନବଜାଗରଣ ଓଡ଼ିଆ ଜନଗଣଙ୍କ ମାନସିକ ସ୍ତରରେ ଯେଉଁ ବିପୁଳ ସମ୍ଭାବନା ସୃଷ୍ଟି କରିଥିଲା ତାର ମୂଳରେ ଥିବା ଇଂରେଜଶାସନ ସମୟରେ ଆଧୁନିକ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ ଓ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା । ଚିରାଚରିତ ଢଙ୍ଗରେ ଜୀବନ ବଞ୍ଚୁଥିବା ଓଡିଶାର ଜନତା ଆଧୁନିକତାର ଚମତ୍କାରୀ ବିଭବରେ ବିଭୋର ହୋଇଛି । ତାଳପତ୍ର ଉପରେ ଲିଖନ ପରିବର୍ତ୍ତେ କାଗଜରେ ଛାପା ଅକ୍ଷର ତାର ଲିଖନ ଓ ପଠନ ପକ୍ରିୟାକୁ ସହଜ ସରଳ କରିଛି । ଆଧୁନିକ ଜ୍ଞାନପ୍ରାପ୍ତ ମିଶନାରୀମାନେ ଏହି ନବ୍ୟ ଅଧିକୃତ ଭୂଖଣ୍ଡରେ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ କରିବା ପୂର୍ବରୁ ଖ୍ରୀଷ୍ଟଧର୍ମ ପ୍ରଚାର ଓ ପ୍ରସାରଣ ଉଦ୍ଦେଶ୍ୟରେ ୧୮୦୪ ମିସହାରେ ମିଷ୍ଟର କେରୀଙ୍କ ତତ୍ତ୍ୱାବଧାନରେ ଉଇଲିୟମ କଲେଜର ପଞ୍ଚାନନ ମିସ୍ତ୍ରୀ ପ୍ରଥମେ ଓଡ଼ିଆ ଅକ୍ଷର ଖୋଦିତ କରି ଛାପା ଆକାରରେ ବାହାର କରିଥିଲେ । ତେବେ ସେମାନଙ୍କ ଧର୍ମ ପ୍ରଚାରର ଉଦ୍ଦେଶ୍ୟକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ୧୮୩୭ ରେ କଟକ ମିଶନ ପ୍ରେସ ସ୍ଥାପନ କରାଗଲା । ଏହାର ତିରିଶ ବର୍ଷ ପରେ ଅର୍ଥାତ୍ ୧୮୬୭ରେ ରେନସା ସାହେବଙ୍କ ଉତ୍ସାହ ମୂଳକ ଉଦ୍‌ବୋଧନୀରେ ସିରସ୍ତାର ବିଚିତ୍ରାନନ୍ଦ ଦାସ ଓ ଅନ୍ୟମାନେ କଟକ ପ୍ରିଣ୍ଟିଂ ପ୍ରେସ, ୧୮୬୮ ରେ ଫକୀରମୋହନଙ୍କ ପ୍ରଚେଷ୍ଟାରେ ଉତ୍କଳ ପ୍ରିଣ୍ଟିଂ କୋ, ବାଲେଶ୍ୱର, ୧୮୭୩ରେ ମସିହାରେ ଦେପ୍ରେସ, କାଳିପଦ ବନ୍ଦୋପାଧ୍ୟାୟଙ୍କ ଉତ୍କଳ ହିତୈଷିଣୀ ପ୍ରେସ, ୧୮୮୫ରେ ଭିକ୍ଟୋରିଆ ପ୍ରେସ, ୧୮୮୫ରେ ବାମଣ୍ଡାର ସୁତଳ ପ୍ରେସ, ୧୮୯୩ରେ ଅରୁଣୋଦୟ ପ୍ରେସ, ୧୮୯୪ରେ ରାୟ ପ୍ରେସ, ୧୮୯୯ରେ ଦର୍ପଣରାଜ ପ୍ରେସ ଓ ବାଲେଶ୍ୱରର ବିନୋଦ ପ୍ରେସ (୧୮୯୯) ପ୍ରତିଷ୍ଠା ହେତୁ ଉଭୟ ଦେଶ ବିଦେଶ ର ସମ୍ବାଦ ଓ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ପାଇଁ ପ୍ରଶସ୍ତ କ୍ଷେତ୍ରଟିଏ ପ୍ରସ୍ତୁତ ହୋଇଛି । ୧୮୬୬ରେ ଗୌରୀଶଙ୍କର ରାୟଙ୍କ ସଂପାଦନାରେ ପ୍ରଥମ ଓଡିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା'୬୮ରେ ଫକୀରମୋହନ କର୍ତ୍ତୃକ ବାଲେଶ୍ୱର ସମ୍ବାଦ ବାହିକା, ସୁତ୍ଳ ପ୍ରେସରୁ ସମ୍ବଲପରୁ ହିତୈଷିଣୀ ପରି ସମ୍ବାଦ ଓ ସାହିତ୍ୟ ପତ୍ରପତ୍ରିକାଗୁଡିକ ପ୍ରକାଶିତ ହୋଇ ଓଡିଶାର ବୌଦ୍ଧିକ ସ୍ତରକୁ ପ୍ରଚୋଦିତ କରିଛି । ୧୮୩୭ରୁ ୧୯୦୦ ଭିତରେ ଓଡ଼ିଶାରେ ୧୬ଟି ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା ହୋଇଛି । ଧର୍ମ ପ୍ରଚାର, ଆଧୁନିକ ସାହିତ୍ୟ ତଥା ଯୁବଶକ୍ତିର ଅଦମ୍ୟ ଅଭିବ୍ୟକ୍ତି ପ୍ରକାଶ ଲାଗି ଏହି ମୁଦ୍ରଣ ଯନ୍ତ୍ରଗୁଡିକ ଉତ୍ସାହ ଜନକ ଭାବେ କାର୍ଯ୍ୟ କରନ୍ତି । ଦେଶହିତପାଇଁ ଭର୍ଣ୍ଣାକୁଲାର ଭାଷାରେ ସରକାରଙ୍କ ତରଫରୁ ବାହାରୁଥିବା ଗେଜେଟ ପ୍ରକାଶ ହେତୁ ଲୋକମାନେ କ୍ରମଶଃ ସଚେତନ ହୋଇଛନ୍ତି । ସରକାରୀ ନିୟମ କାନୁନ ଓ ଜନମତ ସଂଗ୍ରହ ତଥା ଲୋକମାନଙ୍କ ପ୍ରତିକ୍ରିୟାର ମଧ୍ୟସ୍ଥତା ଭୂମିକା ନିର୍ବାହ କରିଛି ମୁଦ୍ରଣ ଯନ୍ତ୍ର ତଥା ପତ୍ରପତ୍ରିକା ।

ଓଡ଼ିଶାର ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ଓ ମିଶନାରୀ ମାନଙ୍କ ଦ୍ୱାରା ପ୍ରକାଶିତ ପତ୍ରପତ୍ରିକା ପ୍ରକାଶନର ବହୁ ପୂର୍ବରୁ ଓଡ଼ିଶାରେ ଯେଉଁ ହାତଲେଖା ପତ୍ରିକା (Pamphlet) ପ୍ରକାଶପାଇଁ ଉଭୟ ଦେଶୀୟ ଓ ବିଦେଶୀ ଶାସନ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଥିଲା ତାହା ହେଲା ସାଧୁ ସୁନ୍ଦର ଦାସଙ୍କ 'କୁଜୀବର' ପତ୍ରିକା ।

## ୨.୫ କୁଜୀବର ପତ୍ର (୧୮୨୬) ଓ ଅନ୍ୟାନ୍ୟ ପତ୍ରିକା

କଟକ ଚୌଦ୍ୱାର ନିକଟବର୍ତ୍ତୀ କୁଜୀବର ମଠରୁ ସାଧୁସୁନ୍ଦର ଦାସଙ୍କ ସଂପାଦନାରେ ଓଡିଶାର ପ୍ରଥମ ହାତଲେଖା ସମ୍ବାଦ ପତ୍ର "କୁଜିବର" ୧୮୨୬ରୁ ପ୍ରକାଶିତ ହୋଇ ୧୮୩୮ ରେ ବନ୍ଦ ହୋଇଯାଇଥିଲା । ତାଳପତ୍ର ଏବଂ ହରିତାଳ କାଗଜ ଏଥିରେ ବ୍ୟବହୃତ ହେଉଥିଲା। ମିସନାରୀମାନେ ଓଡ଼ିଶା ଆସିବାର ଚରିବର୍ଷ ପରେ ଏହି ପତ୍ରିକାର ଆତ୍ମପ୍ରକାଶ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ ଘଟଣା। ସାଧୁସୁନ୍ଦରଙ୍କ ନିମନ୍ତ୍ରଣ କ୍ରମେ ରେଭରେଣ୍ଡ ସଟନ କୁଜୀବର ଯାଇ ତାଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇଯାଇଥିଲେ। ସର୍ବ ଧର୍ମକୁ ସମଦୃଷ୍ଟିରେ ବିବେଚନା କରୁଥିବା ସାଧୁସୁନ୍ଦର ଦାସ ଜଣେ ସଂସ୍କାରବାଦୀ ଯାହାକୁ ଆମେ Oriental Modern ମଣିଷ ଭାବେ ବିବେଚନା କରିପାରିବା। ଓଡ଼ିଶାରେ ପ୍ରଥମ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣକରିଥିବା ଗଙ୍ଗାଧର ଷଡ଼ଙ୍ଗୀ ଓ ରାମଚନ୍ଦ୍ର ଯାଚକ ଥିଲେ ସାଧୁସୁନ୍ଦରଙ୍କ ଶିଷ୍ୟ ଏବଂ ମିଶ୍‌ନାରୀ ଜ୍ଞାନାରୁଣ ଓ ପ୍ରବୋଧ ଚନ୍ଦ୍ରିକା ପତ୍ରିକା ବାହାର କରିବାର ବହୁ ପୂର୍ବରୁ ଏହି ପତ୍ରିକାର ପ୍ରକାଶନ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦିଏ । ଏହା ବେଳେବେଳେ ଦୈନିକ କିମ୍ବା ସାପ୍ତାହିକ ଅଥବା ପାକ୍ଷିକ ଭାବେ ପ୍ରକାଶିତ ହେଉଥିଲା । ତତ୍‌କାଳୀନ ଓଡ଼ିଶାର ରାଜନୀତି, ଶାସନ, ଧର୍ମ, ସାମରିକ ସମସ୍ୟାର ବୌଦ୍ଧିକ ସ୍ତରୀୟ ଆଲୋଚନା ଦେଶୀୟ ରାଜା, ସ୍ଥାନୀୟ ୟୁରୋପୀୟ ରାଜକର୍ମଚାରୀ ଏବଂ ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ଏହା ପ୍ରତି ଆକୃଷ୍ଟ ହୋଇଥିଲେ। ସାଧୁସୁନ୍ଦରଙ୍କ ମୃତ୍ୟୁପରେ ୧୮୩୯ ମସିହାରେ ଲଣ୍ଡନ ରିପୋର୍ଟରେ ରେଭେରେଣ୍ଡ ଲେସୀ ତାଙ୍କ ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। କୁଜୀବର ପତ୍ରିକାର ଅନ୍ୟ ଏକ ବିଶେଷତ୍ୱ ଥିଲା ଯେ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗୋ, କୃଷି, ବାଣିଜ୍ୟ, ବ୍ରହ୍ମବିଦ୍ୟା, ସଂଗୀତ ପ୍ରଭୃତି ନାନା ବିଦ୍ୟା ସଂପର୍କିତ ଆଲୋଚନା ପ୍ରକାଶିତ ହେଉଥିଲା। କ୍ରମାଗତ ଭାବେ ପରାଧୀନ ଓଡ଼ିଆ ଜାତିର ଦୁର୍ଦ୍ଦଶାର କାରଣମାନ ଏଥିରେ ନିର୍ଭୀକ ଭାବେ ଧାରାବାହିକ ରୂପେ ପ୍ରକାଶିତ ହେଉଥିଲା। ଏହା ହାତଲେଖା ଥିବାରୁ ବ୍ୟାପକ ପ୍ରଚାର ଓ ପ୍ରସାରଣ ହୋଇପାରୁ ନଥିଲା । କେବଳ ସ୍ଥାନୀୟ ଅଂଚଳରେ ଏହାର ବିତରଣ ହେବା ସହିତ ଗଡ଼ଜାତ ରାଜା ଓ କଟକ ସହରର କେତେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ପାଖକୁ ଏହାର ନକଲ ପଠାଯାଉଥିଲା। ଏହାକୁ ଓଡ଼ିଶାର ପ୍ରଥମ ସ୍ୱାଧୀନ ସମ୍ବାଦ ପତ୍ର ଭାବେ ଗ୍ରହଣ କରାଯାଇପାରେ ।

ଯୀଶୁଙ୍କୁ ଶିଶୁ ଭାବେ ସମାଲୋଚନା କରିଥିବାରୁ କିଛିଦିନପାଇଁ ତାଙ୍କୁ କାରାବରଣ କରିବାକୁ ପଡିଥିଲା। ପରେ ସେଥିରୁ ଦୋଷ ମୁକ୍ତି ହୋଇଥିଲେ ଓ ତାଙ୍କ ଜୀବଦଶା ଭିତରେ ନିରବଚ୍ଛିନ୍ନ ଭାବେ ତାଙ୍କର ମୁକ୍ତ ଚିନ୍ତନକୁ ପ୍ରକାଶ କରୁଥିଲେ। ଓଡ଼ିଆ ନବଜାଗରଣର ଆଦ୍ୟପୁରୁଷ ଭାବେ ତାଙ୍କୁ ଚିତ୍ରଣ କରାଯାଇପାରେ। ମଠର ମହନ୍ତ ହୋଇ ଧର୍ମ ଉପାସନା ଓ ପ୍ରଚାର ପରିବର୍ତ୍ତେ ସାମାଜିକ ସ୍ତରରେ ବଂଚୁଥିବା ମଣିଷ ପାଇଁ ସେ ଯେଉଁ ସଂସ୍କାରର ବାର୍ତ୍ତା ଦେଇଛନ୍ତି ତାହା ଅବିସ୍ମରଣୀୟ। କ୍ଷଣ ସ୍ଥାୟୀ ହେଲେ ସୁଦ୍ଧା 'କୁଜୀବର' ପତ୍ରିକାର ଚିତ୍ତ ବିସ୍ତାରକାରୀ ଆବେଦନ ସର୍ବଦା ବନ୍ଦନୀୟ ।

## • ମିଶନାରୀ ପତ୍ରିକା

ପୃଥିବୀର କୌଣସି ପତ୍ରିକା ବଞ୍ଚିପାରିନି ଯଦି ସେହି ଜାତି ଭିତରେ ଶିକ୍ଷା ସଚେତନତା ଓ କ୍ରୟ କରିବାର ଆର୍ଥିକ ମାନଦଣ୍ଡ ଅନୁକୂଳ ଦିଶାରେ ପରିଚାଳିତ ହୋଇନି। ତେଣୁ ପତ୍ରିକା ପ୍ରକାଶନ ଓ ତାର ସ୍ଥାୟିତ୍ୱ ସଂପୂର୍ଣ୍ଣ ଭାବେ ନିର୍ଭର କରେ ଜାତୀୟ ଚରିତ୍ର ଓ ଜାତିର ଜୀବନର ମାନଦଣ୍ଡ ଉପରେ। ମିଶନାରୀମାନଙ୍କ ଉଦ୍ୟମ ଫଳସ୍ୱରୂପ ଓଡ଼ିଶାରେ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ସମ୍ଭବ ହୋଇଛି। ଯଦିଓ ଧର୍ମ ପ୍ରଚାର ପାଇଁ ଏହାକୁ ବ୍ୟବହାର କରାଯାଇଥିଲା ତେବେ ତାତ୍କାଳିକ ସାମାଜିକ, ସାଂସ୍କୃତିକ, ରାଜନୈତିକ ବିଚାର ବିମର୍ଶ ପାଇଁ କିଛି ମାତ୍ରାରେ ଏହାକୁ ବିନିଯୋଗ କରାଯାଇଥିଲା । ତେବେ ସେହି ଓ ସମୟରେ ଏହାର ପଛରେ ବିପୁଳ ଜନସମର୍ଥନ ନଥିଲା। ଦୁଇଟି ବିଶେଷ କାରଣ ହେତୁ ମିଶନାରୀମାନଙ୍କ ଏହି ଉଦ୍ୟମ ଫଳପ୍ରଦ ହୋଇନଥିଲା ପ୍ରଥମଟି ହେଲା ଆଧୁନିକ ଜ୍ଞାନ ବିଜ୍ଞାନ ସଂପର୍କରେ ଅଜ୍ଞ ଥିବା ଏହି ଜାତିକୁ ଗୋଟିଏ ଡୋରିରେ ବାନ୍ଧି ରଖିବାର ଉତ୍ସାହ ଜନକ ପ୍ରୟାସର ଅଭାବ ଏବଂ ଦ୍ୱିତୀୟଟି ହେଉଛି ବହୁକାଳ ଧରି ନିଜର ଧର୍ମ ସଂସ୍କୃତିକୁ ନିଜ ଭିତରୁ ଉତ୍ଖାତ କରି ଅନ୍ୟ ଧର୍ମ ସଂସ୍କୃତିକୁ ଏକାବେଳେ ଆତ୍ମସ୍ଥ କରିବାର ଦ୍ୱନ୍ଦ୍ୱ। ଓଡ଼ିଶାର ଜନସାଧାରଣମାନଙ୍କ ମଧ୍ୟରେ ମିଶନାରୀମାନଙ୍କ ଛଦ୍ମତା ବିଷୟରେ କ୍ରମଶଃ ସଚେତନ ସୃଷ୍ଟି ହେବା ହେତୁ ଇଂରେଜମାନଙ୍କ ପ୍ରତି ସନ୍ଦେହର ଦୃଷ୍ଟିଭଙ୍ଗୀଟି ତିଆରି ହୋଇଥିଲା। ସେ ଯାହାହେଉ ମିଶନାରୀମାନଙ୍କ ଉଦ୍ୟମ ହିଁ ପରବର୍ତ୍ତୀ ସମୟରେ ଅକ୍ସିଡେଣ୍ଟାଲ ଓ ଓରିଏଣ୍ଟାଲ ମଧ୍ୟରେ ଚିତ୍ତ ସଂଘର୍ଷ ଘଟାଇ ଏକ ନୂଆ ମଣିଷ ତିଆରି କରିବାରେ ସକ୍ଷମ ହୋଇଛି।

ଶ୍ରୀରାମ ପୁରର ବ୍ୟାପଟିଷ୍ଟ ମିଶନାରୀମାନଙ୍କ ପ୍ରୟାସରୁ ଦିଗଦର୍ଶନ (୧୮୨୮) ଏବଂ ସମାଚାର ଦର୍ପଣ (୧୮୨୮) ଶୀର୍ଷକ ମାସିକ ଓ ସାପ୍ତାହିକ ପତ୍ରିକା ଆତ୍ମପ୍ରକାଶ କରିଥିଲା। ସେହିପରି କଟକ ମିଶନାରୀ ପ୍ରେସରୁ ଜ୍ଞାନାରୁଣ(୧୮୪୯), ପ୍ରବୋଧ ଚନ୍ଦ୍ରିକା (୧୮୫୬), ଅରୁଣୋଦୟ (୧୮୬୧), ତାରକା ତ୍ରୟୀ (୧୮୮୩), ତଥା ଖ୍ରୀଷ୍ଟୀୟ ବାନ୍ଧବ(୧୮୮୩), କଲିକତା ବ୍ୟାପିଷ୍ଟ ମିଶନ ପ୍ରେସ ତାରକ ଓ ଶୁଭବାର୍ତ୍ତା (ଜାନୁଆରୀ ୧୮୮୮), ପ୍ରଭାତୀ ତାରା (୧୮୯୬), ତାରକା (୧୮୮୪), ମିଶନାରୀ ପତ୍ରିକା ଗୁଡିକ ପ୍ରକାଶିତ ହୋଇଥିଲା।

## • ଜ୍ଞାନାରୁଣ (୧୮୪୯)

ସାର ରେଭରେଣ୍ଡ ଚାର୍ଲସ ଲେସିଙ୍କ ସଂପାଦନାରେ କଟକ ମିଶନ ପ୍ରେସରୁ ୧୮୪୯ ମସିହା ଫେବୃଆରୀ ମାସରେ ପ୍ରକାଶ ପାଇଥିଲା ମାସିକ ପତ୍ରିକା 'ଜ୍ଞାନାରୁଣ'। ଅସୁସ୍ଥତା ହେତୁ ୧୯୫୧ ରେ ସେ ଇଂଲଣ୍ଡ ଚାଲିଯିବାରୁ ଏହି ପତ୍ରିକାଟି ବନ୍ଦ ହୋଇଯାଇଥିଲା । ତେଣୁ ମାତ୍ର ଦୁଇବର୍ଷ ପର୍ଯ୍ୟନ୍ତ ବାହାରିଥିଲା। ଖ୍ରୀଷ୍ଟଧର୍ମର ପ୍ରଚାର ପ୍ରସାର ପାଇଁ ଏହା ଉଦ୍ଦିଷ୍ଟ ଥିଲା। ଧାର୍ମିକ ଦିଗ୍ଦର୍ଶନ ଓ ଚିନ୍ତାଧାରାକୁ ଆକର୍ଷଣୀୟ ଢଙ୍ଗରେ ଏଥିରେ ପ୍ରକାଶ କରାଯିବା ସହ ଜ୍ଞାନ ବିଜ୍ଞାନର ଚର୍ଚ୍ଚା ଏଥିରେ ସ୍ଥାନ ପାଉଥିଲା ଏହି ସମୟବେଳକୁ ପୂର୍ବରୁ ପ୍ରକାଶିତ ଓଡ଼ିଆ ଭାଷାର ବାଇବେଲ ତୁଳନାରେ ମାର୍ଜିତ ହୋଇଛି। ୧୮୪୯ ମସିହା ମାର୍ଚ୍ଚ ସଂଖ୍ୟାରେ ଖ୍ରୀଷ୍ଟଧର୍ମ ପ୍ରଚାରକ ଜଗୁ ରାଉତଙ୍କ ସଂପର୍କରେ ବିବରଣ ଲେଖିବା ପ୍ରସଙ୍ଗଟିକୁ ଏଠାରେ ପ୍ରଦତ୍ତ କରାଯାଇ ଓଡ଼ିଆ ଭାଷାର ନମୁନା ଦିଆଯାଇପାରେ।

"ଖଣ୍ଡିତରେ ଗାଁ କୃଷକ ଜଗୁ ରାଉତ ଧର୍ମ ବିଷୟରେ ଅଜ୍ଞାନ ଲୋକଙ୍କୁ ବିଗତ ବର୍ଷ ମାନଙ୍କରେ ଯେମତେ ପ୍ରଭୁଙ୍କ ଆଜ୍ଞା ଦାନ କରୁଅଛନ୍ତି ତାହା ବର୍ତ୍ତମାନ ତେମନ୍ତେଇ ସମସ୍ତେ ଜାଣୁ ଅଛନ୍ତି । ଗାଁ ଲୋକେ ପ୍ରଭୁଙ୍କ ଆଜ୍ଞାର ଅର୍ଥ ବୁଝି ପାରନ୍ତି ନାହିଁ । ଅନ୍ୟ ଲୋକଙ୍କୁ ପଚାରି ଜ୍ଞାତ ହୋଇ ମନଯୋଗ କରନ୍ତି। ଯଦ୍ୟପି ଅର୍ଥ ନବୁଝିବେ ତେବେ ଅନାୟାସରେ କର୍ମ ଅସମ୍ପନ୍ନ ହେବ।"(ପୃଷ୍ଠା-୧୨)

'ଜ୍ଞାନାରୁଣ' ପୂର୍ବରୁ କୌଣସି ପତ୍ରିକା ଓଡ଼ିଶାରେ ମୁଦ୍ରିତ ଆକାରରେ ପ୍ରକାଶ ପାଇନଥିଲା। ଶିକ୍ଷା ତଥା ସାଂସ୍କୃତିକ ଜୀବନରେ ଥିବା ଓଡିଶାର ଜନଗଣ ପଠନ ସଂସ୍କୃତି ପ୍ରତି ଅଭ୍ୟସ୍ତ ନଥିବାରୁ ଏହା ବ୍ୟାପକ ଭାବେ ଆଦୃତି ଲାଭ କରିନଥିଲା। ବ୍ୟୟ ବହୁଳତା ସରକାରୀକଳର ଉଦାସୀନତା ତଥା ରେଭରେଣ୍ଡ ଲେସୀଙ୍କ ଅସୁସ୍ଥତା ହେତୁ ଇଂଲଣ୍ଡ ଚାଲିଯିବାରୁ ଏହା ବନ୍ଦ ହୋଇଯାଇଥିଲା।

## • ପ୍ରବୋଧ ଚନ୍ଦ୍ରିକା (୧୯୫୬)

ରେଭରେଣ୍ଡ ଚାର୍ଲସ ଲେସୀଙ୍କ ପୁତ୍ର ଉଇଲିୟମ ଚାର୍ଲସ ଲେସୀ ୧୯୫୧ ରୁ ସରକାରଙ୍କ ତରଫରୁ ପ୍ରକାଶିତ ଗେଜେଟ (ଗଭର୍ଣ୍ଣମେଣ୍ଟ ଗେଜେଟ) ର ସଂପାଦନ ଦାୟିତ୍ୱରେ ରହିଥିଲେ। ଉଇଲିୟମ ଲେସୀ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୮୫୬ ମିସହାରେ ଇଷ୍ଟଇଣ୍ଡିଆ କମ୍ପାନୀ ସରକାର ଓ ଖ୍ରୀଷ୍ଟିଆନ ମିଶ୍ନାରୀ ସଂସ୍ଥାର ପୃଷ୍ଟପୋଷକତାରେ'ପ୍ରବୋଧ ଚନ୍ଦ୍ରିକା' ମାସିକ ପତ୍ରିକାର ସଂପାଦକ ହୋଇଥିଲେ। ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ପୁସ୍ତକରୁ ଉପାଦାନ ଓ ତଥ୍ୟ ସଂଗ୍ରହ କରି ତାର ଓଡିଆ ଅନୁବାଦ ପୂର୍ବକ ଲେଖାଗୁଡିକ ଏଥିରେ ପ୍ରକାଶିତ ହେଉଥିଲା । ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ରର ଅନୁବାଦମାଧ୍ୟମରେ ନୀତିଶିକ୍ଷା, ହିତୋପଦେଶ ପ୍ରଭୃତି ଶିକ୍ଷଣୀୟ କାହାଣୀ ସହ ସୀତା, ସାବିତ୍ରୀ ବିବରଣୀ ଶିରୋନାମାରେ ରାମାୟଣ ତଥା ମହାଭାରତର ଗଦ୍ୟାୟନ ପ୍ରକାଶ ପାଉଥିଲା । ଏତଦ୍‌ବ୍ୟତୀତ ଲୋକ କାହାଣୀ, ଆଦିବାସୀ ତଥା ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧମାନ ପ୍ରକାଶିତ କରୁଥିଲେ। ତେଣୁ ଏହି ପତ୍ରିକାଟି ଏକାଧାରରେ ସାହିତ୍ୟ, ସାଧାରଣ ଜ୍ଞାନ ବିଜ୍ଞାନ, ଲୋକକଥା ଏବଂ ସମାଚାରକୁ ପ୍ରକାଶ କରିବାରେ ଯତ୍ନଶୀଳ ଥିଲା। ଜନସମାଜରେ ବିଦ୍ୟାର୍ଜନ ଓ ରୁଚିର ବିକାଶ ଘଟାଇବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରବୋଧ ଚନ୍ଦ୍ରିକାରେ ପ୍ରକାଶିତ କିଛି ଅଂଶ ଏଠାରେ ପ୍ରଦତ୍ତ କରାଯାଇପାରେ। 'ଦେଶୀୟ ଭାଷା ନ ଜାଣିବାର ପ୍ରତିଫଳ' ଶୀର୍ଷକ ଲେଖାରେ କୁହାଯାଇଛି।

"ଯେଉଁ ଦେଶରେ ଯେଉଁ ଭାଷା ଚଳୁଥାଏ ସେ ଦେଶୀୟ ମନୁଷ୍ୟମାନଙ୍କର ସକଳ ଅଭିପ୍ରାୟ ସେହି ଭାଷାରେ ବ୍ୟକ୍ତ ହୁଏ, ମାତ୍ର ସେଇ ସବୁ ଭାଷାର ଶବ୍ଦ ଅନେକ ଏବଂ ତାହାର ଅର୍ଥ ମଧ ନାନା ପ୍ରକାରର ଅଛି, ଦେଶୀୟ ଲୋକେ ସବୁ ଶବ୍ଦର ସମସ୍ତ ଅର୍ଥ ବୁଝିପାରନ୍ତି ନାହିଁ ଅନ୍ୟ ଲୋକକୁ ପଚାରି ଜ୍ଞାତ ହୁଅନ୍ତି।" ଏହି ପତ୍ରିକାଟି ଦେଶୀୟ ମଣିଷମାନଙ୍କୁ ଜ୍ଞାନ ବିଜ୍ଞାନ ସହ ଧର୍ମ ଓ ପ୍ରଶାସନିକ ଖବର ପହଞ୍ଚାଇବାଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଅର୍ଥାଭାବ ତଥା ଓଡ଼ିଶା ଅଧିବାସୀଙ୍କ ଅନାଗ୍ରହରୁ ଏହାର ପ୍ରକାଶର ୩ବର୍ଷ ପରେ ୧୮୫୮ ରେ ଏହା ବନ୍ଦ ହୋଇଯାଇଥିଲା।

- **ଅରୁଣୋଦୟ – ୧୮୬୧**

ପାଠ୍ୟ ପୁସ୍ତକ ଭାବେ ସ୍ୱୀକୃତ ପାଇଥିବା 'ଅରୁଣୋଦୟ' ଖ୍ରୀଷ୍ଟିଆନ ଭର୍ଣ୍ଣାକୁଲାର ଲିଟରେଚର ସୋସାଇଟିର ପୃଷ୍ଠପୋଷକତାରେ ୧୮୬୧ ମସିହାରେ ଆତ୍ମପ୍ରକାଶ କରିଥିଲା । ଏଥିରେ ମୁଖ୍ୟତଃ ଧର୍ମ ପ୍ରଚାର ଓ ସରକାରୀ ସମ୍ବାଦ ପ୍ରଚାର ସମ୍ବନ୍ଧୀୟ ଖବର ପ୍ରକାଶିତ ହେଉଥିଲା । ଏଥିରେ ବିଶେଷ କରି ବ୍ରିଟିଶ ସରକାରଙ୍କ ପ୍ରତି ଭୟ ତଥା ଆନୁଗତ୍ୟ ସ୍ୱୀକାର କରିବା ଉଦ୍ଦେଶ୍ୟରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି କୁହାଯାଇପାରେ ।

- **ମିଶନାରୀ - ୩**

ବଙ୍ଗଳା ଓ ଅସମିଆ ଭାଷାରେ ଏହି ଶିରୋନାମାରେ ମଧ୍ୟ ଉକ୍ତ ପତ୍ରିକାଟିର ପ୍ରକାଶ ପାଇଥିବାର ଜଣାଯାଏ । ତେବେ ଏହି ପତ୍ରିକା ପ୍ରକାଶନର କେତେକ କାରଣ ବା ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଭାଷାକୁ କେନ୍ଦ୍ର କରି ଜାତି ଜାତି ଭିତରେ ବିଭେଦ ସୃଷ୍ଟି କରିବା, ଖ୍ରୀଷ୍ଟ ଧର୍ମକୁ ସର୍ବୋଚ୍ଚ ସ୍ଥାନ ଦେବା ଏବଂ ବ୍ରିଟିଶ ଶାସନର ଅପ୍ରତିଦ୍ୱନ୍ଦ୍ୱୀ ଶାସନ ପ୍ରଣାଳୀକୁ ଜନ ସମୁଦାୟ ନିକଟରେ ଉପସ୍ଥାପନା କରିବା । କାରଣ ସିପାହୀ ବିଦ୍ରୋହ ଦମନପରେ ଇଷ୍ଟ ଇଣ୍ଡିଆ କଂପାନୀ ହାତରୁ ବ୍ରିଟିଶ ସାମ୍ରାଜ୍ୟ ହାତକୁ ଶାସନ ଭାର ଚାଲିଯିବାରୁ ବ୍ରିଟିଶ ଉପନିବେଶିକ ଶକ୍ତି କେନ୍ଦ୍ରର ଶାସନ କରିବାର ଅଦମ୍ୟ ଅଭିଳାଷ ସ୍ପଷ୍ଟ ହୋଇଯାଇଥିଲା ।

- **ତାରକା (ତ୍ରୟୀ)**

ବାଲେଶ୍ୱର ଖ୍ରୀଷ୍ଟାନ ମଣ୍ଡଳୀ ଦ୍ୱାରା ପରିଚାଳିତ 'ତାରକା ତ୍ରୟୀମାସିକ ପତ୍ରିକାଟି ସତ୍ୟେନ ବାନାର୍ଜୀଙ୍କ ଦ୍ୱାରା ସଂପାଦିତ ହୋଇଥିଲା ।

- **ତାରକା – ୧୮୮୪**

ଶାବତ ସ୍କୁଲ, ବାଲେଶ୍ୱରର ଏହା ଥିଲା ଶିକ୍ଷା ସମ୍ବନ୍ଧୀୟ ପତ୍ରିକା । ୧୮୮୪ ମିସହାରେ ବାଲେଶ୍ୱର ଖ୍ରୀଷ୍ଟିଆନ ମଣ୍ଡଳୀ ଦ୍ୱାରା ପରିଚାଳିତ ହୋଇ ମାସିକ ପତ୍ରିକା ଭାବେ ପ୍ରକାଶିତ ହେଉଥିଲା ସଂସ୍କାର, ଉପଦେଶମୂଳକ ତଥା ଜ୍ଞାନ ବିଜ୍ଞାନ ସମ୍ବନ୍ଧୀୟ ଗଳ୍ପ, କବିତା ଓ ପ୍ରବନ୍ଧାବଳୀ ଏଥିରେ ପ୍ରକାଶିତ ହେଉଥିଲା । ଶୈକ୍ଷିକ ମନୋଭାବ ନେଇ ପ୍ରକାଶ ପାଉଥିବା ଏହି ପତ୍ରିକାଟି ଚରିତ୍ରଗଠନ ଉପରେ ଗୁରୁତ୍ୱ ଦେଇଥିଲା, ବାଳକ ବାଳିକାମାନଙ୍କ ଉଦ୍ଦେଶ୍ୟରେ ରଚିତ କିୟଦାଂଶ ପାଠ ଏଠାରେ ପ୍ରଦତ୍ତ କରାଗଲା ।

"ଧନରେ କର ଯତନ ଓମୟେ ହେବ ରତନ

ହେ ପିଲାଗଣ ! ତୁମ୍ଭମାନଙ୍କ ହାତକୁ ଯେଉଁ ଅଳ୍ପ ଧନ ଆସେ, ତହିଁକୁ କିଛି ବଳାଇବାକୁ ଅଭ୍ୟାସ କର । ଆଜିକାଲିର ବହୁ ପିଲା ପିଲୀଙ୍କି ଏପରି ଦେଖାଯାଏ ଯେ, ସେମାନଙ୍କ ହାତରେ ପଇସା ପଡ଼ିଲାକ୍ଷଣି ପାଗଳ ପରି ହୋଇ ତୁଚ୍ଛ ବିଷୟରେ ଖରଚ କରିପକାନ୍ତି ; ତାହାର ଉପଯୋଗିତା ବୁଝନ୍ତି ନାହିଁ ।"

ତେଣୁ 'ତାରକା' ଥିଲା କୁସଂସ୍କାର ଦୂରକରି କରି ନୈତିକ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ପତ୍ରିକା । ମନୋରଂଜନ ସହିତ ବିଜ୍ଞାନ ସଂବନ୍ଧୀୟ ଧାରଣା ସୃଷ୍ଟି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

### • ପ୍ରଭାତୀ ତାରା – ୧୮୯୬

୧୮୯୬ ରୁ ଉତ୍କଳର ଖ୍ରୀଷ୍ଟିଆନ ମଣ୍ଡଳୀ ଆନୁକୂଳରେ ଉଇଲକିନ୍ସଙ୍କ ସଂପାଦନାରେ ଦୀର୍ଘ ବର୍ଷଧରି 'ପ୍ରଭାତୀ ତାରା' ପ୍ରକାଶିତ ହୋଇଛି । ପରବର୍ତ୍ତୀ ସମୟରେ ବ୍ରଜାନନ୍ଦ ଦାସଙ୍କ ସଂପାଦିକତ୍ୱରେ ୧୯୬୦ ପର୍ଯ୍ୟନ୍ତ ପ୍ରକାଶିତ ହେଉଥିଲା ।

ପ୍ରଥମ ପର୍ଯ୍ୟାୟରେ ଖ୍ରୀଷ୍ଟଧର୍ମର ମୌଳିକ ତତ୍ତ୍ୱ ଓ ଏହାର ଗ୍ରହଣଶୀଳତା ସଂପର୍କରେ ସୁବିସ୍ତୃତ ବିବରଣୀ ପ୍ରକାଶ ପାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ ସାମାଜିକ ସମସ୍ୟା ତଥା ମୌଖିକ ବିଷୟରେ ଲେଖାମାନ ବାହାରିଛି ।

ଓଡ଼ିଶାରେ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ଓ ପତ୍ରିକା ସଂପାଦନାରେ ମିଶନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ଯଦିଓ ଏହି ପତ୍ରପତ୍ରିକାଗୁଡିକର ମୁଖ୍ୟ ଉଦ୍ଦେଶ୍ୟଥିଲା ଖ୍ରୀଷ୍ଟିଆନ ଧର୍ମର ପ୍ରଚାର ଓ ପ୍ରସାର ତଥାପି ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଏବଂ ଓଡିଶାର ଜନସାଧାରଣମାନଙ୍କୁ ବିଜ୍ଞାନ ମନସ୍କ କରାଇବା, ଆଧୁନିକ ଜୀବନ ଓ ଜଗତ ସଂପର୍କରେ ଅବଗତ କରାଇବା ଏବଂ ପରୋକ୍ଷ/ପ୍ରତ୍ୟକ୍ଷ ଭାବେ ଓଡ଼ିଆ ଜାତୀୟ ଜାଗରଣ ସୃଷ୍ଟି କରାଇବାରେ ଏହି ପତ୍ରପତ୍ରିକା ଗୁଡ଼ିକର ଅବଦାନ ଯଥେଷ୍ଟ ରହିଛି ।

## ୨.୬ ଉନବିଂଶ ଶତାବ୍ଦୀର ସମ୍ବାଦପତ୍ର

ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଉତ୍କଳ ନବଜାଗରଣର ପ୍ରସ୍ତୁତି ପର୍ବ । ଏହି ସମୟରେ ଓଡିଶାକୁ ମିଶନାରୀମାନଙ୍କ ଆଗମନ ଓ ଧର୍ମପ୍ରଚାର ଉଦ୍ଦେଶ୍ୟରେ ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା ତଥା ପତ୍ରିକା ପ୍ରକାଶ ପରିଚାଳନା ଓଡ଼ିଶାର ଯୁବଗୋଷ୍ଠୀଙ୍କ ଚିନ୍ତାଚେତନାକୁ ପ୍ରରୋଚିତ କରିଛି । ଆଧୁନିକ ପାଠ୍ୟ ଖସଡାକୁ ଶିକ୍ଷା ବ୍ୟବସ୍ଥାରେ ପ୍ରବର୍ତ୍ତନ କରିବା ଓ ବ୍ୟାପକ ସଂଖ୍ୟାରେ ବିଦ୍ୟାଳୟ ଖୋଲିବା ହେତୁ ଗୋଟିଏ ଆତ୍ମସଚେତନ ଶିକ୍ଷିତ ଗୋଷ୍ଠୀ ନିର୍ମାଣ ହୋଇଥିଲା । ତେଣୁ ଆଧୁନିକ ଜ୍ଞାନ ବିଜ୍ଞାନ ସହ ପରିଚିତ ନବ୍ୟ ଶିକ୍ଷିତ – ଗୋଷ୍ଠୀ ଉନବିଂଶ ଶତାବ୍ଦୀରେ ଉତ୍କଳ ଭୂମି ଓ ଭାଷାର ସାରବ । ପ୍ରଦର୍ଶନ ପାଇଁ ଆଗକୁ ବାହାରିଥିଲେ । ଆମେ ଜାଣୁ ସଂଘର୍ଷରୁ ହିଁ ଜୀବନ କ୍ରମଶଃ ଉଚ୍ଚତର ସୋପାନ ଅଭିମୁଖେ ଅଗ୍ରଗତି କରିଥାଏ । ଓଡ଼ିଆ ଜାତିର ଏହି ଅଭିଯାତ୍ରାର ପ୍ରଥମ ମାଙ୍ଗଳିକ ଧ୍ୱନି ଉଚ୍ଚାରିତ ହୋଇଛି ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷର କରାଳ ଗର୍ଭରୁ । ଇଂରେଜ ଶାସନ କର୍ତ୍ତୃକଙ୍କ ଦୂରଦୃଷ୍ଟିହୀନ ବିଚାରବୋଧ ପରୋକ୍ଷରେ ଓଡ଼ିଆ ଜାତି ଭିତରେ ଉନ୍ମାଦନା ଭରି ଦେଇଛି ନିଜ ଅସ୍ମିତାର ଅନ୍ୱେଷଣ ପାଇଁ । ଉପନିବେଶିକ ଶାସନତନ୍ତ୍ରର ବାସ୍ତବ ଦିଗଗୁଡ଼ିକୁ ଉଭୟ ପ୍ରଜା ଓ ଶାସକ ବର୍ଗଙ୍କ ଦୃଷ୍ଟି ପଥାରୋଢ କରିବାପାଇଁ ଏହି ସମୟରେ ପ୍ରାୟତଃ ୪୦ରୁ ଊର୍ଦ୍ଧ୍ୱ ପତ୍ରପତ୍ରିକା ପ୍ରକାଶ ପାଇଛି ଓ ସେମାନଙ୍କ ମଧ୍ୟରୁ ଅନେକ ନିଷ୍ପ୍ରଭ ହୋଇଛନ୍ତି । ତେବେ ଏହି ସମୟରେ ଯେଉଁ ସମ୍ବାଦପତ୍ର ଗୁଡ଼ିକ ବାହାରିଛି ସେମାନଙ୍କର କାର୍ଯ୍ୟ କରିବାର ଦକ୍ଷତା, ଜାତିର ଉତ୍‌ଥାନ ପାଇଁ ପ୍ରତିବଦ୍ଧତା, ସରକାରୀ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ବିଚାର ବିଶ୍ଳେଷଣ, ଲୋକମାନଙ୍କ ସମସ୍ୟା ଓ ସମାଧାନର ମାର୍ଗ ନିରୂପଣ ଦିଗରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛନ୍ତି । ବ୍ରିଟିଶ ଶାସନଗତ ଜନ ଅସନ୍ତୋଷ,ଅଭାବ ଅସୁବିଧା ସହିତ ସେମାନଙ୍କ ସ୍ୱାର୍ଥ ପ୍ରଣୋଦିତ ଆର୍ଥନୀତିକ ନିୟମ ପ୍ରଚଳନ, ପାଶ୍ଚାତ୍ୟ ସଭ୍ୟତାର ପ୍ରଚାର ଓ ଗ୍ରହଣ ପାଇଁ ପରୋକ୍ଷ ଶାସନନୀତି, ରାଜଗାଦି ଚ୍ୟୁତ ସ୍ଥାନୀୟ ରାଜାଙ୍କ ଦୁର୍ଗତି, ବିଦେଶୀମାନଙ୍କ

ଉପଦ୍ରବ, ଦେଶୀୟମାନଙ୍କ କଳା, ସଂସ୍କୃତି ଓ ଧର୍ମ ବିଶ୍ୱାସକୁ ହୀନ ଚକ୍ଷୁରେ ଦେଖିବା,ଅପର ପକ୍ଷରେ ଖ୍ରୀଷ୍ଟଧର୍ମର ପରଚାର ଉଦ୍ଦେଶ୍ୟରେ ପତ୍ରପତ୍ରିକା, ଦାତବ୍ୟ ଅନୁଷ୍ଠାନ ପ୍ରତିଷ୍ଠା, ଆଧୁନିକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା, ରେଳ ଇଞ୍ଜିନ ଚଳାଚଳ ସମ୍ପର୍କିତ ସରକାରୀ ନିଷ୍ପତ୍ତି,ଆଧୁନିକ ଚିକିତ୍ସା ପ୍ରଣାଳୀକୁ ଗୁରୁତ୍ୱ ଦେବା ଇତ୍ୟାଦି ନାନାବିଧ ଜୀବନ ଓ ଜୀବିକା ସମ୍ପର୍କୀୟ ଚିନ୍ତା ଚେତନା ଊନବିଂଶ ଶତାବ୍ଦୀକୁ କରିଛି ଚଳଚଞ୍ଚଳ। ତେଣୁ ଏକ ମିଶ୍ରିତ ଘଟଣାବହୁଳ ଜୀବନବୋଧ ଊନବିଂଶ ଶତାବ୍ଦୀର ଯୁବଗୋଷ୍ଠୀଙ୍କୁ ଅନୁପ୍ରେରିତ କରିଛି ଓଡ଼ିଶା ଓ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ବିଧାନ ନିମନ୍ତେ ।

ମିଶନାରୀମାନଙ୍କ ଉଦ୍ୟମରେ ମୁଦ୍ରଣ ଯନ୍ତ୍ରର ସ୍ଥାପନ ତଥା ଜ୍ଞାନାରୁଣ,ପ୍ରବୋଧ ଚନ୍ଦ୍ରିକା,ଅରୁଣୋଦୟ ସମ୍ବାଦପତ୍ର କେବଳ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଉଦ୍ଦିଷ୍ଟ ଥିଲା ଯାହା ପୂର୍ବ ଅଧ୍ୟାୟରେ ବିଶଦ ଭାବେ ଆଲୋଚନା କରାଯାଇଛି। ତେବେ ଊନବିଂଶ ଶତକରେ ୬୩ଟି ପତ୍ରପତ୍ରିକା ପ୍ରକାଶ ପାଇଛି । ସେଗୁଡ଼ିକ ହେଲା (୧) କୁଜୀବର ପତ୍ର (୧୮୨୬), (୨) ଜ୍ଞାନାରୁଣ (୧୮୪୯), (୩) ଓଡ଼ିଆ ଗେଜେଟ (୧୮୫୧), (୪) ପ୍ରବୋଧ ଚନ୍ଦ୍ରିକା (୧୮୫୮), (୫) ଅରୁଣୋଦୟ (୧୮୬୧), (୬) ଉତ୍କଳ ଦୀପିକା (୧୮୬୬), (୭) ବୋଧ ଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା (୧୮୬୮), (୮) ଉତ୍କଳ ହିତୈଷିଣୀ (୧୮୬୯), ଉତ୍କଳ ଶୁଭଙ୍କରୀ (୧୮୬୯), (୧୦) ଉତ୍କଳ ପୁତ୍ର (୧୮୭୧), (୧୧) ଆଗୁଆନା (୧୮୭୨), (୧୨) ଉତ୍କଳ ଦର୍ପଣ (୧୮୭୩), (୧୩) ଭଗବତ ଭକ୍ତି ପ୍ରଦାୟିନୀ (୧୮୭୩), (୧୪) ବିଦେଶୀ (୧୮୭୩), (୧୫) ଶିକ୍ଷକ (୧୮୭୪), (୧୬) ଧର୍ମବୋଧିନୀ (୧୮୭୪), (୧୭) ଉତ୍କଳ ସଂସ୍କାରକ (୧୮୭୪), (୧୮) ପୁରୁଷୋତ୍ତମ ଚନ୍ଦ୍ରିକା (୧୮୭୪), (୧୯) ସ୍ୱଦେଶୀ (୧୮୭୬), (୨୦) ବାର୍ତ୍ତା ଲହରୀ (୧୮୭୭), (୨୧) ଧୂମକେତୁ (୧୮୭୭), (୨୨) ଉତ୍କଳ ମଧୁପ (୧୮୭୮), (୨୩) ମୟୂରଭଞ୍ଜ (୧୮୭୮), (୨୪) କୋହିନୁର (୧୮୮୦), (୨୫) ପୁରୁଷୋତ୍ତମ ଦୀପିକା (୧୮୮୦), (୨୬) ପୁରୁଷୋତ୍ତମ ପତ୍ରିକା (୧୮୮୨), (୨୭) ପ୍ରଜାବନ୍ଧୁ (୧୮୮୨), (୨୮) ତାରକା (୧୮୮୩), (୨୯) ଖ୍ରୀଷ୍ଟୀୟ ବାନ୍ଧବ (୧୮୮୩), (୩୦) ତାରକାତ୍ରୟୀ (୧୮୮୩), (୩୧) ସେବକ (୧୮୮୩), (୩୨) ସଂସ୍କାରକ (୧୮୮୩), (୩୩) ସଂସ୍କାରକ ଓ ସେବକ (୧୮୮୪), (୩୪) ଧୂମକେତୁ (୧୮୮୪), (୩୫) ନବବିଧାନ (୧୮୮୪), (୩୬) ପ୍ରଦୀପ (୧୮୮୫), (୩୭) ଶିକ୍ଷାବନ୍ଧୁ (୧୮୮୫), (୩୮) ହରିଭକ୍ତି ପ୍ରଦାୟିନୀ (୧୮୮୫), (୩୯) ବ୍ୟବସାୟୀ (୧୮୮୬), (୪୦) ତାରକା ଓ ଶୁଭବାର୍ତ୍ତା (୧୮୮୬), (୪୧) ନବସମ୍ବାଦ (୧୮୮୭), (୪୨) ସାମବ୍ୟବାଦୀ (୧୮୮୭), (୪୩) ଓଡ଼ିଆ (୧୮୮୭), (୪୪) ସମାଲୋଚନା (୧୮୮୭), (୪୫) ଓଡିଆ ଓ ନବସଂବାଦ (୧୮୮୮), (୪୬) ଆଶା (୧୮୮୮), (୪୭) ଦୀପକ (୧୮୮୯), (୪୮) ସମ୍ବଲପରୁ ହିତୈଷିଣୀ (୪୯) ଉତ୍କଳ ପ୍ରଭା (୧୮୯୧), (୫୦) ଉତ୍କଳ ପତ୍ରିକା (୧୮୯୧), (୫୧) ଭକ୍ତିତତ୍ତ୍ୱ (୧୮୯୨), (୫୨) ଇନ୍ଦ୍ରଧନୁ (୧୮୯୩), (୫୩) ବିଜୁଳି (୧୮୯୩), (୫୪) ବ୍ରାହ୍ମ (୧୮୯୪), (୫୫) ଉତ୍କଳ ଚିକିତ୍ସକ (୧୮୯୪), (୫୬) ଉତ୍କଳ ହିତୈଷୀ ଓ ଚିକିତ୍ସାତତ୍ତ୍ୱ ବିଜ୍ଞାନ (୧୮୯୪), (୫୭) ଉତ୍କଳ ବନ୍ଧୁ (୧୮୯୬), (୫୮) ପ୍ରଭାତି ତାରା (୧୮୯୬), (୫୯) ମନୋରମା (୧୮୯୬), (୬୦) ଉତ୍କଳ ସାହିତ୍ୟ (୧୮୯୭), (୬୧) ଗଞ୍ଜାମ ଓଡ଼ିଆ ହିତବାଦିନୀ (୧୮୯୯), (୬୨) ଆଲୋଚନା (୧୯୦୦), (୬୩) ଉତ୍କଳ ମଧୁପ (୧୯୦୦) ।

ଓଡ଼ିଶାର ପ୍ରଥମ ନିଛକ ସାହିତ୍ୟିକ ପତ୍ରିକା ଭାବେ 'ଉତ୍କଳ ଦର୍ପଣ' (୧୮୭୩) ସହିତ ଉତ୍କଳ ହିତୈଷିଣୀ (୧୮୬୮), ଉତ୍କଳ ପୁତ୍ର (୧୮୭୩), ବିଦେଶୀ (୧୮୭୩) ଆଦି ସାପ୍ତାହିକ ଓ ପାକ୍ଷିକ ପତ୍ରପତ୍ରିକାଗୁଡ଼ିକରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରତିଫଳନ ଆମେ ଦେଖିପାରିବା। ତେବେ ପରବର୍ତ୍ତୀ ସମୟରେ ଓଡିଆ ସାହିତ୍ୟକୁ ଅଧିକ ଗତିଶୀଳ କରାଇବାପାଇଁ ଉତ୍କଳ ମଧୁପ (୧୮୭୮), ଶିକ୍ଷାବନ୍ଧୁ ପ୍ରଣବ (୧୮୮୫), ନବସମ୍ବାଦ (୧୮୮୭), ଓଡ଼ିଆ ଓ ନବସମ୍ବାଦ(୧୮୮୮), ଆଶା (୧୮୮୮), ସମ୍ବଲପରୁ ହିତୈଷିଣୀ (୧୮୮୯) ଉତ୍କଳ ପ୍ରଭା (୧୮୯୧), ଇନ୍ଦ୍ରଧନୁ (୧୮୯୩) ବିଜୁଳି (୧୮୯୩), ଉତ୍କଳ ବନ୍ଧୁ (୧୮୯୬) ଏବଂ ଉତ୍କଳ ସାହିତ୍ୟ (୧୮୯୭) ପ୍ରଭୃତି ସାହିତ୍ୟ ପତ୍ରପତ୍ରିକାଗୁଡ଼ିକ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ଊନବିଂଶ ଶତାବ୍ଦୀରେ ପ୍ରକାଶିତ ପତ୍ରପତ୍ରିକାମାନଙ୍କ ମଧ୍ୟର 'ଉତ୍କଳ ଦର୍ପଣ'ର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି ଏବଂ ଏହାର ପାଶ୍ଚାତ ପଟରେ ରହିଛି ଏକ ଇତିହାସ। ଆମେ ଜାଣୁ ଆଧୁନିକ ସାହିତ୍ୟ ହେଉଛି ପ୍ରାଚ୍ୟ-ପାଶ୍ଚାତ୍ୟ ସଭ୍ୟତାର ଏକ ସମିଶ୍ରିତ ଭାବୋଦ୍ଦୀପକ ଚେତନାର ଅମୃତମୟ ଫଳଶ୍ରୁତି।

ଆଧୁନିକ ବଂଗଳା ଭାଷା ସାହିତ୍ୟରେ ସମୃଦ୍ଧି ପଛରେ ସମ୍ବାଦ ପ୍ରଭାକର (୧୮୩୧), ତ ବୋଧନୀ (୧୮୪୩), ବିବିଧାର୍ଥ ସଂଗ୍ରହ (୧୮୫୧), ମାସିକ ପତ୍ରିକା (୧୮୫୪), ବଙ୍ଗଦର୍ଶନ (୧୮୭୨) ପ୍ରଭୃତି ପତ୍ରପତ୍ରିକା ସହିତ ଜଡ଼ିତ ଥିଲେ ଈଶ୍ୱର ଚନ୍ଦ୍ର ଗୁପ୍ତ, ଅକ୍ଷୟ କୁମାର ଗୁପ୍ତ, ରାଜେନ୍ଦ୍ର ଲାଲ ମିତ୍ର, ଭୂଦେବ ମୁଖୋପାଧ୍ୟାୟ, ବଙ୍କିମ ଚନ୍ଦ୍ରଙ୍କ ପରି ସଂସ୍କୃତି ସଚେତନ ଚିନ୍ତକ ବୃନ୍ଦ । ଆଧୁନିକ ବଙ୍ଗଳା ଭାଷା ଓ ସାହିତ୍ୟର ଚର୍ଚ୍ଚା ବାଲେଶ୍ୱର ବାଟ ଦେଇ କଟକରେ ପହଞ୍ଚିଥିଲା। ତେଣୁ ଆଧୁନିକ ବଙ୍ଗଳା ସାହିତ୍ୟ ସହ ପରିଚିତ ଫକୀର ମୋହନ, ରାଧାନାଥ, ମଧୁସୂଦନ, ରାମ ଶଙ୍କର, ବିଶ୍ୱନାଥ କର ପ୍ରଭୃତି ନିଶ୍ଚିତ ରୂପେ ଚିନ୍ତାକରିଥିବେ ବଂଗଳା ଅନୁରୂପ ଓଡିଆ ସାହିତ୍ୟ ପତ୍ରିକାର ପ୍ରକାଶପାଇଁ। ଏହି ସାମୂହିକ ଚିନ୍ତା ଚେତନାର ଦ୍ୟୋତକ ହେଉଛି 'ଉତ୍କଳ ଦର୍ପଣ'। ଓଡ଼ିଆ ଭାଷାରେ ପ୍ରଥମ ସାହିତ୍ୟ ପତ୍ରିକାର ମାନ୍ୟତା ପାଇଥିବା 'ଉତ୍କଳ ଦର୍ପଣ'ର ସଂପାଦକ ଥିଲେ ଇନ୍ଦ୍ର ବଲ୍ଲଭ ଭଟ୍ଟାଚାର୍ଯ୍ୟ ଏବଂ ପୃଷ୍ଠପୋଷକ ଥିଲେ ବୈକୁଣ୍ଠ ନାଥ ଦେ। ଏହା ୧୮୭୩ ଜାନୁଆରୀ ରୁ ୧୮୭୪ ଡିସେମ୍ବର ପର୍ଯ୍ୟନ୍ତ ମାସିକ, ୧୮୭୫ ଜାନୁଆରୀରୁ ୧୮୭୮ ପର୍ଯ୍ୟନ୍ତ ପାକ୍ଷିକ ଏବଂ ୧୮୭୯ ରୁ ୧୮୮୫ ପର୍ଯ୍ୟନ୍ତ ସାପ୍ତାହିକ ଭାବେ ନିରବଚ୍ଛିନ୍ନ ୧୦ବର୍ଷ ଧରି ବାଲେଶ୍ୱରରୁ ପ୍ରକାଶିତ ହେଉଥିଲା। ଉତ୍କଳ ଦର୍ପଣର ଆଭିମୁଖ୍ୟ, ଏଥିରେ ସ୍ଥାନ ପାଉଥିବା ଆଧୁନିକ ଜୀବନ ବୋଧ ସଂପର୍କିତ ସାହିତ୍ୟ-ସଂରଚନାର ଭାବ ଏବଂ ଭଙ୍ଗୀକୁ ଲକ୍ଷ୍ୟ କରି Modern Oriya Literature ପୁସ୍ତକରେ ପ୍ରିୟରଂଜନ ସେନ ଲେଖିଥିଲେ, "The Utkal Darpana, a monthly from Balasore, started in 1873 and scoring an easy first from the literary point of view, numbered Radhanath, Madhusudan and others among its contributors. (Page-42) ବୈକୁଣ୍ଠନାଥ ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠପୋଷକଏବଂ ରାଧାନାଥ ଥିଲେ ତାଙ୍କର ଘନିଷ୍ଠ ବନ୍ଧୁ। ସମ୍ବାଦ ବାହିକାରେ ଓଡ଼ିଆ ସାହିତ୍ୟ ସଂପର୍କରେ ଫକୀର ମୋହନଙ୍କ ଯୁକ୍ତିନିଷ୍ଠ ଲେଖାମାନ ବୀମସ୍‌ଙ୍କ ନଜରକୁ ଆସିଛି ଓ ସେ ଅନୁଭବ କରିଛନ୍ତି ଆହୁରି କିଛି ଲେଖକ ବାହାରନ୍ତୁ ଯେଉଁମାନେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାପାଇଁ ପ୍ରୟାସୀ ହେବେ। ତେଣୁ ବୀମସ୍-ରାଧାନାଥ-ବୈକୁଣ୍ଠଙ୍କ ତ୍ରୟୀମାନସିକତାର ଫଳ ସ୍ୱରୂପ 'ଉତ୍କଳ ଦର୍ପଣ'ର ଆବିର୍ଭାବ ସମ୍ଭବ ହୋଇଛି ବୋଲି ମନେ କରାଯାଏ।

ଏହି ସମୟରେ କ୍ଷଣସ୍ଥାୟୀ ପତ୍ରିକା 'ଉତ୍କଳ ପୁତ୍ର'(୧୯୭୩) ଆତ୍ମପ୍ରକାଶ ପାଏ। ଯଦିଓ ଏହା ମାତ୍ର ୪ବର୍ଷ ପାଇଁ ବାହାରିଥିଲା ଏହା ମାଧ୍ୟମରେ ପ୍ୟାରୀମୋହନ ଆଚାର୍ଯ୍ୟ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ତଥା ସମାଜ ସଂସ୍କାର ସହିତ ବ୍ରିଟିଶ ସରକାରଙ୍କ ନିକଟରେ ଓଡିଶାର ଉନ୍ନତିପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲା। ୧୮୭୪ ମସିହା ଜୁନ ୩ତାରିଖରେ ପ୍ୟାରୀମୋହନ ଓଡ଼ିଆ ସାହିତ୍ୟର ସ୍ୱରୂପ ସଂପର୍କରେ ମନ୍ତବ୍ୟ ଦେଇ ଲେଖିଥିଲେ ଯେ, "ଉତ୍କଳ ସାହିତ୍ୟର ଅବସ୍ଥା ଯେ ଅଦ୍ୟାବଧି ଶୋଚନୀୟ ଏକଥା କିଏ ଅସ୍ୱୀକାର କରିବ ? ଆଜି ପର୍ଯ୍ୟନ୍ତ ସରଳ, ସୁଲଳିତ, ଶୃଙ୍ଗାର ରସ ବିବର୍ଜିତ ମନୋଦୁଃଖର ଓ ପ୍ରୀତିପଦ ଖଣ୍ଡେ ଗଦ୍ୟ କି ପଦ୍ୟ ମୂଳଗ୍ରନ୍ଥ ଓଡ଼ିଆ ଭାଷାରେ ଦେଖିବାକୁ ପାଇବା ଦୁଷ୍କର। ନାଟକ ଓ ନବନ୍ୟାସ ରୀତି ଓ ଅଦ୍ୟାବଧି ପ୍ରକୃଷ୍ଟ ରୂପେ ଏ ଭାଷାରେ ପ୍ରବେଶ କରିପାରି ନାହିଁ । ସେନାପତି ରଚିତ ଭାରତ ବର୍ଷର ଇତିହାସ ଓ ଅମୁଦ୍ରିତ ବଙ୍ଗଳାରୁ ଅନୁବାଦିତ ଦୁଇ ଏକ ଖଣ୍ଡ ଇଂଲଣ୍ଡ ଇତିହାସ ଛଡା ପ୍ରକୃତ ଇତିହାସ ଏ ଭାଷାରେ ଆଉ ଥିବାର ଆମ୍ଭମାନଙ୍କୁ ଜଣାନାହିଁ । ଉପାଖ୍ୟାନ କି ଭ୍ରମଣ ବୃତ୍ତାନ୍ତ ବିଷୟକ ମୂଳରୁ ଦୁଷ୍ପ୍ରାପ୍ୟ। ଏହିପରି ଗୋଟି ଗୋଟି କହିଲେ ଅନେକ ହୋଇଯିବ।" ପ୍ୟାରୀମୋହନଙ୍କ ଉପରୋକ୍ତ ଯୁକ୍ତି ସେସମୟ ଓଡ଼ିଆ ସାହିତ୍ୟ ପାଇଁ ଏକ ଆହ୍ୱାନ। ସେଇ ଆହ୍ୱାନର ଫଳ ସ୍ୱରୂପ 'ଉତ୍କଳ ମଧୁପ' (୧୮୭୮)ର ଆବିର୍ଭାବ ଘଟିଛି।

'ଉତ୍କଳ ମଧୁପ' ଥିଲା 'ଉତ୍କଳ ସଭା'ର ମୁଖପାତ୍ର। ରାମଶଙ୍କର ରାୟଙ୍କ ତତ୍ତ୍ୱାବଧାନ ଓ ଉଦ୍ୟମରେ ଗୋପାଳ ଚନ୍ଦ୍ର ଦତ୍ତଙ୍କ ସଂପାଦନାରେ (ଗୋପାଳ ଚନ୍ଦ୍ର ଦତ୍ତଙ୍କ ପରେ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଏହାର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ) 'ଉତ୍କଳ ମଧୁପ' ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିବା ସହିତ ଏକ ଦିଗବାରେଣୀର ଭୂମିକା ନିର୍ବାହ କରିଥିଲା। ଏହାର ବିଶେଷତ୍ୱ ଥିଲା ଉଭୟ ପ୍ରାଚୀନ ଓ ଆଧୁନିକ କବିମାନଙ୍କ ସଂପର୍କରେ ନିରପେକ୍ଷ ତଥା ତାତ୍ତ୍ୱିକ ବିଶ୍ଳେଷଣ କରିବା। ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ ରାମଶଙ୍କର ଉପନ୍ୟାସ 'ସୌଦାମିନୀ' ର ତିରିଶି ଗୋଟି ପରିଚ୍ଛେଦ ଏଥିରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା ଯାହାଥିଲା ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ । ଆର୍ଥିକ ଦୂରବସ୍ଥାରୁ ପତ୍ରିକାଟି ବନ୍ଦ ହୋଇଯାଇଥିବା ଓ ସୌଦାମିନୀ ଉପନ୍ୟାସଟି ଅସଂପୂର୍ଣ୍ଣ ହୋଇରହିଗଲା। ପ୍ରଥମଥର କରି 'ଉତ୍କଳ ମଧୁପ' ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ଏବଂ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ପାଠ ଉଦ୍ଧାର କରି ତାର ସମାଲୋଚନା ପ୍ରକାଶ କରିଥିଲା। ଏହି କାବ୍ୟମାନଙ୍କର ଅଶ୍ଳୀଳ ବର୍ଣ୍ଣନା ହେତୁ 'ପ୍ରକୃତ କାବ୍ୟ ନୁହେଁ' ବୋଲି ମତପ୍ରକାଶ କରିଥିଲା । ଏଥିରେ କୌଣସି ଲେଖକଙ୍କ ନାମ ପ୍ରକାଶ କରାଯାଉନଥିବାରୁ ଅନେକ ସାହିତ୍ୟାଲୋଚକଙ୍କ ପ୍ରକୃତ ପରିଚୟ ମିଳେ ନାହିଁ । ଏହି ପତ୍ରିକାରେ ଗ୍ରନ୍ଥ ସମୀକ୍ଷା ସହିତ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧ ପ୍ରକାଶିତ ହେଉଥିଲା । ମଧୁସୂଦନ ରାଓଙ୍କ ପ୍ରସିଦ୍ଧ କବିତା 'ଜୀବନ ଚିନ୍ତା' ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ' ଆଲୋଚନା ପ୍ରକାଶ ପାଇ ଏହାର ମୂଲ୍ୟ ଦ୍ୱିଗୁଣିତ କରିଥିଲା ।

ଶ୍ରୀ ଶରତ ଚନ୍ଦ୍ର ମୁଖୋପାଧ୍ୟାୟ ଓ ବୈକୁଣ୍ଠ ନାଥ ଦତ୍ତଙ୍କ ସଂପାଦନାରେ ପ୍ରକାଶିତ 'ପ୍ରଦୀପ' (୧୮୮୫) ସମାଲୋଚନା ମୂଳକ ମାସିକ ସାହିତ୍ୟ ପତ୍ରିକା ଭାବେ ପ୍ରକାଶିତ ହୋଇଥିଲା। ଊନବିଂଶ ଶତାବ୍ଦୀର ଅଧିକାଂଶ ପତ୍ରପତ୍ରିକା ପରି ଏଥିରେ ଲେଖକଙ୍କ ନାମ ଗୋପନ ରଖାଯାଇ ଛଦ୍ମ ନାମରେ ଲେଖକଙ୍କ କୃତିଗୁଡିକ ପ୍ରକାଶିତ ହେଉଥିଲା । ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ ଏଥିରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲେଖକଙ୍କ ସଂପୃକ୍ତ

ଥିଲେ। ମଧୁସୂଦନ ରାଓ, ଗୌରଚନ୍ଦ୍ର ସେନ, ଗୋବିନ୍ଦ ରଥ, ରାମଶଙ୍କର ରାୟ, ସାଧୁଚରଣ ରାୟ, ଅକ୍ଷୟ କୁମାର ଘୋଷ ପ୍ରଭୃତି ୨୩ଜଣ ଲେଖକ ଏହି ପତ୍ରିକାରେ ନିଜର ଲେଖାମାନ ପ୍ରକାଶ କରିବାକଥା ପ୍ରଥମ ବର୍ଷର ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଛି ।

ମଧୁସୂଦନ ରାଓଙ୍କ 'ଆକାଶ ପ୍ରତି','ମାନବ ଜୀବନ ପ୍ରତି', ଗୋବିନ୍ଦ ରଥଙ୍କ 'ନିଦାଘ ସଂଧ୍ୟା', 'ଆଶ୍ଚର୍ଯ୍ୟ ସ୍ୱପ୍ନ', ମଧୁସୂଦନଙ୍କ 'ଅନନ୍ତ ଆମ୍ଭମାନଙ୍କର ଆଦର୍ଶ', ସାଧୁଚରଣ ରାଓଙ୍କ 'ବିଜ୍ଞାନର କାର୍ଯ୍ୟକ୍ଷେତ୍ର', 'ଜୀବନ କି ଅସାର', ବ୍ରହ୍ମାନନ୍ଦ ଦାସଙ୍କ ଆମ୍ଭମାନଙ୍କ ଜାତୀୟ ସାହିତ୍ୟ, ଶ୍ରୀ-ସନ୍ମାର୍ଗରେ ବୁଦ୍ଧିର ପରିଚାଳନା, ଶ୍ରୀ-ରମଣୀର ଦିପନ ସମୟରେ ଅଟଳତା, ବିଜ୍ଞାନ ରାଜ୍ୟରେ ବିଶ୍ୱାସ, ବାଲ୍ୟଶିକ୍ଷା ସମ୍ବନ୍ଧରେ ଦୁଇ ଏକ ଗୋଟି କଥା, ପରନିନ୍ଦା, କବି ଓ କବିତା, ଶ୍ରୀ – ମୁଦ୍ରାଯନ୍ତ୍ର - ପୁସ୍ତକପାଠ, ଆକସ୍ମିକ ଘଟଣା, ପରିଦର୍ଶନ ଓ ପରୀକ୍ଷା, ବନ୍ଧୁତା, ଶ୍ରୀ-ଜୀବନ ସଂଗ୍ରାମ ସ୍ମଶାନ ଚିନ୍ତା ଆଦି ପ୍ରବନ୍ଧ 'ମଧୁପ'କୁ ଅଧିକ ମଧୁମୟ କରିଛି । ସେହିପରି ମଠର ସମ୍ବାଦ (ଶ୍ରୀ), ଅନାଥିନୀ ନାମକ ଦୁଇଟି ଉପନ୍ୟାସ ଏଥିରେ ପ୍ରକାଶ ପାଇଛି।

କବିତା, ପ୍ରବନ୍ଧ, ଉପନ୍ୟାସ ଓ ସମାଲୋଚନାକୁ ଗୁରୁତ୍ୱ ଦେଇ 'ପ୍ରଦୀପ' ନିଜ ଆଦର୍ଶକୁ ବଜାୟ ରଖିଥିଲା । ଭୂପତି ନାଥ ବସୁଙ୍କ ଏବଂ ସାଧୁଚରଣ ରାୟଙ୍କ ସଂପାଦନାରେ 'ନବ ସଂବାଦ' (୧୮୮୭) ସାହିତ୍ୟ ପତ୍ରିକା ପ୍ରକାଶ ପାଏ । ଏହି ପତ୍ରିକା ସହିତ 'ଶିକ୍ଷା ବନ୍ଧୁ'ର ସଂପର୍କ ରହିଛି ଏ ବିଷୟରେ ଶିକ୍ଷା ବନ୍ଧୁର ଦ୍ୱିତୀୟ ବର୍ଷରେ ଏକ ବିଜ୍ଞାପନ ପ୍ରକାଶିତ ହୋଇ ଏହାର ନାମ 'ନବ ସମ୍ବାଦ' ହେବ ବୋଲି କୁହାଯାଇଛି। ଏହି ପତ୍ରିକାର ପ୍ରଥମ ସଂଖ୍ୟାରେ ମଧୁସୂଦନଙ୍କ 'ନବସମ୍ବାଦ' ଶୀର୍ଷକ କବିତା ପ୍ରକାଶ ପାଏ ଯାହା ସୂଚିତ କରେ ନବସମ୍ବାଦର ଭାବଧାରା ସଂପର୍କରେ। ଏହା ଏକ ସାପ୍ତାହିକ ସମ୍ବାଦ ପତ୍ର ହେଲେ ମଧ୍ୟ ସାହିତ୍ୟର ବିଭିନ୍ନ ବିଭାଗ ଏଥିରେ ପ୍ରକାଶ ପାଉଥିଲା। ରାଧାନାଥ ରାୟଙ୍କ 'ଭ୍ରମଣକାରୀଙ୍କ ଠାରୁ ପ୍ରାପ୍ତ ଶୀର୍ଷକ ଭ୍ରମଣ ବୃତ୍ତାନ୍ତ ଏଥିରେ ଧାରାବାହିକ ଭାବେ ପ୍ରକାଶ ପାଇଛି। ମଧୁସୂଦନଙ୍କ ପୂର୍ଣ୍ଣଧର୍ମ ପ୍ରବନ୍ଧ ମଧ୍ୟ ଏଥିରେ ପ୍ରକାଶିତ । ସେହିପରି ଧର୍ମର ବଳ, ଦୋଳ ପର୍ବ, ରୁକ୍ମାବାଇ, ମହାତ୍ମା ରାଜାରାମମୋହନ ରାୟ ପରାଧୀନ ଭାରତର ରାଜନୈତିକ ଭବିଷ୍ୟତ ପରି ଅନେକ ପ୍ରବନ୍ଧ ଏହାକୁ ଶ୍ରୀମଣ୍ଡିତ କରିଥିଲା । ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଏଥିରେ ଦୁଇଟି ସଂଖ୍ୟାରେ (୧୬.୬.୧୮୮୭ ଏବଂ ୧୪.୭.୧୮୮୭) ଧାରାବାହିକ ଭାବେ ବାହାରିଥିବା 'ଉତ୍କଳ କବିତା ଓ କବି' ଶୀର୍ଷକ ଦୀର୍ଘ ଆଲୋଚନାଟି ଓଡ଼ିଆ ସାହିତ୍ୟ ଇତିହାସ ରଚନାର ଆଦ୍ୟ ସ୍ୱାକ୍ଷର ବହନ କରେ। ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟନ ସଂପର୍କରେ ଏକ ସଂସ୍କାରବାଦୀ ମନ ନେଇ ଏଥିରେ ପ୍ରକାଶ ପାଉଥିବା ଆଲୋଚନା ଗୁଡିକ ବେଶ୍ ଉପାଦେୟ। ଗୋଟିଏ ବର୍ଷର ଆୟୁଷ କାଳରେ ସମଗ୍ର ଓଡ଼ିଶାରେ ଏକ ଲୋକପ୍ରିୟ ପତ୍ରିକା ଭାବେ ନିଜର ସ୍ୱାକ୍ଷର ଛାଡ଼ି ଦେଇଛି। ଦ୍ୱାରକାନାଥ ଦାସଙ୍କ ସମ୍ପାଦନାରେ ପ୍ରକାଶ ପାଏ 'ଓଡ଼ିଆ ଓ ନବସମ୍ବାଦ' (୧୮୮୮) ଏକ ସାପ୍ତାହିକ ସମ୍ବାଦପତ୍ର। ଏହି ପତ୍ରିକାରେ ସମାଲୋଚନା ସାହିତ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ତୁଳସୀ ସ୍ତବକ, ରାମବନବାସ, ବିବାସିନୀ, ସୀତା ବିବାହ ପ୍ରଭୃତି ପୁସ୍ତକର ସମୀକ୍ଷା/ଆଲୋଚନା ବେଶ୍ ଉଚ୍ଚ କୋଟୀର। ୧୮୯୩-୯୪ ରେ ଭଞ୍ଜ ଓ ରାଧାନାଥଙ୍କୁ କେନ୍ଦ୍ରକରି ଯେଉଁ ସାହିତ୍ୟିକ ବିବାଦ ସୃଷ୍ଟି ହୋଇଥିଲା 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକା ମାଧ୍ୟମରେ, ସେହି ସମୟରେ ରାଧାନାଥଙ୍କ "ମୋହଠାରୁ ଭଞ୍ଜଙ୍କର ଅଧିକ ଅନୁକାରୀ ପଦ୍ୟ ଲେଖକ ଓଡ଼ିଶାରେ ବୋଧ ହୁଏ ଅଳ୍ପ ବାହାରିବେ"ପରି ଐତିହାସିକ ବକ୍ତବ୍ୟ ଏହି ପତ୍ରିକାରେ ପ୍ରକାଶିତ ହୋଇଥିଲା (୧୪.୩.୧୮୯୪) ଏଥିରେ ମଧୁସୂଦନଙ୍କ 'ଭଣ୍ଡ ରାସାୟନ କାବ୍ୟ' ଚିନ୍ତାମଣି ମହାନ୍ତିଙ୍କ 'ପ୍ରତିଭା ପୂଜା' ଓ ପଦ୍ମ ଚରଣ ପଟ୍ଟନାୟକଙ୍କ ଶୋକଗୀତିକା ଭଳି କବିତାମାନ ପ୍ରକାଶିତ ହୋଇଥିଲା।

ଉତ୍କଳ ବ୍ରାହ୍ମ ସମାଜ ଦ୍ୱାରା ପରିଚାଳିତ ଓ ସାଧୁଚରଣ ରାୟଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ଆଶା' (୧୮୮୮) ମାସିକ ପତ୍ରିକାଟି ଦୁଇବର୍ଷ ପରେ ବନ୍ଦ ହୋଇ ପୁନଶ୍ଚ ରେବା ରାୟଙ୍କ ସମ୍ପାଦନାରେ ୧୮୯୨ ମସିହାରେ ଦୈନିକ ପତ୍ରିକା ଭାବେ ଆତ୍ମ ପ୍ରକାଶ କରିଥିଲା। ଏହାର ପ୍ରମୁଖ ଲେଖକମାନେ ଥିଲେ ବିଶ୍ୱନାଥ କର,ବିଜୟ ଚନ୍ଦ୍ର ମଜୁମଦାର,ମଧୁସୂଦନ ରାଓ,ସାଧୁଚରଣ ରାୟ,ଏଞ୍ଜୋଲିନା ରାଉତ,ସରସ୍ୱତୀ ବାଈ ଓ ବାସନ୍ତୀ ମଜୁମଦାର। ବିଶ୍ୱନାଥ କରଙ୍କ ବହୁ ଆଦୃତ ପ୍ରବନ୍ଧ 'ସ୍ୱାଧୀନ ଚିନ୍ତା', 'ପ୍ରତିଜ୍ଞାର ବଳ' ଏବଂ 'ମାହାତ୍ମା ମ୍ୟାଟସିନି' ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ବିଶେଷକରି ରେବାରାୟଙ୍କ ନାରୀ ଜୀବନ ଆଧାରିତ ପ୍ରବନ୍ଧାବଳୀ ଏଥିରେ ପ୍ରକାଶିତ ହୋଇ ଓଡ଼ିଶାରେ ନାରୀ ଜାଗୃତିର ଦ୍ୱାର ଉନ୍ମୁକ୍ତ କରିଥିଲା । ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏହ ପତ୍ରିକାର ଦ୍ୱିତୀୟ ସଂସ୍କରଣରେ ଓଡିଶାର ପ୍ରଥମ ନାରୀ ସଂପାଦିକା ଭାବେ ରେବାରାୟ ଏହାକୁ ପରିଚାଳନା କରିଥିଲେ । ସ୍ତ୍ରୀ ଲୋକର ସାହାସ, ସ୍ତ୍ରୀ ଶିକ୍ଷା, ସୁରାପାନ ଓ ଅବରୋଧ ପ୍ରଥାର ଉତ୍ପତ୍ତି ବିଦେଶୀ ନାରୀ ଶକ୍ତି, ନାରୀ ପ୍ରଭୃତିର ବିଶେଷତ୍ୱ, ହିନ୍ଦୁ ସଦାଚାର, ପାରିବାରିକ ବନ୍ଧନ ମାତା ଓ ଶାଶୁ ପ୍ରତି ଭକ୍ତି, ପଣ୍ଡିତା ରାମାବାଈ, ସକ୍ରେଟିସ ଇତ୍ୟାଦି ପ୍ରବନ୍ଧ ସହିତ ନିୟମିତ ଭାବେ ରନ୍ଧନ ପଣାଳୀ ଶୀର୍ଷକ ରଚନା ଏହାର ଗୁରୁତ୍ୱକୁ ବଢାଇଦେବା ସହ ଜନାଦୃତ କରିଥିଲା।

ଉତ୍କଳୀୟ ଭାବଜଗତରେ ନବଜାଗରଣର ଉନ୍ମାଦନା ସୃଷ୍ଟି, ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠ ପୋଷକ କରିବା, ଦେଶ ମିଶ୍ରଣ ତଥା ସମ୍ବଲପୁରରୁ ହିନ୍ଦୀ ଭାଷା ବିଲୋପ ଆନ୍ଦୋଳନର ମୁଖପାତ୍ର ଥିବା 'ସମ୍ବଲପୁର ହିତୈଷିଣୀ' (୧୮୮୯)ର ଆବିର୍ଭାବ ଓଡ଼ିଆ ପତ୍ରପତ୍ରିକା ଜଗତରେ ଏକ ଐତିହାସିକ ପଦଧ୍ୱନି। ୧୮୮୯ରୁ ୧୯୨୩ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ଏହି ସାପ୍ତାହିକ ପତ୍ରିକାଟିକୁ ବିଭିନ୍ନ ସମୟରେ ସଂପାଦନ କରିଛନ୍ତି ନୀଳମଣି ବିଦ୍ୟାରତ୍ନ, ଦାମୋଦର ମିଶ୍ର, ବ୍ରଜବନ୍ଧୁ ମିଶ୍ର, ରତ୍ନାକର ଶର୍ମା ଏବଂ ଦୀନବନ୍ଧୁ ଗଡ଼ନାୟକ। ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିକ୍ଷା, ଅର୍ଥନୀତି, ରାଜନୀତି, ଭାଷା ସମସ୍ୟା ସଂପର୍କରେ ବହୁ ରୁଚିପୂର୍ଣ୍ଣ ତତ୍ତ୍ୱ ଓ ତଥ୍ୟର ସମାହାର ହୋଇଛି 'ସମ୍ବଲପୁର ହିତୈଷିଣୀ' ରେ। ଦେଶ ବିଦେଶ ଓ ଗଡ଼ଜାତ ଅଞ୍ଚଳର ଖବର ଏହାର ପୃଷ୍ଠା ମଣ୍ଡନ ସହିତ କାବ୍ୟ କବିତା, ଗଳ୍ପ, ଆଲୋଚନା ସମୀକ୍ଷା, ପାଠକୀୟ ମନ୍ତବ୍ୟ ପ୍ରକାଶ ତଥା ପ୍ରାଚୀନ ବନାମ ଆଧୁନିକ ସାହିତ୍ୟର ସାରସ୍ୱତ କଳହର ଅଂଶ ବିଶେଷ ହୋଇ ଓଡ଼ିଆ ସାହିତ୍ୟାକାଶରେ ଜ୍ୟୋତିର୍ବିନ୍ଦୁ ସଦୃଶ ପ୍ରଭାମୟ ହୋଇଛି। ବାମଣ୍ଡାର ରାଜା ବାସୁଦେବ ସୁଢଳ ଦେବଙ୍କ ପୃଷ୍ଠପୋଷକତାରେ, ଦେବଗଡରୁ ପ୍ରକାଶିତ ଏହି ପତ୍ରିକା ସହିତ ଜଡିତ ରହିଥିଲେ ମଧୁସୂଦନ ରାଓ, ରାଧାନାଥ ରାୟ, ଫକୀରମୋହନ ସେନାପତି, ବିଶ୍ୱନାଥ କର, ଲାଲା ରାମମୋହନ ରାୟ, ଚିନ୍ତାମଣି ମହାନ୍ତି, ଗଙ୍ଗାଧର ମେହେର, ସଚ୍ଚିଦାନନ୍ଦ ତ୍ରିଭୂବନ ଦେବ, ବଳଭଦ୍ର ଦେବ, ଜଳନ୍ଧର ଦେବ ପ୍ରଭୃତି ସାହିତ୍ୟିକ ଚିନ୍ତାବିଦମାନେ। ହିତୈଷିଣୀର ପ୍ରଥମ ସଂଖ୍ୟା ପ୍ରକାଶ ଉତ୍ତାରେ ଦୀପିକା ଲେଖିଥିଲା,"ସମ୍ବଲପୁର ହିତୈଷିଣୀ ନାମରେ ଓଡ଼ିଶାରେ ଆଉ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରଚାରିତ ହେବାର ଆରମ୍ଭ ହୋଇଛି ଏବଂ ଆମ୍ଭେମାନେ ତହିଁର ପ୍ରଥମ ସଂଖ୍ୟା ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁ। ପତ୍ରିକାରେ ଛପାକାର ଏବଂ ପ୍ରେସର ନାମ ଲେଖାନାହିଁ, କିନ୍ତୁ ସ୍ଥାନ ବାମଣ୍ଡା ହେଉଥିବାରୁ ସେଠାକାର ରାଜାଙ୍କ 'ଜଗନ୍ନାଥ ବଲ୍ଲଭ' ପ୍ରେସରୁ ବାହାରିବାର ଜଣାଯାଉଅଛି । ଏଥିରେ କଳେବର ଏକଖଣ୍ଡ ଡିମାଇ କାଗଜ ଏବଂ ବାର୍ଷିକ ଅଗ୍ରିମ ମୂଲ୍ୟ ଡାକ ମାସୁଲ ସହିତ ୨ଟଙ୍କା । ସୁତରାଂ ଓଡ଼ିଶାର ଅନ୍ୟାନ୍ୟ

ସମ୍ବାଦପତ୍ର ତୁଳନାରେ ସୁଲଭ । ଏହା ଦ୍ୱାରା ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳ ଖଣ୍ଡର ଗୋଟିଏ ଅଭାବ ପୂର୍ଣ୍ଣ ହେବାର ଆଶା ହେଉଅଛି । ଯେବେ ଏଠାଲୋକେ ଏହାକୁ ରଖିପାରିବେ, ତେବେ ବଡ଼ ଆନନ୍ଦର ବିଷୟ ହେବ। ଆମ୍ଭେମାନେ ଏହାର ଦୀର୍ଘ ଜୀବନ କାମନା କରୁ।" (ଉତ୍କଳ ଦୀପିକା, ୨୯ଜୁନ, ୧୮୮୯)

ଏହି ପତ୍ରିକା ପଶ୍ଚିମ ଓଡ଼ିଶାର ସାରସ୍ୱତ ମୁଖପାତ୍ର ଥିଲେ ମଧ୍ୟ ସମଗ୍ର ଓଡ଼ିଶାର ସାହିତ୍ୟିକ, ସାମାଜିକ ଓ ସାଂସ୍କୃତିକ ଅବବୋଧକୁ ଏକ ସମ୍ମିଳିତ ଭାବଧାରା ମଧ୍ୟରେ ବାନ୍ଧିରଖିବାର ପ୍ରୟାସ କରିଥିଲା । ଅନେକ ସାମାଜିକ ସମସ୍ୟା କବିତା ଆକାରରେ ଏହାର ପୃଷ୍ଠପଟ ମଣ୍ଡନ କରୁଥିଲା। ଏମାନଙ୍କ ମଧ୍ୟରୁ 'କଳି ଭାଗବତ' ଅନ୍ୟତମ। ସମାଜରେ ବ୍ରାହ୍ମଣମାନଙ୍କ କାର୍ଯ୍ୟକଳାପ ସଂପର୍କରେ ଧାରାବାହିକ ଭାବେ 'କଳି ଭାଗବତ' ପ୍ରକାଶିତ ହୋଇଥିଲା । ସମ୍ବଲପୁର ହିତୈଷିଣୀରେ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ମଧ୍ୟରେ ସଂଗଠିତ ସଂଘର୍ଷର ଚିତ୍ର ଦେଖିବାକୁ ମିଳେ। ରାଧାନାଥଙ୍କ ଆଧୁନିକ ଦୃଷ୍ଟିଭଙ୍ଗୀ ଉପରେ ପର୍ଯ୍ୟବସିତ ସାହିତ୍ୟର ଧାରା ସଂପର୍କରେ ପ୍ରଶଂସା ମୂଳକ ମନ୍ତବ୍ୟ ପ୍ରକାଶ ପାଉଥିବା ସ୍ଥଳେ ଭଞ୍ଜ ସାହିତ୍ୟ ବିଷୟରେ ନିଜର ଆଭିମୁଖ୍ୟ ପ୍ରକାଶ କରି ସେ ଲେଖେ "ଆଉ ଯେଉଁମାନେ ଭଞ୍ଜଙ୍କର ସ୍ତାବକ ସେମାନଙ୍କ ପ୍ରତି ବକ୍ତବ୍ୟ ଏହି ଯେ, ଭଞ୍ଜ ଯେବେ ଉଚ୍ଚଶ୍ରେଣୀର ଆଦର୍ଶ କବି ହେଲେ ଯେ ତାଙ୍କର ପ୍ରତ୍ୟେକ କଥା ଉଚ୍ଚ ଆଧ୍ୟାତ୍ମିକତା ଓ ଧର୍ମଭାବ ପୂର୍ଣ୍ଣ ହେଲା, ତେବେ ତାହାକୁ ଇଂରାଜୀ, ବଙ୍ଗଳା ପ୍ରଭୃତି ଭାଷାରେ ଅନୁବାଦ କରି ଦେଶ ବିଦେଶରେ ପ୍ରଚରିତ କରନ୍ତୁ, ବାହାଦୂରୀଟି ଦେଖାଯିବ ।" (୧୩.୯.୧୮୯୩) ପଶ୍ଚିମ ଓଡ଼ିଶା ମଧ୍ୟପ୍ରଦେଶ ଅନ୍ତର୍ଗତ ହେବା ଫଳରେ ସ୍ଥାନୀୟ ଲୋକଙ୍କ ଦୂରବସ୍ଥା ଅବଲୋକନ କରିଥିଲେ ରାଜା ସୁଢଳ ଦେବ। ବିଶେଷ କରି ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଭାଷାର ପ୍ରଚଳନକୁ ଏହି ପତ୍ରିକା ଘୋର ବିରୋଧ କରୁଥିଲା। ଭାଷା ସମସ୍ୟାକୁ କେନ୍ଦ୍ର କରି ଗଙ୍ଗାଧରଙ୍କ 'ଭାରତୀ ରୋଦନ' ଶୀର୍ଷକ କବିତାଟି ୩.୧୦.୧୮୯୪ ମସିହାରେ ଏହି ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏଥି ସହିତ ବିଶ୍ୱନାଥ କରଙ୍କ 'ସାଧନା ଓ ସିଦ୍ଧି', 'କବି ଉପେନ୍ଦ୍ର ଭଂଜ', 'ପୁରାତନ', 'ବାଲ୍ୟଶିକ୍ଷା', ପ୍ରଭୃତି ଅନେକ ଉପାଦେୟ ପ୍ରବନ୍ଧମାନ ପ୍ରକାଶିତ ହୋଇଥିଲା। ରାଧାନାଥ ରାୟଙ୍କ 'ପାର୍ବତୀ' କାବ୍ୟ ଏହି ପତ୍ରିକାରେ ପ୍ରକାଶିତ ହୋଇ ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। 'ପାର୍ବତୀ'ବ୍ୟତୀତ 'ମହାଯାତ୍ରା', 'ଯଯାତି କେଶରୀ' ଧାରାବାହିକ ଭାବେ ଏଠାରେ ପ୍ରକାଶିତ ହୋଇଥିଲା। ସେହିପରି ଫକୀର ମୋହନଙ୍କ'ଉତ୍କଳ ଭ୍ରମଣଂ', ଶ୍ମଶାନ (କବିତା) ପ୍ରକାଶିତ ହେବା ସହ 'ବୌଦ୍ଧାବତାର' କାବ୍ୟ, 'ପୂଜାଫୁଲ', 'ଲଛମା' ଏବଂ 'ଉପହାର' ପୁସ୍ତକର ସମାଲୋଚନା ହୋଇଥିଲା। ସଚ୍ଚିଦାନନ୍ଦ ଦେବଙ୍କ ଭ୍ରମଣ ବୃତ୍ତାନ୍ତ, ଗଙ୍ଗାଧର ମେହେରଙ୍କ 'ଚନ୍ଦ୍ର ରଜନୀ' ଠାରୁ 'ଖଦ୍ୟୋତର ଖେଦ' ଆଦି ବହୁ କବିତା ଏଥିରେ ପ୍ରକାଶିତ ହୋଇଛି। ସେହିପରି ନନ୍ଦକିଶୋର ବଳଙ୍କ 'ଉତ୍କଳର ପଲ୍ଲୀଚିତ୍ର', ଗ୍ରାମଖଳା, ଗ୍ରାମତୋଟା, ଗ୍ରାମ ଶ୍ମଶାନ, ପ୍ରଭାତ ଚିତ୍ର ପ୍ରଭୃତି ଏଥିରେ ପ୍ରକାଶିତ। ଦାମୋଦର ମିଶ୍ରଙ୍କ ଗ୍ରୀଷ୍ମ ବର୍ଣ୍ଣନାଠାରୁ ଭକ୍ତି ମାଣିମାଳ ପର୍ଯ୍ୟନ୍ତ କବିତା, ହିନ୍ଦୁରାଣୀର କ୍ଷମା ଠାରୁ ସଂଶୟ ପର୍ଯ୍ୟନ୍ତ ପ୍ରବନ୍ଧ ହିତୈଷିଣୀର ପ୍ରକାଶିତ। ବାଲ୍ୟ ବିବାହ, ବିଧବା ସମସ୍ୟା କୁସଂସ୍କାର ଉଚ୍ଛେଦ ସଂପର୍କିତ କ୍ରାନ୍ତିକାରୀ ପ୍ରବନ୍ଧମାନ ପ୍ରକାଶିତ ହୋଇ ସମାଜରେ ସଂସ୍କାର ଆନ୍ଦୋଳନର କର୍ଣ୍ଣଧାର ପାଲଟିଥିଲା। ବ୍ରିଟିଶ ଅପଶାସନର ସମାଲୋଚନା, ଗ୍ରାମ୍ୟ ଚିତ୍ର, ସମବାୟ ସମିତି, ସହଜ ଚିକିତ୍ସା, କୃଷି, ଶିଳ୍ପ, ବାଣିଜ୍ୟ, ଯୋଗାଯୋଗ ପରିବହନ, ନିଶାନିବାରଣ, ଶିକ୍ଷା ସଂସ୍କାର ସହିତ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ, ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ସଂପର୍କିତ ନାନାବିଧ ଆଲୋଚନା ଏହାର

ପୃଷ୍ଠା ମଣ୍ଡନ କରିଥିଲା । ଏହି ପତ୍ରିକାଟି ଥିଲା ନବୀନ ସାହିତ୍ୟିକମାନଙ୍କ ଭୂସ୍ୱର୍ଗ ଏବଂ ପ୍ରବୀଣ ସାହିତ୍ୟିକମାନଙ୍କ ଆକର୍ଷଣର କେନ୍ଦ୍ରଭୂମି । ମୟୁର ଭଞ୍ଜର ମହାରାଜା ରାମଚନ୍ଦ୍ର ଭଞ୍ଜ ଦେବଙ୍କ ପୃଷ୍ଠପୋଷକତାର 'ଉତ୍କଳ ପ୍ରଭା' ମାସିକ ସାହିତ୍ୟ ପତ୍ରିକାଟି ୧୮୯୧ ମସିହାରେ ପ୍ରକାଶିତ । ଚୈତନ୍ୟ ପ୍ରସାଦ ରାୟ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଏବଂ ରାଜେଶ୍ୱର ମହାପାତ୍ର ପର୍ଯ୍ୟାୟ କ୍ରମେ ଏହାର ସଂପାଦନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

ଉତ୍କୃଷ୍ଟ କାବ୍ୟ ସଂରଚନା ଏବଂ ଉତ୍କୃଷ୍ଟ ସାହିତ୍ୟ ସମାଲୋଚନାର କ୍ଷେତ୍ରଟିଏ ପ୍ରସ୍ତୁତ କରିଥିଲା 'ଉତ୍କଳ ପ୍ରଭା' ଲେଖକମାନଙ୍କୁ ପାରିତୋଷିକ ଦେବା ସହିତ ଉତ୍ତମ ଲେଖା ପ୍ରଦର୍ଶନ ପାଇଁ ପୁରସ୍କାର ଦେବାରେ ଏହା ହେଉଛି ପ୍ରଥମ ଓଡ଼ିଆ ସହିତ୍ୟ ପତ୍ରିକା । ଏହି ପତ୍ରିକାରେ ଚୈତନ୍ୟ ପ୍ରସାଦ ରାୟ, ମଧୁସୂଦନ ରାଓ, କୃଷ୍ଣ ପ୍ରସାଦ ଚୌଧୁରୀ, ବିଶ୍ୱନାଥ କର, ସାଧୁଚରଣ ରାୟ ପ୍ରଭୃତି ସାହିତ୍ୟିକମାନେ ନିୟମିତ ଲେଖକ ଥିଲେ । ଚୈତନ୍ୟ ପ୍ରସାଦଙ୍କ 'ହିନ୍ଦୁ ଆର୍ଯ୍ୟମାନଙ୍କର ପ୍ରାଚୀନ ସଭ୍ୟତାର ଇତିହାସ' ବିଶ୍ୱନାଥ କରଙ୍କ 'ସ୍ତ୍ରୀ ଶିକ୍ଷା', 'ଅନନ୍ତ ପ୍ରେମ', 'ସ୍ୱାଧୀନତା', 'ମହାସ୍ରୋତ', ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ 'ସଂସ୍କୃତ ମହାଭାରତ'ର ଗଦ୍ୟାନୁବାଦ ଧାରାବାହିକ ଭାବେ ପ୍ରକାଶ ପାଇଥିଲା । ରାଧାନାଥ ରାୟଙ୍କ ଚିଲିକା, ମାହାଯାତ୍ରା, ଗଙ୍ଗାଧରଙ୍କ ଇନ୍ଦୁମତୀ, ମଧୁସୂଦନ ରାଓଙ୍କ ଋଷିପ୍ରାଣେ ଦେବାବତରଣ ଫକୀର ମୋହନଙ୍କ ଜୀବନ ନଦୀ, ଯୋସେଫାଇନ, ବିଭାଷ, ରାଗିଣୀ ପ୍ରଭୃତି କବିତା ଏଥିରେ ପ୍ରକାଶିତ ହୋଇଥିଲା ।

ବହୁ ସୁଲେଖକମାନଙ୍କ ପ୍ରଜ୍ଞାଦୀପ୍ତ ପ୍ରବନ୍ଧରେ 'ଉତ୍କଳ ପ୍ରଭା' ସାରସ୍ୱତ ଶ୍ରୀ ଧାରଣ କରିଥିଲା । ଅଳ୍ପକାଳ ମଧ୍ୟରେ ବିବିଧ ଶ୍ରେଷ୍ଠ କାବ୍ୟ, ନାଟକ, କବିତା, ପ୍ରବନ୍ଧ ଓ ଗଦ୍ୟାନୁବାଦ ଦ୍ୱାର ଓଡିଆ ସାହିତ୍ୟ ଯେପରି ଋଦ୍ଧିମନ୍ତ ଓ ନିଜର ପରିଚୟ ସୃଷ୍ଟି କରିପାରିଥିଲା ତାହା ଅବିଶ୍ୱସନୀୟ । 'ଉତ୍କଳପ୍ରଭା'ର ପ୍ରକାଶନରେ ଆଧୁନିକ ଓଡିଆ ସାହିତ୍ୟର ନବ ଯୁଗ ଆରମ୍ଭ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ରେଭେନ୍ସା ବାଳିକା ବିଦ୍ୟାଳୟର ହେଡ ପଣ୍ଡିତ ଲାଲା ରାମନାରାୟଣ ରାୟଙ୍କର 'କବି ଉପେନ୍ଦ୍ର ଭଞ୍ଜ' ଏବଂ 'ବିପ୍ଳବ ଓ ସମାଲୋଚନା' ପ୍ରବନ୍ଧରେ ଭଞ୍ଜ ସାହିତ୍ୟର ତୀବ୍ର ସମାଲୋଚନା କରାଯାଇଥିଲା । ଏହି ସମାଲୋଚନା ପରବର୍ତ୍ତୀ ଇନ୍ଦ୍ରଧନୁ ଓ ବିଜୁଳୀ ପରି ପ୍ରାଚୀନ-ନବୀନ ଓଡ଼ିଆ ସାହିତ୍ୟଧାରା କୁ ପକ୍ଷଭୁକ୍ତ କରି ସାରସ୍ୱତ କଳହରେ ଲାଗି ପଡିଥିଲେ । ଇନ୍ଦ୍ରଧନୁ(୧୮୯୩) ପତ୍ରିକାର ସଂପାଦକ ଅପ୍ରକାଶ୍ୟ । ତେବେ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ପ୍ରକାଶିତ ହେଉଥିବାରୁ ଏହାର ସଂପାଦକ ଗୌରୀଶଙ୍କର ରାୟ ବୋଲି କୁହାଯାଏ । କାବ୍ୟ, କବିତା, ପ୍ରବନ୍ଧ, ଉପନ୍ୟାସ, ଆଲୋଚନା, ସମାଲୋଚନା, ପ୍ରହସନ, ଚଟନି, ପୁସ୍ତକ ସମାଲୋଚନା ଇନ୍ଦ୍ରଧନୁ ପୃଷ୍ଠାରେ ଦେଖିବାକୁ ମିଳିଥାଏ । ପ୍ରାଚୀନ ସାହିତ୍ୟ ପ୍ରତି ସମ୍ମାନ ଜଣାଇବାକୁ ଯାଇ 'ଇନ୍ଦ୍ରଧନୁ' ଭଂଜ ସାହିତ୍ୟର ଉତ୍କର୍ଷତା ପ୍ରତିପାଦନ କଲାବେଳେ ରାଧାନାଥଙ୍କ ସାହିତ୍ୟକୁ ସମାଲୋଚନା କରାଯାଇଛି । ଇନ୍ଦ୍ରଧନୁ ମାତ୍ର ୪ଟି ବର୍ଷ ପାଇଁ ଅନିୟମିତ ଭାବେ ପ୍ରକାଶ ପାଉଥିଲେ ମଧ୍ୟ ଓଡ଼ିଆ ଶିକ୍ଷିତ ଗୋଷ୍ଠୀ ଏହା ପ୍ରତି ଆକୃଷ୍ଟ ହୋଇ ଲେଖନୀ ଚାଳନା ପାଇଁ ଆଗ୍ରହୀ ହୋଇଛନ୍ତି । ଦ୍ୱିତୀୟତଃ ଭଂଜ ପକ୍ଷଭୁକ୍ତ ହେବା ଏବଂ ପ୍ରାଚୀନ ସାହିତ୍ୟ ପ୍ରତି ଅନୁରାଗୀଥିବାରୁ ପ୍ରକାରାନ୍ତରେ ପରବର୍ତ୍ତୀ ସମୟରେ ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ପାଇଁ ଅବକାଶ ସୃଷ୍ଟି ହୋଇଛି । ଏହି ପତ୍ରିକା ସହିତ ଜଡିତ ଗୌରୀ ଶଙ୍କର ରାୟ, ଗୋପାଳ ବଲ୍ଲଭ କର (ଗୋଳକ ଧନ୍ଦା), ଦାମୋଦର ପଟ୍ଟନାୟକ (ନୃପ କିଶୋର), ରାମଶଙ୍କର ରାୟ (ସ୍ନେହାକାର), ଗୋବିନ୍ଦ ରଥ (ଭୀମକର୍ମା) ଓଡ଼ିଆ ଜାତିର ଅସ୍ମିତା ପାଇଁ ପ୍ରାଚୀନ ସାହିତ୍ୟକୁ ସମ୍ମାନ ପ୍ରଦର୍ଶନରେ ବିଶ୍ୱାସୀ

ଥିଲେ। ଏହାର ଅର୍ଥ ନଥିଲା ଯେ ସେମାନେ ଆଧୁନିକ ସାହିତ୍ୟକୁ ଅଣଦେଖା ବା ନିକୃଷ୍ଟ ଦୃଷ୍ଟିରେ ଦେଖୁଥିଲେ। ରାମ ନାରାୟଣ ଲାଲାଙ୍କ ଭଂଜ ସାହିତ୍ୟ ସମ୍ବନ୍ଧରେ ରଚିତ କୁତ୍ସା-ମୂଳକ ପ୍ରବନ୍ଧ ହିଁ ଏହି କଳହର ମଞ୍ଜି। ଇନ୍ଦ୍ରଧନୁ ଓ ପ୍ରତିପକ୍ଷ ବିଜୁଳି ମଧ୍ୟରେ ଆରୋପ-ପ୍ରତ୍ୟାରୋପ, ଆକ୍ଷେପ ଏପରି ଏକ ପରିବେଶ ତିଆରି କରିଥିଲା ଯେ ଶେଷକୁ 'ଉତ୍କଳ ମଧୁପ'ରେ ରାଧାନାଥ ସ୍ୱୟଂ ଭଂଜଙ୍କ ଉପଯୁକ୍ତ ଅନୁସରଣକାରୀ ବୋଲି ଲେଖିବାକୁ ପଡ଼ିଲା। ଯାହାର ଫଳସ୍ୱରୂପ ଏହି ବାଦାନୁବାଦ ବନ୍ଦ ହୋଇଥିଲା। ଇନ୍ଦ୍ରଧନୁ କେବଳ କଳହଭିତରେ ନିଜକୁ ବନ୍ଦୀ କରିବାକୁ ଋହିଁ ନଥିଲା। ଫଳସ୍ୱରୂପ ଏଥିରେ ପ୍ରକାଶ ପାଇଥିବା ଉନ୍ମାଦିନୀ, ରାଜବିବୀ ପରି ଉପନ୍ୟାସ, ଢେଙ୍କି ପୁରାଣ, ଆର୍ଯ୍ୟ ସମାଜ, ଅଶ୍ରୁ, ନିଦ୍ରା, ଓଡ଼ିଶାରେ ଶିଳ୍ପ ଓ ଶିକ୍ଷା, ଦେଶୀୟ ସାହିତ୍ୟୋନ୍ନତି, ହସି ହସି ଗଲାମୋତେ କନ୍ଦାଇ କନ୍ଦାଇ, ତାରକ ସଂହାର, ହୀରକ ଜୁବିଲୀ, ପ୍ରଭୃତି କବିତା ଏହାର ପୃଷ୍ଠା ମଣ୍ଡନ କରିଛି। 'ଇନ୍ଦ୍ରଧନୁ' ପ୍ରକାଶ ହେବାର ଗୋଟିଏ ମାସପରେ ବିଜୁଳି ବାମଣ୍ଡାରୁ ପ୍ରକାଶିତ ହୋଇଛି,ଦାଶ ରାଉତଙ୍କ ସଂପାଦନା ଓ ବାମଣ୍ଡା ରାଜ ପରିବାରର ପୃଷ୍ଠପୋଷକତାରେ ଏହାର ଆତ୍ମ ପ୍ରକାଶ ସାହିତ୍ୟ ସମୀକ୍ଷା ଧାରାକୁ ଚଳଚଞ୍ଚଳ କରିଛି। 'ବିଜୁଳି' ପତ୍ରିକା ସହିତ ଜଡ଼ିତ ଲେଖକମାନେ ବ୍ରାହ୍ମ ଥିବାରୁ ଭଞ୍ଜଙ୍କ କାବ୍ୟର ଅଶ୍ଳୀଳତା ପ୍ରତି ଏମାନଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଥିଲା। ତେଣୁ ସ୍ୱତଃସ୍ଫୂର୍ତ୍ତ ଭାବେ ରାଧାନାଥ ଉଭୟ ପତ୍ରିକା (ଇନ୍ଦ୍ରଧନୁ ଓ ବିଜୁଳି) ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପଡିଥିଲେ। ବିଶେଷ କରି 'ଇନ୍ଦ୍ରଧନୁ' ରେ ପ୍ରକାଶିତ 'ବକଚରିତ' କବିତାଟି ରାଧାନାଥଙ୍କୁ ବେଶୀ ମର୍ମାହତ କରିଛି। ତେବେ ବାହ୍ମଧର୍ମୀ ବିଶ୍ୱନାଥ କର, ଲାଲା ରାମନାରାୟଣ ରାୟ, ବିଜୟ ଚନ୍ଦ୍ର ମଜୁମଦାର ଦାମୋଦର ମିଶ୍ର, ରାମଚନ୍ଦ୍ର ସାହା,ଦାଶରଥୀ ରାଉତ ପ୍ରଭୃତି ଲେଖକମାନେ ରାଧାନାଥ ପକ୍ଷଭୁକ୍ତ ହୋଇ ଭଞ୍ଜ ବିରୋଧୀ ସାହିତ୍ୟ ତର୍କଣାରେ ଲମ୍ଫପ୍ରଦାନ କରିଥିଲେ। ରାଧାନାଥଙ୍କ ଭଞ୍ଜ ସ୍ୱୀକାରୋକ୍ତି ଏହି ବାକ୍ୟୁଦ୍ଧକୁ ଶୀତଳ କରିଛି। ୨୦.୧୦.୧୮୯୪ ରେ ଉତ୍କଳ ଦୀପିକାରେ ଏକ ପତ୍ର ପ୍ରକାଶ ପାଏ ତାହାଥିଲା ବିଜୁଳିର ସମ୍ପାଦକଙ୍କ ସ୍ୱୀକାରୋକ୍ତି। ସେ ଲେଖିଥିଲେ,"ମୁଁ ଆଜକୁ ଏକ ବର୍ଷ ହେଲା ବିଜୁଳିର ସଂପାଦକ ହୋଇ ଉତ୍କଳର ଭ୍ରାତାମାନଙ୍କ ଠାରେ ବିରୋଧୀ ହୋଇଥିବାରୁ ବର୍ତ୍ତମାନ ତହିଁପାଇଁ ଅନୁତପ୍ତ, ଦୁଃଖୀତ ଓ ସନ୍ତପ୍ତ ହେଉଅଛି। ସୁତରାଂ ବର୍ତ୍ତମାନ ମୁଁ ଦୃଢ଼ ପ୍ରତିଜ୍ଞ ହୋଇଅଛି ଯେ ମୁଁ ଭବିଷ୍ୟତରେ ଆଉ ବିଜୁଳିର ସଂପାଦକ ସ୍ୱରୂପ ଦେଖାଦେବି ନାହିଁ । ଅତଏବ ଏହାଦ୍ୱାରା ବର୍ତ୍ତମାନ ପ୍ରାର୍ଥନା କରୁଅଛି ଯେ ଉତ୍କଳ ଭ୍ରାତାମାନେ, ଇନ୍ଦ୍ରଧନୁ ଦଳ ଓ ବିଜୁଳି, ଦଳ ଅନୁଗ୍ରହ କରି କ୍ଷମା କରିବେ।

ଊନବିଂଶ ଶତାବ୍ଦୀରେ ସାହିତ୍ୟିକ-ମସୀ ଯୁଦ୍ଧ ରେ ବ୍ୟକ୍ତିଗତ ସ୍ତରରେ କେହି କ୍ଷତାକ୍ତ, ଜୟ, ପରାଜୟ ହୋଇଥାନ୍ତୁ ବା ନଥାନ୍ତୁ, କିନ୍ତୁ ସାହିତ୍ୟ ଅନୁଶୀଳନ ପାଇଁ ଆବଶ୍ୟକ ଥିବା ଚିନ୍ତନ, ମନନ ଓ ପଠନ ପ୍ରକ୍ରିୟା ଏପରି ଏକ ସ୍ତରକୁ ଋଲିଯାଇଥିଲା ଯାହା ପରବର୍ତ୍ତୀ ସମୟରେ ଗୋଟିଏ ସମୀକ୍ଷା-କ୍ଷେତ୍ରଟିଏ ସୃଷ୍ଟି ହେବାରେ ସହାୟକ ହୋଇଛି ।

'ଉତ୍କଳ ସାହିତ୍ୟ' (୧୮୯୭) ହେଉଛି କଟକ 'ଆଲୋଚନା ସଭା'ର ମୁଖପାତ୍ର । ବିଶ୍ୱନାଥ କରଙ୍କ ଦ୍ୱାରା ସଂପାଦିତ ଏହି ମାସିକ ସାହିତ୍ୟପତ୍ରିକା ଊନବିଂଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ମଧ୍ୟଭାଗ ଏବଂ ୮୦ଦଶକ ପର୍ଯ୍ୟନ୍ତ ଏହାର ଦୀର୍ଘ ପ୍ରକାଶନ କାଳ ପ୍ରକୃତ ପକ୍ଷରେ ଓଡିଆ ସାହିତ୍ୟକୁ ବିବିଧ ରୂପରେ ଋଦ୍ଧିମନ୍ତ କରିଛି। ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟାନୁଚିନ୍ତା ଏହାର କଳେବରକୁ ସୁବିମଣ୍ଡିତ କରିଛି। ବର୍ଷୀୟାନ ଓ ତରୁଣ ଗୋଷ୍ଠୀର

ଲେଖକମାନଙ୍କ ଏହି ମିଳନର ଏକ ତୀର୍ଥ କ୍ଷେତ୍ରରେ ରୂପାନ୍ତରିତ ହୋଇଛି 'ଉତ୍କଳ ସାହିତ୍ୟ' । ରାଧାନାଥ, ମଧୁସୂଦନ, ଫକୀରମୋହନଙ୍କ ଠାରୁ ଗୋପୀନାଥ ନନ୍ଦ, ଶଶୀଭୂଷଣ ରାୟ, ମୋହିନୀ ମୋହନ ସେନାପତିଙ୍କ ପର୍ଯ୍ୟନ୍ତ ଲେଖମାନେ ଏହି ପତ୍ରିକାଟିକୁ ସେମାନଙ୍କ ସାରସ୍ୱତକୃତିରେ ସମୃଦ୍ଧ କରିଛନ୍ତି । ଫକୀରମୋହନଙ୍କ ଶ୍ରେଷ୍ଠ କୃତି 'ଛମାଣ ଆଠଗୁଣ୍ଠ' ଏଥିରେ ଧାରାବାହିକ ଭାବେ ପ୍ରକାଶିତ ହୋଇ ଓଡ଼ିଶାର ଲୋକଙ୍କ ମଧ୍ୟରେ ଉପନ୍ୟାସ ପଠନ ସଂସ୍କୃତି ନିର୍ମିତ ହୋଇଥିଲା । ଓଡ଼ିଆ ଭାଷା-ସାହିତ୍ୟ ଚର୍ଚ୍ଚାଠାରୁ ଆରମ୍ଭକରି ଦର୍ଶନ ଏବଂ ସଂସ୍କୃତି ଚର୍ଚ୍ଚା ଏହି ପତ୍ରିକାକୁ ଶ୍ରୀମଣ୍ଡିତ କରିଛି । ତେଣୁ ଓଡ଼ିଶାର ଆର୍ଥ-ସାମାଜିକ ବ୍ୟବସ୍ଥା ତଥା ଶିକ୍ଷା-ସଂସ୍କୃତି ସଂପର୍କରେ ତତ୍ତ୍ୱମୂଳକ ସମୀକ୍ଷା ଏହି ପତ୍ରିକାରେ ସନ୍ନିବେଶିତ ହୋଇ ଊନବିଂଶ ଓ ବିଂଶ ଶତାବ୍ଦୀର ଚିନ୍ତନ ପ୍ରକ୍ରିୟାର ସମନ୍ୱୟ ସେତୁ ରୂପେ କାର୍ଯ୍ୟ କରିଛି । ପରବର୍ତ୍ତୀ ଅଧ୍ୟାୟରେ ଉତ୍କଳ ସାହିତ୍ୟ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯିବ ।

'କୁଜିବର' ଠାରୁ 'ଉତ୍କଳ ସାହିତ୍ୟ' ପର୍ଯ୍ୟନ୍ତ ଦୀର୍ଘ ୭୦ବର୍ଷ ଭିତରେ ଓଡ଼ିଶାର ପରିବର୍ତ୍ତିତ ଆର୍ଥ-ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମି ଉପରେ ଯେଉଁ ସାହିତ୍ୟର ସୌଧଟିଏ ତିଆରି ହୋଇଛି ତା ରୂପରେଖ ଏହି ପତ୍ରିକା ଭିତରଦେଇ ଅନୁଭୂତ ହୁଏ । ସମାଜର ଦର୍ପଣ ସଦୃଶ ଏହି ସାହିତ୍ୟ ପତ୍ରପତ୍ରିକା ମଧ୍ୟ ଦେଇ ଓଡ଼ିଆ ଅସ୍ମିତାଟି ନିର୍ମାଣ ହୋଇଛି । ଉପନିବେଶିକ ପରାଧୀନ ଜାତି ଭିତରେ ଓଡ଼ିଆ ଜାତୀୟତାର ଭାବ ସୃଷ୍ଟିରେ ସହାୟକ ହୋଇଛି ଏହି ପତ୍ରପତ୍ରିକା । ନବ୍ୟ ଶିକ୍ଷିତ ଗୋଷ୍ଠୀକୁ ଅଧିକରୁ ଅଧିକ ପ୍ରରୋଚିତ କରି ଏହି ପତ୍ରିକା ସମୂହ ଏକ ଚିନ୍ତାବିସ୍ତାରୀ ମଣିଷ ଗୋଷ୍ଠୀ ତିଆରି କରିଛି । ମଣିଷ ମନରୁ ଜଡ଼ତାଭାଙ୍ଗି କେବଳ ନିଜ ମାଟିର ନୁହେଁ ସମଗ୍ର ବିଶ୍ୱରେ ବିଘଟିତ ଘଟଣାବଳୀ ସଂପର୍କରେ ପରିଚିତ କରାଇବାରେ ସହାୟକ ହୋଇଛି । ବଙ୍ଗ ପଥ ଦେଇ ଆସୁଥିବା ନବଜାଗରଣର ଆଲୋକିତ ଦିଗ ସମୂହ ପତ୍ରପତ୍ରିକା ସଦୃଶ ବାତାୟନ ମଧ୍ୟ ଦେଇ ଓଡ଼ିଶାର ଜନଗଣଙ୍କୁ ପ୍ରରୋଚିତ କରିଛି । ଭୂମିଭାଷା-ଭୋକର ତ୍ରିଭୁଜ କ୍ଷେତ୍ର ମଧ୍ୟରେ ଊନବିଂଶ ଶତାବ୍ଦର ଓଡିଆ ପତ୍ରପତ୍ରିକା ନିଜକୁ ଅବସ୍ଥାପିତ କରି ଓଡ଼ିଶାର ଶୁଷ୍କ ପ୍ରାଣରେ ତାରୁଣ୍ୟ ଭରିଦେଇଛି ।

## ୨.୭ ଉତ୍କଳ ଦୀପିକା

ଗୋଟିଏ ଉପନିବେଶିକ ଶାସକର ପ୍ରଥମ କର୍ତ୍ତବ୍ୟ ହେଲା, ଉପବେଶିତ ରାଷ୍ଟ୍ରର ଅର୍ଥନୈତିକ ଓ ସାଂସ୍କୃତିକ ମେରୁଦଣ୍ଡକୁ ଭାଙ୍ଗିଦେଇ ଅଧୀନସ୍ଥ କରି ରଖିବା ଏବଂ ପରବର୍ତ୍ତୀ ସମୟରେ ନିଜ ସଂସ୍କୃତି, ଶିକ୍ଷାବ୍ୟବସ୍ଥାକୁ ବଳ ପ୍ରୟୋଗ ପୂର୍ବକ ଶାସିତ ଉପରେ ଲଦିଦେବା । ଓଡ଼ିଶା କ୍ଷେତ୍ରରେ ତାହାହିଁ ଘଟିଛି । ମିଶନାରୀମାନଙ୍କ ଦ୍ୱାରା ପ୍ରିଣ୍ଟିଂକଳ ସ୍ଥାପନ (୧୮୩୭),ବିଦ୍ୟାଳୟ ସ୍ଥାପନ (୧୮୨୨), ସମ୍ବାଦପତ୍ର ପରିଚାଳନା (୧୮୯୪); ଏହି ତିନୋଟି ଘଟଣାକୁ ଏକତ୍ର କରି ବିଚାର କଲେ ଆମେ ଅନୁଭବ କରୁ ଏହା ମୂଳରେ ଲୁଚି ରହିଥିଲା ଏକ ଉପନିବେଶିକ ଅଭିସନ୍ଧି । ତାହା ହେଲା ଖ୍ରୀଷ୍ଟଧର୍ମ ପ୍ରଚାର । ଜାତୀୟ ଜୀବନର ଉନ୍ନତି ପ୍ରସଙ୍ଗଟି ଯେତେବେଳେ ଆସିଛି ଇଂରାଜୀଜ୍ଞାନ ଥିବା କିଛି କିରାଣୀ ଗୋଷ୍ଠୀ ତିଆରି କରି ସେମାନଙ୍କ ଶାସନ ପ୍ରକ୍ରିୟାକୁ ସରଳ ଓ ସୁବିଧାଜନକ କରିବା । ଓଡ଼ିଶାରେ ତାହାହିଁ ଘଟିଛି, ଗୋଟିଏ ପଟେ ଉପନିବେଶିକ ଶାସକ ଚକ୍ରର ଚକ୍ରାନ୍ତ ଏବଂ ଅନ୍ୟପଟେ ନଅଙ୍କ ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଆର୍ଥ-ସାମାଜିକ-ସାଂସ୍କୃତିକ-ଶୈକ୍ଷିକ ବ୍ୟବସ୍ଥାକୁ ଭୂଲୁଣ୍ଠିତ କରିଛି । ଗୋଟିଏ ଜାତି ଏହି ବିପର୍ଯ୍ୟସ୍ତ ଭିତ୍ତିଭୂମି ଉପରେ ନିଜ ଅସ୍ମିତାର ଅନ୍ୱେଷଣ କରିବାପାଇଁ ଅପେକ୍ଷା

କରିବାକୁ ପଡ଼ିଛି ୧୮୬୬ ମସିହା ପର୍ଯ୍ୟନ୍ତ। ଓଡ଼ିଶାର ସାର୍ବିକ ଉନ୍ନତି ଅର୍ଥାତ୍ ଶିକ୍ଷା, ସଂସ୍କୃତିର ପ୍ରସାର ଓ ଅର୍ଥନୀତିର ପୁନର୍ଗଠନ ପାଇଁ 'ଉତ୍କଳ ଦୀପିକା' ହୋଇଛି ତାର ମୁଖପାତ୍ର। ତେଣୁ ଦୀର୍ଘଦିନର ଚିତ୍ତ ସଂଘର୍ଷର ଫଳସ୍ୱରୂପ 'ଉତ୍କଳ ଦୀପିକା' ଏବଂ କଟକ ପ୍ରିଣ୍ଟିଂ କମ୍ପାନୀ (୧୮୬୫) ଏହି ଦୁଇଟି ସାରସ୍ୱତ ଅନୁଷ୍ଠାନ ତତକାଳୀନ ଓଡିଶାର ଆର୍ଥ-ସାମାଜିକ-ସାଂସ୍କୃତିକ ବ୍ୟବସ୍ଥାର ସ୍ୱରୂପକୁ ଧାରଣ କରିବା ସହିତ ଏହାକୁ ଏକ ଜନଆନ୍ଦୋଳନର ରୂପ ଦେଇଛନ୍ତି। ବିଗତ ଶତାବ୍ଦୀର ପୁଞ୍ଜିଭୂତ ଅନ୍ଧକାରକୁ ପ୍ରତିହତ କରି ଗୌରୀଶଙ୍କର, ବିଚିତ୍ରା ନନ୍ଦ, ଜଗମୋହନ ରାୟ ଉତ୍କଳର ଜାତୀୟତା ତଥା ଜନଜାଗରଣ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ସତେଯେପରି ମନେ ହୋଇଛି ଦୁର୍ଭିକ୍ଷ ପ୍ରପୀଡ଼ିତ ଧ୍ୱଂସ ସ୍ତୁପତଳୁ ଅର୍ଦ୍ଧମୃତ ସ୍ୱାଭିମାନୀ ଦୃଢପ୍ରତିଜ୍ଞ ଓଡ଼ିଆ ଜାତିର ଅଭ୍ୟୁଦୟ ଘଟି ନୂତନ ଭାବେ ଜାତିକୁ ସଜାଡ଼ିବାପାଇଁ ଅଣ୍ଟା ଭିଡ଼ିଛି। ନବୀନ ଉତ୍ସାହ ଓ ଉଦ୍ଦୀପନା ନେଇ 'ଉତ୍କଳ ଦୀପିକା' ଯେଉଁ ପ୍ରତିସ୍ପର୍ଦ୍ଧାର ପରିଚୟ ଦେଇ ଜାତୀୟ ଜୀବନର ପୁନରୁତ୍ଥାନ ପାଇଁ ଯେଉଁ ପ୍ରୟାସ କରିଛି ତାହା ପ୍ରଶଂସନୀୟ ଓ ପ୍ରାତଃ ସ୍ମରଣୀୟ।

ନଅଙ୍କ ଦୁର୍ଭିକ୍ଷ ସମୟରେ, ଭାଷା ସୁରକ୍ଷା ସମୟରେ, ପ୍ରାଚୀନ ବନାମ ଆଧୁନିକ ସାହିତ୍ୟ ତର୍କ ବିତର୍କ ସମୟରେ 'ଉତ୍କଳ ଦୀପିକା' ସମଗ୍ର ଉନବିଂଶ ଶତାବ୍ଦୀରେ ଜନମତର ନିୟନ୍ତ୍ରଣ ଓ ସୁଚରୁ ରୂପେ ପରିଚାଳନା କରିଥିଲା। ଓଡ଼ିଆ ଜାତୀୟ ଜୀବନର ସଂଘର୍ଷ ଓ ସଂଘାତରୁ ଅଭ୍ୟୁଦୟ ନବ ଉନ୍ମାଦିତ ଯୁବଶକ୍ତିକୁ ଜାତୀୟ ଉନ୍ନତି ସ୍ରୋତରେ ବିନିଯୋଗ କରିବାରେ 'ଦୀପିକା'ର ଭୂମିକା ଉଲ୍ଲେଖନୀୟ। ଓଡ଼ିଆ ଜାତିର ଜାତୀୟତା ତଥା ଅସ୍ମିତା ବୋଧର ମୁଖପାତ୍ର ଭାବେ'ଦୀପିକା'ଜନ୍ମ ଲଗ୍ନରୁ ହିଁ ନିଜ ଆଦର୍ଶକୁ ବଳବତ୍ତର କରି ରଖିଥିଲା। ଓଡ଼ିଶାର ମନୁଷ୍ୟକୃତ ବିପତ୍ତି, ଶୈକ୍ଷିକ ବ୍ୟବସ୍ଥା, ଜନ ଜୀବନର ଅଭାବ ଅନଟନ ସମ୍ବନ୍ଧୀୟ ଯାବତୀୟ ସଂକଟକୁ ଦୃଢ଼ତାର ସହ ସମ୍ମୁଖୀନ କରି ଜାତୀୟ ଜୀବନକୁ ପରିପୁଷ୍ଟ କରିଛି। ଏହାର ଲକ୍ଷ୍ୟ ଥିଲା ଓଡ଼ିଶାର ସାର୍ବିକ ସ୍ତରରେ ଉନ୍ନତି ସାଧନ ଏବଂ ଅପହୃତ ଓଡ଼ିଆ ଅସ୍ମିତାର ପୁନଃ ପ୍ରତିଷ୍ଠା। ଯେଉଁ ନୈତିକ ମୂଲ୍ୟବୋଧ ଉପରେ ସମ୍ବାଦ ପରିବେଷଣ ଓ ସାମ୍ବାଦିକତା ପ୍ରତିଷ୍ଠିତ ; 'ଉତ୍କଳ ଦୀପିକା' ନିର୍ବିବାଦରେ ତାକୁ ଆହ୍ୱାନ ଭାବେ ଗ୍ରହଣ କରିଛି ଏବଂ ନିଜର କର୍ତ୍ତବ୍ୟ ସମ୍ପାଦନା କରିଛି। ବିଦେଶୀ ଶାସନର ଦମନ ମୂଳକ ଆଚରଣ କିମ୍ବା ଦେଶୀୟ ମଣିଷର ଚକ୍ରାନ୍ତରେ ବିଚଳିତ ନହୋଇ ନିରବଚ୍ଛିନ୍ନ ଭାବେ ସେସବୁ ଦୃଢତାର ସହ ମୁକାବିଲା କରିବା ସହ ଜନଜାଗରଣ ସୃଷ୍ଟି କରିବାରେ ସକ୍ଷମ ହୋଇଛି।

## ୨.୮ ଉତ୍କଳ ସାହିତ୍ୟ

ଉତ୍କଳ ସାହିତ୍ୟ (୧୮୯୭-୧୯୮୪) ପ୍ରାୟତଃ ଦୀର୍ଘ ଏକ ଶତ ବର୍ଷ ଧରି ଓଡ଼ିଆ ସାହିତ୍ୟକୁ ପ୍ରାଚୁର୍ଯ୍ୟ ପୂର୍ଣ୍ଣ, ରୁଚି ତଥା ଧାରାବାହିକତା ରକ୍ଷାକରି 'ଉତ୍କଳ ସାହିତ୍ୟ' କେବଳ ସାହିତ୍ୟ ସଂରଚନାରେ ମୁଖ୍ୟ ଭୂମିକା ଗ୍ରହଣ କରିନି ପରନ୍ତୁ ଜାତୀୟ ଜୀବନ ନିର୍ମାଣ ନିମନ୍ତେ ସ୍ମାରକୀଟିଏ ପାଲଟି ଯାଇଛି। ପ୍ରତିଷ୍ଠାତା ସଂପାଦକ ବିଶ୍ୱନାଥ କରଙ୍କ ପ୍ରାଣପାତ ପ୍ରୟାସରେ ମୁଗ୍ଧ ହୋଇ ଫକୀରମୋହନ ଲେଖିଥିଲେ,"ମାସିକ ପତ୍ରିକା ହେଲା ଦେଶର ଗୌରବ,ଉତ୍କଳ ଦେଶରେ ଥିଲା ତା ନାମ ନୀରବ। ମାସିକ ପତ୍ରିକା ଢେର ସ୍ୱରୂପ ଦେଖାଇ ପାଣିର ଫୁଟୁକା ଗଲେ ପାଣିରେ ଉଭାଇ। କୋଡିଏ ବରଷ କାଳ ପାଖ ଲାଗି ଲାଗି, ସାହିତ୍ୟ ପ୍ରଚାର ପାଇଁ ପଡ଼ିଅଛି ଲାଗି। ଧନ ନାହିଁ, ସାହା ନାହିଁ, ତୁଚ୍ଛା ସାହସରେ ଦିନରାତି ଲାଗି ପଡ଼ିଅଛି ସାହିତ୍ୟରେ। ଦେଶେ ଲୁଚି ରହିଥିଲେ କେତେ କବି ଜ୍ଞାନୀ, ସାହିତ୍ୟ ଆଣିଲା ତାଙ୍କୁ ବାହାରକୁ ଟାଣି ।" ୧୮୯୭ ମସିହା ଜାନୁଆରି ମାସରେ ବିଶ୍ୱନାଥ କରଙ୍କ

ସମ୍ପାଦନାରେ ମାସିକ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ' ପ୍ରକାଶିତ ହୁଏ। 'ଇନ୍ଦ୍ରଧନୁ' ଓ 'ବିଜୁଳି' ବିବାଦ ଶକ୍ତିର ଅପଚୟ ବୋଲି ଯେଉଁ ପ୍ରସଙ୍ଗଟି ଉପସ୍ଥାପିତ ହୁଏ ତାହା ଗ୍ରହଣୀୟ ନୁହେଁ। ବରଂ ଏହା ଥିଲା ଅସ୍ମିତା ଅନ୍ୱେଷଣର ପ୍ରାଥମିକ ପର୍ବ, ଯାହା ତତ୍କାଳୀନ ବୁଦ୍ଧିଜୀବୀମାନଙ୍କ ମସୀଯୁଦ୍ଧରୁ ଏହାର ଉତ୍ପତ୍ତି ଏବଂ ନିଜ ସ୍ଥିତି ସଂପର୍କର ପୂର୍ଣ୍ଣ ଜ୍ଞାନ ପ୍ରାପ୍ତିର ମୁହୂର୍ତ୍ତ। ବିବାଦାନ୍ତେ ଯେଉଁ ଆଶା,ବିଶ୍ୱାସ ଓ ଆଶ୍ୱାସନାର ମନ୍ତ୍ର ଦେଇ 'ଉତ୍କଳ ସାହିତ୍ୟ'ର ଆବିର୍ଭାବ ଘଟିଛି ତାହା ଜାତୀୟ ଜୀବନର ଆକାଙ୍କ୍ଷାକୁ ପଲ୍ଲବୀତ,ରସାନ୍ୱିତ ଓ ଗରିମାଦୀପ୍ତ କରିଛି। ସାହିତ୍ୟ ହିଁ ଶତାବ୍ଦୀର କଥା କୁହେ,ତେଣୁ ସେଇ ସମୟର ସାହିତ୍ୟ ସଂରଚନା ଉଭୟ ଊନବିଂଶ ଓ ବିଂଶ ଶତାବ୍ଦୀର ମଧ୍ୟସ୍ଥତା କରିବା ସହିତ ତତ୍କାଳିକ ଜାତୀୟ ଜୀବନର ପ୍ରତିଭୂ ପାଲଟିଛି।"ନୂତନ ସାହିତ୍ୟର ପ୍ରତିଷ୍ଠା ଓ ଅନ୍ୟ ଏକ ସ୍ୱାତନ୍ତ୍ର୍ୟ ସାହିତ୍ୟକୁ ଆବାହନ,ଏ ଉଭୟ କେବଳ ଦଶଟି ବର୍ଷ ଭିତରେ ପତ୍ରିକାମାନଙ୍କ ମାଧ୍ୟମରେ ଯେପରି କରାହୋଇପାରିଛି ସେମିତି ଉଦାହରଣ ଅନ୍ୟତ୍ର ଦୁର୍ଲଭ।" (ନଟବର ସାମନ୍ତରାୟ, ପୃ-୧୮୨) ଏହି ଶତାବ୍ଦୀରେ ସମ୍ବାଦପତ୍ରମାନେ ଯେପରି ଭାବେ ଉତ୍କଳୀୟ ଜାତୀୟତାର ପୁନଃ ନିର୍ମାଣ ପାଇଁ ପ୍ରୟାସ କରିଥିଲେ, ଠିକ୍ ସେହିପରି ସାହିତ୍ୟ ପତ୍ରିକା ଅନୁରୂପ ସରଣୀର ପଥିକ ହୋଇଥିଲେ। ଓଡ଼ିଆ ସାହିତ୍ୟ ବିକାଶର ଅନନ୍ତ ଗଗନରେ ନବ ଦିଗବଳୟ ଉନ୍ମୋଚନ କରିବା ସହିତ ଜାତିର ସାରସ୍ୱତ ସତ୍ତାକୁ ସତେଯେପରି ନୂତନ ଜୀବନୀଶକ୍ତି ପ୍ରଦାନ କରିଛି 'ଉତ୍କଳ ସାହିତ୍ୟ'।

ସାହିତ୍ୟ ସଂରଚନା କହିଲେ କେବଳ ଗଳ୍ପ, କବିତା, ଉପନ୍ୟାସକୁ ବୁଝାଏ ନାହିଁ । ଏହା ଧର୍ମ, ଦର୍ଶନ, ବିଜ୍ଞାନ, ଇତିହାସ, ରାଜନୀତି, ଜୀବନୀ, ଭ୍ରମଣ କାହାଣୀ, ସ୍ମରଣୀୟ ଘଟଣାର ବିସ୍ତୃତ ବିବରଣୀ ଆଦି ଯାବତୀୟ ବିଦ୍ୟା ଓ ଉପଲବ୍ଧ ଜ୍ଞାନ ଚର୍ଚ୍ଚା ସହ ନିବିଡ଼ ସଂପର୍କକୁ ବୁଝାଏ। ତେଣୁ ଏହି ସବୁ ବିଷୟବସ୍ତୁ ଖୁବ୍ ଯତ୍ନ ସହକାରେ ସ୍ଥାନିତ ହୋଇଛି 'ଉତ୍କଳ ସାହିତ୍ୟ' ପତ୍ରିକାରେ। ଏବଂ ଏହା ସହ ଯୋଡ଼ି ହୋଇଛନ୍ତି, ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ନନ୍ଦ କିଶୋର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ରାମଶଙ୍କର ରାୟ,ଗଙ୍ଗାଧର ମେହେର, କୃଷ୍ଣ ପ୍ରସାଦ ଚୌଧୁରୀ, ତାରିଣୀ ଚରଣ ରଥ, ଚନ୍ଦ୍ରଶେଖର ନନ୍ଦ, ଜଳନ୍ଧର ଦେବ, ଗୋପୀନାଥ ନନ୍ଦ, ଶ୍ୟାମସୁନ୍ଦର ରାଜଗୁରୁ, ମୃତ୍ୟୁଞ୍ଜୟ ରଥ, ବୃନ୍ଦାବନ ନାଥ ଶର୍ମା, ପଦ୍ମଚରଣ ପଟ୍ଟନାୟକ ପ୍ରଭୃତି ସାରସ୍ୱତ ସାଧକମାନେ। ଉତ୍କଳୀୟ ଜାତୀୟତାରେ ଉଦ୍‌ବୁଧ ଏହି ସାରସ୍ୱତ ସ୍ରଷ୍ଟାଗଣଙ୍କ ବୁଦ୍ଧିଦୀପ୍ତ, ତର୍କଣାଯୁକ୍ତ ସୃଷ୍ଟି ସମୂହ 'ଉତ୍କଳ ସାହିତ୍ୟ'ର ପୃଷ୍ଠା ମଣ୍ଡନ କରିଛି। ଓଡ଼ିଶାର କୋଣାନୁକୋଣରେ ବିଚ୍ଛୁରିତ ଜାତୀୟ ଜୀବନର ମନ୍ତ୍ର ମହୋତ୍ସବ ସତେଯେପରି 'ଉତ୍କଳ ସାହିତ୍ୟ'ରେ ଏକତ୍ର ସହବସ୍ଥାନ କରିଛି।

'ଉତ୍କଳ ସାହିତ୍ୟ' ଜନ୍ମ ଲଗ୍ନର ଏକ ଇତିହାସ ଅଛି । ମଧୁସୂଦନ ରାଓଙ୍କ ଉଦ୍ୟମରେ ୧୮୯୩ ମସିହାରେ ଗଠିତ ହୁଏ 'ଆଲୋଚନା ସଭା' ନାମକ ଏକ ସାହିତ୍ୟ ଅନୁଷ୍ଠାନ। ମଧୁସୂଦନ ଏହାର ସଭାପତି ଥିଲାବେଳେ ଚନ୍ଦ୍ରମୋହନ ମହାରଣା ଏହି ଅନୁଷ୍ଠାନର ଥିଲେ ସଂପାଦକ। ସାହିତ୍ୟ ଚର୍ଚ୍ଚା ଥିଲା ଏହି ସାହିତ୍ୟମଂଚର ମୁଖ୍ୟ ଆଭିମୁଖ୍ୟ। ବିଶ୍ୱନାଥ କର, ମୃତ୍ୟୁଞ୍ଜୟ ରଥ, ଶ୍ୟାମସୁନ୍ଦର ନନ୍ଦ, କୃଷ୍ଣ ପ୍ରସାଦ ଚୌଧୁରୀ, ଗୋପାଳ ଚନ୍ଦ୍ର ପ୍ରହରାଜ, ବ୍ରଜ ସୁନ୍ଦର, କାମପାଳ ମିଶ୍ର ପ୍ରଭୃତି ବୟୋଜ୍ୟେଷ୍ଠ, ନବୀନ, ତରୁଣ ସାହିତ୍ୟିକମାନେ ଏହି ସଭାପ୍ରତି ଆକୃଷ୍ଟ ହେବା ସହିତ ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କରିଥିଲେ। ସମସାମୟିକ କଲିକତାର 'ବଙ୍ଗୀୟ ସାହିତ୍ୟ ପରିଷଦ' ଆନୁକୂଲ୍ୟରେ ପ୍ରକାଶିତ ମୁଖପତ୍ର ଅନୁକରଣରେ ଅନୁରୂପ ସାହିତ୍ୟ ପତ୍ରିକା ପ୍ରକାଶନ ନିମନ୍ତେ ବିଶ୍ୱନାଥଙ୍କୁ ଅନୁରୋଧ କରାଯାଇଥିଲା। ତାହାର ଫଳଶ୍ରୁତି ସ୍ୱରୂପ 'ଉତ୍କଳ ସାହିତ୍ୟ', ଯାହା ଓଡ଼ିଆ ସାହିତ୍ୟାକାଶରେ

ଇନ୍ଦ୍ରଧନୁ ସମ ଉଜ୍ଜ୍ୱଳ ହୋଇଉଠିଲା। ପ୍ରଥମ ବର୍ଷର ପ୍ରଥମ ସଂଖ୍ୟାରେ ଏହାର ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସଂପର୍କରେ ସୂଚନା ପ୍ରଦାନ କରି ବିଶ୍ୱନାଥ ଲେଖିଥିଲେ,"ଉତ୍କଳର ପ୍ରାଚୀନ ସାହିତ୍ୟ ଭଣ୍ଡାରରେ ଗୌରବର ବିଷୟ ଯଥେଷ୍ଟ ନଥିଲେ ହେଁ, ତାହାର ଏକାନ୍ତ ଅଭାବ ନାହିଁ, ଅନ୍ୟଆଡେ ନବଯୁଗର ସାହିତ୍ୟ ଗଠନର ଚେଷ୍ଟା ମଧ୍ୟ କିଞ୍ଚିତ ପରିମାଣରେ ପରିଲକ୍ଷିତ ହେଉଅଛି। ଉତ୍କଳ ସାହିତ୍ୟ ଏହି ଉଭୟର ପ୍ରତିନିଧି ସ୍ୱରୂପ କାର୍ଯ୍ୟ କରିବା ଆଶାରେ ଉପସ୍ଥିତ ହୋଇଅଛି। ଏକ ଆଡ଼େ ପ୍ରାଚୀନ ମଧ୍ୟରୁ ଗ୍ରହଣୀୟ,ବସ୍ତୁ ଆହରଣ କରିବା ଅନ୍ୟଆଡେ ଉନ୍ନତ ଯୁଗର ଭାବ ଓ ଚିନ୍ତା ପାଠକ ସାଧାରଣଙ୍କ ନିକଟରେ ଉପସ୍ଥାପିତ କରିବା ଏକାନ୍ତ କର୍ତ୍ତବ୍ୟ। ଆମ୍ଭମାନଙ୍କ ବିଜ୍ଞ ଲେଖକମାନଙ୍କ ସାହାଯ୍ୟରେ ଏହି ପବିତ୍ର କର୍ତ୍ତବ୍ୟ ସାଧନ କରିବାକୁ ଆଶା ରଖିଅଛୁଁ।" 'ଉତ୍କଳ ସାହିତ୍ୟ' ପତ୍ରିକାର ଆଭିମୁଖ୍ୟ ଏହି ସଂକ୍ଷିପ୍ତ ଉଦ୍ଧୃତିରୁ ଅନୁମାନ କରିହୁଏ। ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଅଯଥା ବିବାଦର ଉର୍ଦ୍ଧ୍ୱରେ ରହି ପରଂପରା ଓ ଐତିହ୍ୟର ଭିତ୍ତି ଉପରେ ନୂତନ ସାହିତ୍ୟର ସାମ୍ରାଜ୍ୟ ସ୍ଥାପନ କରିବା ଲାଗି ସଂକଳ୍ପ ଏଥିରେ ପ୍ରତିଫଳିତ।" (ପ୍ରସନ୍ନ କୁମାର ମହାନ୍ତି, ପୃଷ୍ଠା-୩୨୯)

ଓଡ଼ିଆ ସାହିତ୍ୟରେ ଗଳ୍ପ ରଚନାର ପରଂପରା 'ଉତ୍କଳ ସାହିତ୍ୟ' ପତ୍ରିକାରୁ ହିଁ ଆରମ୍ଭ ହୋଇଛି, ଯଦିଓ ଏହା ପୂର୍ବରୁ ଫକୀର ମୋହନଙ୍କ 'ଆଶ୍ଚର୍ଯ୍ୟ ସ୍ୱପ୍ନ'(୧.୭.୧୮୭୭/ବାଲେଶ୍ୱର ସମ୍ବାଦ ବାହିକା)'ମୁହଁରେ ନିଆଁ' (୨୪.୧୧.୧୮୮୭/ବାଲେଶ୍ୱର ସମ୍ବାଦ ବାହିକା) ଏହି ଦୁଇଟି ଗଳ୍ପ ବାଲେଶ୍ୱର ସମ୍ବାଦ ବାହିକାରେ ପ୍ରକାଶିତ ହୋଇଛି କିନ୍ତୁ ଇତିହାସ ସୃଷ୍ଟି କରିଥିବା ପ୍ରାଣସ୍ପର୍ଶୀ 'ରେବତୀ' ଗଳ୍ପଟି ୧୮୯୮ ମସିହା ଅକ୍ଟୋବର ମାସରେ ଉତ୍କଳ ସାହିତ୍ୟର ପ୍ରକାଶ ପାଇଛି। ଏଠାରେ ସୂଚନା ଦିଆଯାଇପାରେ ଯେ ଆମ ସାହିତ୍ୟ ଇତିହାସକାରମାନେ 'ରେବତୀ' କୁ ପ୍ରଥମ ଗଳ୍ପ ଭାବରେ ଗ୍ରହଣ କରନ୍ତି ଯାହା ଏକ ଐତିହାସିକ ଭୁଲ। 'ରେବତୀ' ପୂର୍ବରୁ 'ଆଶ୍ଚର୍ଯ୍ୟ ସ୍ୱପ୍ନ'ଏବଂ 'ମୁହଁରେ ନିଆଁ' ଗଳ୍ପ ଦୁଇଟି ପ୍ରକାଶିତ। ତେବେ ତାଙ୍କର'କୁଳକୁନ୍ତଳା'(୩/୧୦), 'ଧୂଳିଆ ବାବା'(୧୬/ ୧୧), 'ସୁନା ବୋହୂ'(୧୭/୩),'ପେଟେଣ୍ଟ ମେଡିସିନ'(୧୭/୬), 'କମଳା ପ୍ରସାଦ ଗୋରାପ'(୧୭/ ୨),'ବୀରେଇ ବିଶାଳ'(୧୭/୬), 'ସଭ୍ୟ ଜମିଦାର'(୧୭/୧୨), 'ବଗଲା-ବଗୁଲି'(୧୮/୧), 'ଅଧର୍ମବିତ୍ତ ବଢ଼େ ବହୁତ' (୧୯/୭), 'ମାଧ ମହାନ୍ତିଙ୍କ କନ୍ୟାସୁନା'(୧୯/୭), 'ଗାରୁଡ଼ି ମନ୍ତ୍ର'(୨୦/୮) ଏହିପରି ୧୨ଟି ଗଳ୍ପ 'ଉତ୍କଳ ସାହିତ୍ୟ' ପତ୍ରିକାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ। ଫକୀରମୋହନଙ୍କ ବ୍ୟତୀତ 'ଉତ୍କଳ ସାହିତ୍ୟ'ରେ ଜଳନ୍ଧର ଦେବ 'ଗୋଟିଏ କଥା' (୧୮/୨)ଠାରୁ 'ଶେଷ ବଳି (୩୬/୯)୧୬ଟି ଗଳ୍ପ, ଜଳନ୍ଧର ଦେବ, ଦିବ୍ୟସିଂହ ପାଣିଗ୍ରାହୀ,ବାଙ୍କନିଧି ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ବିମଳାକାନ୍ତ ଦାସ, ହରିଶ୍ଚନ୍ଦ୍ର ବଡାଳ ପ୍ରଭୃତି ଗାଳ୍ପିକମାନଙ୍କ ଗଳ୍ପ ଏହାର ପୃଷ୍ଠା ମଣ୍ଡନ କରିଛି। ସାମାଜିକ ସମସ୍ୟା, କୁସଂସ୍କାର, ଅନ୍ଧବିଶ୍ୱାସ ସହିତ ବ୍ୟକ୍ତିଜୀବନର ସୁଖ, ଦୁଃଖ, ଅଶ୍ରୁ ଆବେଦନ ଭରା କଥନ ଭଙ୍ଗୀ ଦେଇ ଏହି ଗଳ୍ପଗୁଡିକ ରଚିତ। ତତ୍କାଳୀନ ଜନଜୀବନର ଚିତ୍ରକୁ ଧାରଣ କରିଥିବା ଏହି ଗଳ୍ପ ସମୂହ ସାଧାରଣ ଜନତାଙ୍କଠାରୁ ଶିକ୍ଷିତ ବୁଦ୍ଧିଜୀବୀମାନଙ୍କ ପ୍ରାଣକୁ ଆନ୍ଦୋଳିତ କରିଥିଲା। ତେଣୁ ଗଳ୍ପ ପଠନର ପରମ୍ପରାଟି 'ଉତ୍କଳ ସାହିତ୍ୟ' ସୃଷ୍ଟି କରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗଟି ହେଲା ଫକୀରମୋହନଙ୍କ ପ୍ରଥମ ଉପନ୍ୟାସ 'ଛମାଣ ଆଠଗୁଣ୍ଠ' 'ଉତ୍କଳ ସାହିତ୍ୟ'ରେ ୧୮୯୭ମସିହାରୁ ୧୮୯୯ ପର୍ଯ୍ୟନ୍ତ ବିଭିନ୍ନ ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶିତ ହୋଇଥିଲା ଏବଂ ୧୯୦୨ ରେ ପ୍ରଥମେ ପୁସ୍ତକ ଆକାରରେ 'ଉତ୍କଳ ସାହିତ୍ୟ ପ୍ରେସରେ ମୁଦ୍ରିତ ହୋଇଥିଲା । ଏହି

ଉପନ୍ୟାସରେ ଚିତ୍ରିତ ସାରିଆ ଓ ଭଗିଆର କରୁଣ କାହାଣୀ ସହିତ ତତ୍‌କାଳୀନ ଉପନିବେଶିକ ତଥା ଦେଶୀୟ ଶାସନ ବ୍ୟବସ୍ଥାରେ ଥିବା ଶୋଷଣ ପ୍ରବୃତ୍ତିଟିକୁ ଫକୀରମୋହନ ପ୍ରକାଶ କରିଛନ୍ତି । ଗଳ୍ପ, ଉପନ୍ୟାସ ପରି କାମପାଳ ମିଶ୍ରଙ୍କ 'ବନେ ବନମଲ୍ଲୀ', ରାଧାନାଥ ରାୟଙ୍କ 'ଦରବାର', ଗଙ୍ଗାଧର ମେହେରଙ୍କ 'ମହିମା', ନନ୍ଦକିଶୋର ବଳଙ୍କ 'ପୁଷ୍ପ', ପଦ୍ମଚରଣ ପଟ୍ଟନାୟକଙ୍କ 'ତ୍ରିବେଣୀ ତଟେ', 'ଧଉଳି ପହାଡ', 'ଖୋରଧା ପ୍ରଥମ ଦର୍ଶନ' ପରି ଜାତୀୟ ଭାବଉଦ୍ଦୀପକ ମୂଳକ କାବ୍ୟ କବିତା ପ୍ରକାଶିତ ହୋଇଥିଲା । ଏତଦ୍ ବ୍ୟତୀତ ଚନ୍ଦ୍ରମୋହନ ମାହାରଣା, ଚିନ୍ତାମଣି ମହାନ୍ତି, ବ୍ରଜମୋହନ ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ଗୋପବନ୍ଧୁ ଦାସ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଗୋଦାବରୀଶ ମିଶ୍ର, ହରିହର ମହାପାତ୍ର, ଶରତ ମୁଖାର୍ଜୀ, ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ, ସଚ୍ଚିରାଉତରାୟ ପ୍ରମୁଖ କବିମାନଙ୍କ କାବ୍ୟ ସଂରଚନାରେ 'ଉତ୍କଳ ସାହିତ୍ୟ' ପଲ୍ଲବୀତ ଓ ପୁଷ୍ପିତ ହୋଇଥିଲା । 'ଉତ୍କଳ ସାହିତ୍ୟ' ହେଉଛି ଊନବିଂଶ ଶତକର ଅର୍ଦ୍ଧଶତାବ୍ଦୀ ଓଡ଼ିଆ ସାହିତ୍ୟ ଏକ ମୂର୍ତ୍ତିମନ୍ତ ଆଲେଖ୍ୟ । ବହୁ ପ୍ରବୀଣ ଓ ନବୀନ ଲେଖକମାନଙ୍କ ସାରସ୍ୱତ ସର୍ଜନାରେ ଏହା ମାଧୁର୍ଯ୍ୟ ଓ ଲୋକପ୍ରିୟତା ବଢ଼ାଇ ଚାଲିଥିଲା । ନଅଙ୍କ ଦୁର୍ଭିକ୍ଷର କରାଳ ଗ୍ରାସରୁ ରକ୍ଷା ପାଇ ଅଣ୍ଟା ଭିଡ଼ିବାକୁ ପ୍ରୟାସ କରିଥିବା ଆଧୁନିକ ଶିକ୍ଷାର ଆଲୋକରେ ଆଲୋକିତ ଏହି ନବ୍ୟ ଆତ୍ମସଚେତନ ଗୋଷ୍ଠୀ ଜାତିପ୍ରତି ନିଜ ଅଙ୍ଗୀକାର ବଦ୍ଧତାକୁ ହୃଦୟଙ୍ଗମ କରିଛି । ତାର ଚିନ୍ତାଭାବନା ବ୍ୟଥା ବେଦନାକୁ ପ୍ରକାଶ କରିବାପାଇଁ 'ଉତ୍କଳ ସାହିତ୍ୟ' ପରି ଏକ ରୁଚିପୂର୍ଣ୍ଣ ବୌଦ୍ଧିକତାଯୁକ୍ତ ଦୁଇ ମାସିକ ପତ୍ରିକାକୁ ନିଜର କରିନେଇଛି । ରାଧାନାଥ, ମଧୁସୂଦନ, ଫକୀରମୋହନଙ୍କ ଠାରୁ ଆରମ୍ଭକରି ସତ୍ୟବାଦୀ ଓ ସବୁଜ ଗୋଷ୍ଠୀର ସାହିତ୍ୟ ସାଧନାର ଏକ ପବିତ୍ର କ୍ଷେତ୍ର ଥିଲା ଉତ୍କଳ ଦୀପିକା । "ନବ୍ୟ ଶିକ୍ଷା ପ୍ରାପ୍ତ, ନୂତନ ରୁଚି ଓ ସଭ୍ୟତା ଉଦ୍‌ବୁଦ୍ଧ ଯୁବସମାଜର ଆକାଙ୍କ୍ଷା ଚରିତାର୍ଥ ନିମନ୍ତେ ପତ୍ରିକାର ସାମର୍ଥ୍ୟ ସୁବିଦିତ ।" (ଶ୍ରୀ ନିବାସ ମିଶ୍ର, ପୃ-୧୨୩) ଉତ୍କଳ ସାହିତ୍ୟ ୧୪/୧୧ ସଂଖ୍ୟାରେ ଶ୍ରୀ ପଥିକ ନାମକ ଜଣେ ଛଦ୍ମନାମୀ ଲେଖକ ନିଜ ଅଭିମତ ପୋଷଣ କରିଲେଖିଥିଲେ,"ମୋର ନିଜ ଅଭିଜ୍ଞତାରୁ ମୁଁ ଜାଣିଅଛି, ଯେଉଁ ଶିକ୍ଷିତ ବ୍ୟକ୍ତିମାନେ ଡେକାର୍ଟ, ସ୍ୱିନୋଜା, ସ୍ପେନସାର, ମାକ୍ସମୁଲାର, ସେକ୍‌ସ ପିଅର, ମିଲଟନ, ଇମର୍ସନ, କାର୍ଲାଇଲ, ମିଲ, ବର୍କ, କାଳିଦାସ, ଭବଭୂତି, ଶ୍ରୀ ହର୍ଷ ପ୍ରଭୃତି ସାହିତ୍ୟ ରଥୀଙ୍କ ଚିନ୍ତାମାର୍ଗରେ ନିଜର ଚିନ୍ତା ଗଠନ କରୁଥାଆନ୍ତି, ସେମାନେ ମଧ କେତେକ ସମୟ ଆପଣଙ୍କ 'ସାହିତ୍ୟ' ପାଠରେ ନିୟୋଜିତ କରିଥାନ୍ତି ।" ଏହି ପତ୍ରରୁ ଯେଉଁ ନିଷ୍କର୍ଷ ଉତ୍ପନ୍ନ ହେଉଛି ତାହା ହେଲା ପାଶ୍ଚାତ୍ୟ ଦର୍ଶନ-ସାହିତ୍ୟ ପ୍ରତି ଜଣେ ଯେତିକି ଅନୁରାଗ ରଖିଛି ଭାରତୀୟ ସାହିତ୍ୟପ୍ରତି ତାର ସେତିକି ଅନୁରାଗ ଓ ତତୋଧିକ ପରିମାଣରେ ଓଡ଼ିଆ ସାହିତ୍ୟ ପଠନ ପ୍ରତି ରହିଛି ତାର ସଶ୍ରଦ୍ଧ ଅଭିଳାଷ । ଊନବିଂଶ ଶତାବ୍ଦୀରେ ଆଧୁନିକ ଶିକ୍ଷା ଦ୍ୱାରା ବୈଷୟିକ ସ୍ତରରେ ମଣିଷର ଯେଉଁ ବୈପ୍ଳବିକ ପରିବର୍ତ୍ତନ ହୋଇଥିଲା ତାହା ଏଥିରୁ ସ୍ପଷ୍ଟ । ବିଶ୍ୱସହିତ ଯୋଡି ହେବାର ଆକାଙ୍କ୍ଷା ଏହି ସମୟର ଅବଦାନ ତାକୁ ମନସ୍ୱିନୀ କରିଛି । "ବିବିଧ ପ୍ରସଙ୍ଗରେ ଭାଷା, ସାହିତ୍ୟ, ଶିକ୍ଷା ସଂସ୍କୃତି ଜାତୀୟତା, ରାଜନୀତି, ସମାଜ ସଂସ୍କାର ପ୍ରଭୃତି ସମକାଳୀନ ପ୍ରସଙ୍ଗ ସଂପର୍କରେ ସଂପାଦକଙ୍କ ନିରପେକ୍ଷ ଅନୁଶୀଳନ ଓ ସ୍ୱାଧୀନ ମନ୍ତବ୍ୟ ପ୍ରକାଶିତ ହୋଇଥିଲା ।" (ମିଶ୍ର, ପୃଷ୍ଠା-୧୨୪) ପତ୍ରିକାର ସଂପାଦକ ଯଦି ସ୍ୱାଧୀନ ଚେତା ଓ ବହୁଦର୍ଶୀ ନହେବ ତେବେ ସମାଜର ବହୁ ସ୍ତରରୁ ବିଭିନ୍ନ ଚିନ୍ତାଧାରୀ ଲେଖକମାନଙ୍କ ସୃଷ୍ଟି ସମ୍ଭାରକୁ ସାଧୁବାଦ ପୂର୍ବକ ଗୋଟିଏ ସୂତ୍ରରେ ବାନ୍ଧିରଖିବା ଅସମ୍ଭବ ହେବ । ବିଶ୍ୱନାଥ କର ବ୍ରାହ୍ମଥିବାରୁ ଆଧୁନିକ ଶିକ୍ଷା-ସଂସ୍କାର ବୃହ ଆୟତନକୁ ସ୍ପର୍ଶ କରୁଥିଲେ । ଏହି ଶତକରେ ସୃଷ୍ଟି ହୋଇଥିବା ଜାତୀୟତାବାଦକୁ

ସେ ସଶ୍ରଦ୍ଧ ସତୃଷ୍ଣ ନୟନରେ ଦେଖିଛନ୍ତି ଓ ତାର ଲାଳନ ପାଳନପାଇଁ ପୃଷ୍ଠଭୂମିଟିଏ ନିର୍ମାଣ କରିଛନ୍ତି। ଯାହା ପରବର୍ତ୍ତୀ ସମୟରେ ଦେଶ ମିଶ୍ରଣ ତଥା ଭାରତୀୟ ମୁକ୍ତି ସଂଗ୍ରାମ ପାଇଁ ପଥୀକୃତ ସୈନ୍ୟମାନଙ୍କୁ ଅନୁପ୍ରେରିତ କରିଛି। ତେଣୁ ଉଭୟ 'ଉତ୍କଳ ଦୀପିକା' ଓ 'ଉତ୍କଳ ସାହିତ୍ୟ' ଊନବିଂଶ ଶତକରେ ଜ୍ଞାନ ଚର୍ଚ୍ଚା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ସହିତ ବିଶ୍ୱ ସହ ପରିଚିତ ହେବାର ସୁଯୋଗ ସୃଷ୍ଟି କରିଛନ୍ତି । ସେଥିପାଇଁ ଚିତ୍ତ ସଂଘର୍ଷ ଜନିତ ଆତ୍ମ ସଚେତନ ଶିକ୍ଷିତ ଗୋଷ୍ଠୀ ବିଦ୍ୟା, ବୁଦ୍ଧି ଓ ବିତ୍ତକୁ ଆୟତକରି ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଦେଶପାଇଁ, ଜାତି ପାଇଁ, ଭାଷା ପାଇଁ ଆତ୍ମୋତ୍ସର୍ଗକୃତ କରାଇଛନ୍ତି। ତେଣୁ ଉଭୟ ଗୌରୀଶଙ୍କର ଓ ବିଶ୍ୱନାଥ ଥିଲେ ଯଥାର୍ଥରେ ଊନବିଂଶ ଶତାବ୍ଦୀର ନାନ୍ଦୀକାର।

## ୨.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) କୁଜୀବର ପତ୍ରିକା

(ଖ) ମିଶନାରୀ ପତ୍ରିକା

(ଗ) ଜ୍ଞାନାରୁଣ

(ଘ) ପ୍ରବୋଧ ଚନ୍ଦ୍ରିକା

(ଙ) ଉତ୍କଳ ଦୀପିକା

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଊନବିଂଶ ଶତାବ୍ଦୀର ସମ୍ବାଦପତ୍ର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କର ।

(ଖ) ଊନବିଂଶ ଶତାବ୍ଦୀର ପତ୍ରପତ୍ରିକାରେ ଜାତୀୟବୋଧ କିପରି ପ୍ରକାଶ ପାଇଛି ଆଲୋଚନା କର ।

(ଗ) ଓଡ଼ିଆ ଜାତୀୟତା ନିର୍ମାଣରେ 'ଉତ୍କଳ ଦୀପିକା'ର ଭୂମିକା ଆଲୋଚନା କର ।

(ଘ) ନବଜାଗରଣ କିପରି ପତ୍ର ପତ୍ରିକା ମାଧ୍ୟମର ସୃଷ୍ଟି ହୋଇଛି ବିଶ୍ଲେଷଣ କର ।

(ଙ) ଜନଜୀବନରେ ସମ୍ବାଦପତ୍ରର ଭୂମିକା ସଂପର୍କରେ ଆଲୋଚନା କର ।

## ୨.୧୦ ସହାୟକ ଗ୍ରନ୍ଥସୂଚୀ


- ସାମନ୍ତରାୟ, ଡ. ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ବାଣୀ ଭବନ, ଭୁବନେଶ୍ୱର,୧୮୯୩।
- ମିଶ୍ର, ଡ. ଗୋପାଳ ଚନ୍ଦ୍ର, ଓଡ଼ିଶାର ବିକାଶରେ ପତ୍ର ପତ୍ରିକାର ପ୍ରଭାବ, ମୁଖ୍ୟ ପରିବେଶକ, ଗ୍ରନ୍ଥ ମନ୍ଦିର, କଟକ,୧୯୭୮।
- କର, ପ୍ରଫେସର ବାଉରୀ ବନ୍ଧୁ,ଓଡ଼ିଆ ସାହିତ୍ୟର ଇତିହାସ, ବିଦ୍ୟାପୁରୀ, କଟକ, ୧୯୯୫।
- ଶର୍ମା, ଶ୍ରୀଧର ମହାପାତ୍ର, ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ, ଗ୍ରନ୍ଥ ମନ୍ଦିର, ୧୯୮୬।
- ମିଶ୍ର, ଶ୍ରୀନିବାସ, ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ବିଦ୍ୟାପୁରୀ, କଟକ, ୧୯୯୫।

# ତୃତୀୟ ଏକକ : ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା

**ବିଷୟ ଗଠନ :**

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପ୍ରବେଶ
୩.୪ ଭାରତରେ ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା
୩.୫ ଓଡ଼ିଶାରେ ମୁଦ୍ରଣଯନ୍ତ୍ରର ପ୍ରସାର
୩.୬ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ମୁଦ୍ରଣଯନ୍ତ୍ରର ପ୍ରଭାବ
୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୮ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଗୁଟେନବର୍ଗଙ୍କ ମୁଦ୍ରଣଯନ୍ତ୍ରର ଆବିଷ୍କାର ଜ୍ଞାନ ବିତରଣ ଓ ଚର୍ଚ୍ଚାରେ କିପରି ନୂତନ ଆନ୍ଦୋଳନ ସୃଷ୍ଟିକଲା, ତାହା ହେବ ଏଇ ଏକକର ମୂଳ ଆଲୋଚ୍ୟ। ଦୂରସ୍ଥାନ ଓ ସମୟରେଥିବା ଶ୍ରୋତା / ପାଠକପାଇଁ ରଚିତ ଗ୍ରନ୍ଥସବୁ ପ୍ରତିଲିପି ପ୍ରସ୍ତୁତ କରୁଥିବା ବ୍ୟକ୍ତିଦ୍ୱାରା ବେଳେବେଳେ ଇଚ୍ଛାକୃତ କିମ୍ବା ଅନିଚ୍ଛାକୃତ ଭାବରେ ଭିନ୍ନ ରୂପଲାଭକରୁଥିଲା। ମୁଦ୍ରଣଯନ୍ତ୍ର ସାହାଯ୍ୟରେ ଗୋଟିଏ ପାଠ୍ୟର ଏକାଧିକ ପ୍ରତିଲିପି ପ୍ରସ୍ତୁତ ହେବାରୁ ପାଠାନ୍ତର, ଲେଖନକାରର ପ୍ରକ୍ଷେପ ଓ ଇଚ୍ଛାକୃତ କିମ୍ବା ଅନିଚ୍ଛାକୃତ ତ୍ରୁଟି ବହୁଭାବରେ ହ୍ରାସପାଇଲା। ଇଉରୋପରେ ଜ୍ଞାନର ପ୍ରଚାରପ୍ରସାର କ୍ଷେତ୍ରରେ ସାଂସ୍କୃତିକ ଜଗତରେ ମଧ୍ୟ ଯେଉଁ ତୃମୂଳ ପରିବର୍ତ୍ତନ ଆସିଲା, ତାହା ଆଲୋଚିତ ହେବା ସହ ଭାରତରେ ମୁଦ୍ରଣଯନ୍ତ୍ରର ପ୍ରସାର ମଧ୍ୟ ଏଠାରେ ଆଲୋଚିତ ହେବ। କଲିକତା ଦେଇ ଓଡ଼ିଶାକୁ ମୁଦ୍ରଣ ଆଗମନ ଫଳରେ ପ୍ରାଚୀନ ତାଳପତ୍ରରେ ଲେଖାଯାଉଥିବା ଓଡ଼ିଆ ଅକ୍ଷର ଓ ଓଡ଼ିଆ ଲେଖନରୀତି ପ୍ରଭାବିତ ହେଲା। ପୁଣି ସାମାଜିକ ଓ ସାଂସ୍କୃତିକ ଜୀବନରେ ଛପାବହି ଓଡ଼ିଶାରେ ନୂତନ ଜ୍ଞାନର ବିକାଶ ଓ ବଣ୍ଟନରେ ଗ୍ରହଣ କରିଥିବା ଭୂମିକା ଏହି ଏକକ ପାଠ କଲେ ଜଣାପଡ଼ିବ। ପୂର୍ବରୁ ନବଜାଗରଣ ସଂପର୍କରେ ଆଲୋଚନା କଲାବେଳେ ହୋଇଥିବା ଆଲୋଚନାର ଏହା ହେଉଛି ଏକ ବିସ୍ତାର ଓ ଓଡ଼ିଆ ଲେଖନ ବ୍ୟବସ୍ଥାକୁ କେନ୍ଦ୍ରକରି ଆଲୋଚନା।

## ୩.୨ ଶିକ୍ଷଣୀୟ ବିଷୟ

- ଜ୍ଞାନର ଚର୍ଚ୍ଚା ଓ ବିତରଣରେ ମୁଦ୍ରଣଯନ୍ତ୍ରର ଭୂମିକା
- ଇଉରୋପରୁ ମୁଦ୍ରଣଯନ୍ତ୍ର ଆସି ଆସ୍ତେ ଆସ୍ତେ ଭାରତରେ କିପରି ପ୍ରତିଷ୍ଠା ଓ ପ୍ରଚାର ଲାଭ କଲା
- ଓଡ଼ିଶାରେ ମୁଦ୍ରଣଯନ୍ତ୍ରର ପ୍ରଭାବରେ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାବ୍ୟବସ୍ଥାରେ କିପରି ପରିବର୍ତ୍ତନ ଆସିଲା

## ୩.୩ ବିଷୟ ପ୍ରବେଶ

ସାହିତ୍ୟ ଓ ଶାସ୍ତ୍ରକୁ ସାଇତି ରଖିବା ପାଇଁ ଓଡ଼ିଶାରେ ଥିଲା ଏକ ସମୃଦ୍ଧ ଲେଖନ ପଦ୍ଧତି । ଶିଳାଲେଖ ଓ ତମ୍ବାପଟାମାନଙ୍କୁ ଛାଡ଼ିଦେଲେ ମଧ୍ୟ ଏହାର ପ୍ରାଚୀନତା ଓ ବିପୁଳତା ତାଳପତ୍ର ପୋଥିମାନଙ୍କରେ ଲକ୍ଷ୍ୟକଲେ ଆମେ ଆଶ୍ଚର୍ଯ୍ୟ ହେବା । ଓଡ଼ିଶାର ବିଭିନ୍ନ ଅଂଚଳରେ ଭାଗବତ ଗାଦିମାନଙ୍କରେ ଏହା ସଂରକ୍ଷିତ ଓ ପଠିତ ହୋଇ ଜ୍ଞାନଚର୍ଚ୍ଚାର ଏକ ପରିମଣ୍ଡଳ ସୃଷ୍ଟି କରୁଥିଲା । ତାଳପତ୍ର ପୋଥିର ଆୟୁଷ୍କାଳ ଥିଲା ସୀମିତ ସର୍ବାଧିକ ଦୁଇଶହ ବର୍ଷ । ପ୍ରତିଟି ପିଢ଼ି ନିଜର ସାରସ୍ୱତ ସଂପଦକୁ ସାଇତି ରଖିବାପାଇଁ ତାର ପ୍ରତିଲିପି ପ୍ରସ୍ତୁତ କରିବାର ଆବଶ୍ୟକତା ଥିଲା । ପ୍ରତିଲିପି ସୃଷ୍ଟି କରୁଥିବା ବ୍ୟକ୍ତି ହାତରେ ଏହାର ଭାଷା ପରିବର୍ତ୍ତିତ ହେବାର ଭୟ ମଧ୍ୟ ଥିଲା । ତାଙ୍କର ପୋଥି ପ୍ରସ୍ତୁତ କରିବାଥିଲା ସମୟ ଓ ବ୍ୟୟସାପେକ୍ଷ । ସାମନ୍ତମାନଙ୍କ ଅନୁଜ୍ଞା ଓ ଅନୁରୋଧରେ ପ୍ରତିଲିପି ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନେ ଓଡ଼ିଆ ଶାସ୍ତ୍ର ଓ ସାହିତ୍ୟସବୁ ନିଜସ୍ୱ ଶୈଳୀରେ ଲେଖିରଖୁଥିଲେ । ଆଜି ବି ତାଳପତ୍ର ପୋଥିମାନଙ୍କର ପୁଷ୍ପିକା ପାଠକଲେ ସେକାଳର ଅନେକ ସାମାଜିକ ଓ ସାରସ୍ୱତ ଘଟଣା ସଂପର୍କରେ ଜଣାପଡେ । ପୁଷ୍ପିକା ହେଉଛି ପ୍ରାତିଲିପି ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ନିଜକଥା । ମୂଳଗ୍ରନ୍ଥର ପରିସମାପ୍ତି ପରେ, ଲେଖକ ଏହା ପ୍ରାୟତଃ ଗଦ୍ୟରେ ଲେଖିଥାନ୍ତି । କାହାର ଅନୁରୋଧରେ ଏହା ଲିଖିତ ହେଲା, କେବେ ଲେଖନ କର୍ମ ଆରମ୍ଭ ହେଲା ଓ ପରିସମାପ୍ତି ଘଟିଲା ପୁଷ୍ପିକାରେ ଲେଖାଥାଏ । ପୁଣି ରହିଥାଏ କେଉଁଠି ବସି ପ୍ରତିଲିପିକାର ଏହା ପ୍ରସ୍ତୁତ କରୁଛନ୍ତି, କେଉଁ ଦେବ କିମ୍ବା ଦେବୀଙ୍କର ସେ କରୁଣାଶ୍ରିତ । ବେଳେବେଳେ ପ୍ରତିଲିପି ପ୍ରସ୍ତୁତି ପାଇଁ ପାଇଥବା ପ୍ରତିଦାନ ଯେମିତି ଜମି, ଟଙ୍କା, ସୁନା, ଗାଈ ଓ ବସ୍ତ୍ର ସଂପର୍କରେ ଏଠାରେ ସୂଚନାଥାଏ । ତାଳପତ୍ର ଗ୍ରନ୍ଥଗୁଡ଼ିକରେ ଶୁଦ୍ଧାଶୁଦ୍ଧ ମିଶାଇ ପାଠକରିବା ପାଇଁ ଲେଖନକାରମାନେ ଅନୁରୋଧ କରିଥାନ୍ତି । ପ୍ରତିଟି ପ୍ରତିଲିପି ପ୍ରସ୍ତୁତ କରିବା ଏକ କଷ୍ଟକର କାମ ହୋଇଥିବାରୁ ଗ୍ରନ୍ଥଚୋରୀ ଏବଂ ଗ୍ରନ୍ଥର ରକ୍ଷଣାବେକ୍ଷଣରେ ଅବହେଳା କରେ କୁମ୍ଭୀପାକ ନର୍କରେ ପଡ଼ି ରହିବାର ଭୟମଧ୍ୟ ପ୍ରଦର୍ଶନ କରିଥାନ୍ତି । କୌଣସି ଗ୍ରନ୍ଥକୁ ଶ୍ରଦ୍ଧା ଓ ସୁରକ୍ଷା ଦେଲେ, ଘରେ ସୁରକ୍ଷିତ କରି ରଖିଲେ ପରିବାରର ଉତ୍ତରରୋତ୍ତର ଉନ୍ନତି ହୁଏ, ଦୈବୀ ଆର୍ଶୀବାଦ ମିଳେ ଇତ୍ୟାଦି ମଙ୍ଗଳସୂଚକ ଆଶ୍ୱାସନା ମଧ୍ୟ ପୁଷ୍ପିକାରେ ଦେଖିବାକୁ ମିଳେ । ଗ୍ରନ୍ଥକୁ ପୁତ୍ର ପରି ପ୍ରତିପାଳନ କରିବା ପାଇଁ ଅନୁରୋଧ କରିବା ସହିତ ଗ୍ରନ୍ଥକାରର ଶାରୀରିକ ଦୁଃଖ ଓ ମାନସିକ ପୀଡ଼ା ଏକ ସୁନ୍ଦର ଚିତ୍ର ଏଇ ଶ୍ଳୋକଟିରୁ ଜଣାପଡ଼େ :

ବକ୍ରପୃଷ୍ଠ କଟୀଗ୍ରୀବା ତୁଲ୍ୟଦୃଷ୍ଟି ରଧୋମୁଖଃ
ଦୁଃଖେନ ଲିଖିତଂ ଗ୍ରନ୍ଥଃ ପୁତ୍ରବତ୍ ପରିପାଳୟେତ ।

ଗ୍ରନ୍ଥଲେଖନ ଓ ତାର ସଂରକ୍ଷଣ ପ୍ରାଚୀନ କାଳରେ ଥିଲା ଏକ କଷ୍ଟକର କାର୍ଯ୍ୟ । ଏହା ସତ୍ତ୍ୱେ ଓଡ଼ିଶାରେ ଭାରତର ସର୍ବାଧିକ ତାଳପତ୍ର ପୋଥି ଆଜିବି ସୁରକ୍ଷିତ ହୋଇରହିଛି । ତାଳପତ୍ର ପୋଥି ଲେଖନର ଆରମ୍ଭ କେବେ ହୋଇଥିଲା ଜାଣିବା ଯଦିଓ ସମ୍ଭବ ନୁହେଁ ତେବେବି ତାମ୍ରଲେଖ ଓ ଶିଳାଲେଖର ସମାନ୍ତରାଳ ଭାବରେ ଏହା ଚାଲି ଆସିଥିବା ବିଶ୍ୱାସ କରାଯାଇପାରେ । ଊନବିଂଶ ଶତାବ୍ଦୀର ଶେଷଯାଏ ଏହାହିଁ ଓଡ଼ିଆ ଜ୍ଞାନ ଓ ସାହିତ୍ୟ ସଂରକ୍ଷଣର ଏକମାତ୍ର ମାଧ୍ୟମ । ଇଉରୋପ ମୁଦ୍ରଣର ସୂତ୍ରପାତ ହୁଏ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ । ଓଡ଼ିଶାରେ ଛାପାଖାନା ଆରମ୍ଭ ହୁଏ ତାର ପ୍ରାୟ ଚାରିଶହ ବର୍ଷପରେ । ଏ ଇତିହାସ ସହ ବିଦ୍ୟାଳୟ, ନ୍ୟାୟାଳୟ, ସରକାରୀ କାର୍ଯ୍ୟାଳୟ ଖବରକାଗଜ, ପତ୍ରପତ୍ରିକା ଏବଂ ସର୍ବୋପରି ଗ୍ରନ୍ଥାଳୟର ଇତିହାସ ଜଡ଼ିତ । ଜ୍ଞାନର ସାମୂହିକ ବଣ୍ଟନ ପାଇଁ ମୁଦ୍ରଣଶିଳ୍ପ ହେଲା ପ୍ରଧାନ ବାହକ । ଏହା କେବଳ ଓଡ଼ିଶାରେ ନୁହେଁ, ଭାରତ ବର୍ଷ ଓ ବିଶ୍ୱର ସମସ୍ତଦେଶରେ ସମଭାବରେ ପ୍ରଯୁଜ୍ୟ ।

## ୩.୪ ଭାରତରେ ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା

ଗଣ ଯୋଗାଯୋଗ କ୍ଷେତ୍ରରେ ମୁଦ୍ରଣ ଯନ୍ତ୍ର ଏକ ବିପ୍ଳବ। ଜ୍ଞାନର ବିତରଣ ପାଇଁ ଓ ମୂଳବକ୍ତବ୍ୟକୁ ଅବିକଳ ଭାବରେ ଏକାଧିକ ପ୍ରତିଲିପି ସୃଷ୍ଟି କରି ଏକକାଳୀନ ପ୍ରଚାର ଓ ପ୍ରସାର କରିବାରେ ଏହାର ଭୂମିକା ଅନନ୍ୟ ସାଧାରଣ। ମୁଦ୍ରଣ ଶିଳ୍ପର ଇତିହାସକୁ ନିରୀକ୍ଷଣ କଲେ ଜଣାପଡ଼େ ଏହାର ବିକାଶ ସହ ଶିଳ୍ପ, ବାଣିଜ୍ୟ ଠାରୁ ଆରମ୍ଭ କରି ଶାସ୍ତ୍ର ଓ ସାହିତ୍ୟ ଯାଏଁ, ସମସ୍ତ ସାମାଜିକ ଓ ସାଂସ୍କୃତିକ ପ୍ରଗତି ଏହା ସହ ସଂପର୍କିତ। ବିଶ୍ୱ ବିଭିନ୍ନ ଦେଶରେ ଶତାବ୍ଦୀ ଶତାବ୍ଦୀ ଧରି ମୁଦ୍ରଣ ଶିଳ୍ପର କ୍ରମିକ ବିକାଶ ହୋଇ ଚାଲିଛି ଏବଂ ସମାଜ ଓ ସଂସ୍କୃତି କ୍ଷେତ୍ରରେ ତାହାର ପ୍ରଭାବ ଅନୁଭୂତ ହୋଇଛି।

ମୁଦ୍ରଣ ଶିଳ୍ପର ବିକାଶ ଏକାଧାରରେ ଦୀର୍ଘ ଓ ଜଟିଳ। ଜନମାନସର ରାଜନୀତିକ, ସାମାଜିକ ଚେତନା ସହ ଏହାର ଜଟିଳ ସଂପର୍କ ରହିଛି। କେବଳ ଜ୍ଞାନର ବିତରଣରେ ନୁହେଁ, ଜୀବନର ପ୍ରତିଟି କ୍ଷେତ୍ରରେ ଇଉରୋପର ନବଜାଗରଣ କାଳରେ ମୁଦ୍ରଣ ଶିଳ୍ପ ହିଁ ପ୍ରଧାନ ଭୂମିକା ଗ୍ରହଣ କରିଥିଲା। କେତେକ ଐତିହାସିକ ମନେକରନ୍ତି, ନବଜାଗରଣ କାଳରେ ମୁଦ୍ରଣ ଶିଳ୍ପ ହିଁ ଆଣିଥିଲା ଧର୍ମ, ଜ୍ଞାନ, ବିଜ୍ଞାନ, ରାଜନୀତି ଓ ସମାଜ ଜୀବନରେ ବିପୁଳ ପରିବର୍ତ୍ତନ।

କାଗଜର ଆବିଷ୍କାର ସହ ମୁଦ୍ରଣ ଯନ୍ତ୍ରର ଆବିଷ୍କାର ନିବିଡ଼ ସଂପର୍କିତ। ଚୀନ ଦେଶରେ ପ୍ରଥମେ କାଗଜର ଆବିଷ୍କାର ହୋଇଥିଲା ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ। ଲକ୍, ବାଉଁଶ, ପରି ଉପାଦାନମାନଙ୍କୁ ତ୍ୟାଗ କରି ପ୍ରଥମେ ଆଧୁନିକ କାଗଜର ପ୍ରସ୍ତୁତିପରେ ଏହା ଅଷ୍ଟମ ଶତାବ୍ଦୀ ବେଳେ ଚୀନ ଦେଶର ଯୁଦ୍ଧବନ୍ଦୀଙ୍କ ଠାରୁ ଆରବ ଦେଶମାନଙ୍କରେ ପ୍ରସାର ଲାଭ କଲା। ଇଉରୋପକୁ ତାହା ଗଲା ଦ୍ୱାଦଶ ବର ତ୍ରୟୋଦଶ ଶତାବ୍ଦୀବେଳକୁ। ଗୁଟେନବର୍ଗଙ୍କ ମୁଦ୍ରଣ ଯନ୍ତ୍ରର ଆବିଷ୍କାରର ବହୁ ଆଗରୁ ଚୀନଦେଶରେ କାଳି, ବ୍ଲକ ପ୍ରିଂଟି ଓ ବାରମ୍ବାର ବ୍ୟବହାର ଉପଯୋଗୀ ମାଟିର ଅକ୍ଷର ସାହାଯ୍ୟରେ ଛାପା ଆରମ୍ଭ ହୋଇଥିଲା। କିନ୍ତୁ ଚୀନ ଦେଶର ଲେଖନ ପଦ୍ଧତିରେ ଥିବା ଅଗଣିତ ଅକ୍ଷର ସଂଖ୍ୟା କାରଣରୁ ଏହାର ଏକ ପୂର୍ଣ୍ଣାଙ୍ଗ ସର୍ବଜନ ବିକାଶ ସମ୍ଭବ ହେଉ ନଥିଲା। ଚୀନରେ ପ୍ରଚଳିତ ମୁଦ୍ରଣ ଶିଳ୍ପ ଅନେକ ଦୃଷ୍ଟିରୁ ଥିଲା ସୀମିତ। କିନ୍ତୁ ଇଉରୋପର ସରଳରୈଖିକ ଅକ୍ଷର ବିନ୍ୟାସ, ଅଳ୍ପ ଅକ୍ଷର ସଂଖ୍ୟା ଏବଂ ମାନକ ଅକ୍ଷର ନିର୍ବାଚନରେ ତ୍ୱରିତତା ମୁଦ୍ରଣ ଯନ୍ତ୍ରକୁ ଅଧିକ ଲୋକପ୍ରିୟ କରାଇଲା।

ନବଜାଗରଣ କାଳରେ ଇଉରୋପରେ ଯେଉଁ ପରିବର୍ତ୍ତନ ଆସିଲା, ସେଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ସହଜ ଓ ସୁଲଭ ଲେଖନ ପଦ୍ଧତି। ଜୋହନେସ୍ ଗୁଟେନବର୍ଗ ଥିଲେ ଜଣେ ସ୍ୱର୍ଣ୍ଣକାର ଓ ବ୍ୟବସାୟୀ। ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଧାରକରଜ କରି ମୁଦ୍ରଣ ଶିଳ୍ପର ବ୍ୟବସାୟ ଆରମ୍ଭ କଲେ ଜର୍ମାନୀର ମେନଜ୍ ସହରରେ। ଇଉରୋପରେ ଦ୍ୱାଦଶ ଶତାବ୍ଦୀର ପରକାଳରୁ ପଶୁ ଚମଡ଼ା ଓ ପର୍ଚମେଣ୍ଟର ସ୍ଥାନ ଗ୍ରହଣ କରିଥିଲା; ଚୀନ ଦେଶରୁ ଆସିଥିବା ନୂତନ ଉପାୟରେ ତିଆରି ହେଉଥିବା କାଗଜ। ଧର୍ମ ଓ ସରକାରୀ ଶାସନ ବ୍ୟବସ୍ଥାରେ ବ୍ୟବହୃତ ପ୍ରତିଲିପି ପ୍ରସ୍ତୁତିରେ କାଗଜର ବ୍ୟବହାର ଆରମ୍ଭ ହୋଇସାରିଥିଲା। ଇଉରୋପର ସହରମାନଙ୍କରେ scriptoria ବା ଲେଖନଶାଳାମାନ ଗଢ଼ିଉଠିଥିଲା ମୂଲ୍ୟବାନ ଦଲିଲ, ଧର୍ମଶାସ୍ତ୍ର, ନକ୍ସା ଓ ଆଇନକାନୁନ ସଂପର୍କୀୟ ପୁସ୍ତକମାନଙ୍କର ପ୍ରତିଲିପି ସୃଷ୍ଟି କରିବା ପାଇଁ। ଗୁନେଟବର୍ଗ ଏହାକୁ ଏକ ସୁଅବସର ମନେ କରି ଧାତବ ଅକ୍ଷର ନିର୍ମାଣ କରି ଇଉରୋପରେ ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା କଲେ। ପ୍ରଥମ ପର୍ଯ୍ୟାୟରେ ଅକ୍ଷରମାନଙ୍କର

ଆକୃତି, ଉଚ୍ଚତା ଏବଂ ଦୈର୍ଘ୍ୟକୁ ନେଇ କେତେକ ସମସ୍ୟା ଦେଖା ଦେଇଥିଲେ ହେଁ, ଦୃଷ୍ଟି ସୁଖକର ବିନ୍ୟାସ ଓ ଅକ୍ଷରମାନଙ୍କ ମାନକୀକରଣରେ ସୌନ୍ଦର୍ଯ୍ୟତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଗୁଟେନବର୍ଗ ଗ୍ରହଣ କଲେ। ଫଳରେ ସୁଦୃଶ୍ୟ ପୁସ୍ତକସବୁ ଲାଟିନ୍ ଭାଷାରେ ପ୍ରଥମେ ପ୍ରକାଶ ପାଇଲା। ସେ ପ୍ରଥମେ ଲାଟିନ୍ ବାଇବେଲକୁ ଦୁଇ ଭାଗରେ ପ୍ରକାଶ କଲେ। ଏହାର ପ୍ରତ୍ୟେକ ଭାଗ ୩୦ Florins ରେ ବିକ୍ରି ହେଲା ଯାହାଥିଲା ପ୍ରାୟ ତିନିବର୍ଷ ଧରି ପ୍ରତିଲିପି ପ୍ରସ୍ତୁତକାରୀର ମଜୁରୀର ମୂଲ୍ୟ ସହ ସମାନ। ପ୍ରଥମେ ସେ ତିନି ଶହଟି ପ୍ରତିଲିପି ପ୍ରସ୍ତୁତ କରିଥିଲେ କିନ୍ତୁ ସମୟକ୍ରମେ ବ୍ୟବସାୟ ପ୍ରତିଷ୍ଠାନକୁ ଗୁଟେନବର୍ଗ ପରିଚାଳନା କରିପାରିଲେ ନାହିଁ। ଫଳରେ ତାଙ୍କର ଏହି ମୁଦ୍ରଣ କୌଶଳ ସାର୍ବଜନୀନ ହେଲା ଏବଂ ଋଣଦାତାମାନଙ୍କ ହାତକୁ ତାହାର ସତ୍ତ୍ୱ ଚାଲିଆସିଲା। ପରେ ଧର୍ମଯାଜକମାନେ ମୁଦ୍ରଣଶିଳ୍ପର ସାହାଯ୍ୟରେ ଧର୍ମସଂପର୍କୀୟ ପାଠ୍ୟମାନଙ୍କର ପ୍ରକାଶନ କଲେ। ମାର୍ଟିନ୍ ଲୁଥର କିଙ୍ଗ୍‌ଙ୍କ ବିଭିନ୍ନ ବାଣୀ, ବାଇବେଲର ବିଭିନ୍ନ ସୁସମାଚାର ପ୍ରଚାରରେ ସେକାଳରେ ମୁଦ୍ରଣଶିଳ୍ପ ହେଲା ଏକ ପ୍ରଧାନ ଆୟୁଧ।

୧୪୭୬ ମସିହାରେ ଉଇଲିୟମ କକସ୍‌ଟନ ପ୍ରଥମ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା କଲେ ଇଂଲଣ୍ଡରେ। କକସ୍‌ଟନ ଥିଲେ ଜଣେ ଅନୁବାଦକ। ମୁଦ୍ରଣଯନ୍ତ୍ର ମାଧ୍ୟମରେ ଜନପ୍ରିୟ ସାହିତ୍ୟର ପ୍ରଚାର ପାଇଁ ତାଙ୍କର ଥିଲା ଅସୀମ ଆଗ୍ରହ। ଚରସଙ୍କ The Centerbury Tales ସଂପାଦନା କରି ବାକ୍ୟବିନ୍ୟାସ, ବନାନ୍ ପଦ୍ଧତି ଏବଂ ଇଂରାଜୀ ଭାଷାର ବ୍ୟବହାର ସଂପର୍କରେ ସେ ଏକ ମାନକ ନିର୍ଦ୍ଧାରଣ କଲେ। ସେ ଅନୁଭବ କଲେ ଯେ, ମୌଖିକ ଭାଷା ସବୁ ବେଳେ ଆଂଚଳିକ ଓ ସାମାଜିକ ବିବିଧତାରେ ପୂର୍ଣ୍ଣ। ଯେତେବେଳ ଯାଏଁ ସୀମିତ ପ୍ରତିଲିପି ପ୍ରସ୍ତୁତ ହେଉଥିଲା ଭିନ୍ନ ଭିନ୍ନ ସମୟରେ ଓ ଭିନ୍ନ ଭିନ୍ନ ସ୍ଥାନରେ ତାହା ଆଦୌ ସମସ୍ୟା ନ ଥିଲା। କିନ୍ତୁ ମୁଦ୍ରଣଯନ୍ତ୍ରର ଆବିଷ୍କାର ପରେ ଏ ସମସ୍ୟାର ସମାଧାନ ଏକାନ୍ତ ଆବଶ୍ୟକ। ଅକ୍ଷର ଓ ଭାଷାର ମାନକୀକରଣରେ ନିଜ ଅଜାଣତରେ ମୁଦ୍ରାଯନ୍ତ୍ରର ସଂପାଦକ ଓ ପରିଚାଳକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। ଏହା ଇଂରାଜୀ ଭାଷା କ୍ଷେତ୍ରରେ ଯେମିତି ସତ୍ୟ, ସେମିତି ସତ୍ୟ ସମସ୍ତ ଭାଷାର ବିକାଶ କ୍ଷେତ୍ରରେ। କୌଣସି ଭାଷାର ପାଠ୍ୟ ଯେତେବେଳେ ମୁଦ୍ରିତ ହୁଏ, ଏବଂ ଏକାଧିକ ପ୍ରତିଲିପି ସମକାଳରେ ବିତରିତ ହୁଏ, ତାହା ଆଉ ପ୍ରକ୍ଷେପ ବା ପରିବର୍ତ୍ତନର ସମ୍ଭାବନାରୁ ମୁକ୍ତ ହୁଏ। ତାଳପତ୍ର, ବସ୍ତ୍ର କିମ୍ବା ଅନ୍ୟାନ୍ୟ ଉପାଦାନମାନଙ୍କରେ ପ୍ରତିଲିପି ତିଆରି କଲାବେଳେ ଲେଖକକାରମାନେ ଯେତେ ମୁକ୍ତ ଓ ସ୍ୱାଧୀନ ଥିଲେ, ନିଜ ଭଙ୍ଗୀ ଓ ଭାଷାକୁ ବ୍ୟବହାର କରିବା ପାଇଁ ମୁଦ୍ରଣଯନ୍ତ୍ର ଉଦ୍ଭାବନ ପରେ ପରେ ଭାଷାର ଏ ସମସ୍ତ ବିଭବ ସ୍ଥିର ହେବା ଆରମ୍ଭକଲା।

ଭାରତରେ ମୁଦ୍ରଣଯନ୍ତ୍ରର ଇତିହାସ ଲକ୍ଷ୍ୟକଲେ ଜଣାଯାଏ ଭାରତକୁ ମୁଦ୍ରଣଯନ୍ତ୍ର ଆସିଥିଲା ଇଉରୋପରୁ ୧୫୫୬ ମସିହାରେ। ଏହା ଥିଲା ଏକ ସୁନ୍ଦର ଦୁର୍ଘଟଣା। ସେଣ୍ଟ ଫ୍ରାନସିସ୍ ଜେଭିଅରଙ୍କ ଏକ ଚିଠିରୁ ଜଣାପଡେ, ତାଙ୍କ ଇଚ୍ଛା ଥିଲା ଯୀଶୁଖ୍ରୀଷ୍ଟଙ୍କ ଜୀବନ କଥା ଓ ଜୀବନ ବାଣୀ ଜାପାନିଜ ଭାଷାରେ ପ୍ରକାଶିତ ହେଉ। ଗୋଆ ପାଇଁ କିନ୍ତୁ ସେମିତି କିଛି ଇଚ୍ଛା ନ ଥିଲା। ଜାହାଜରେ ଆବିସିନିଆ ଗଲାବାଟରେ ହିଁ ମୁଦ୍ରଣଯନ୍ତ୍ରଟି ଗୋଆଠାରେ ରହି ଯାଇଥିଲା ୧୫୫୬ ମସିହା ସେପ୍ଟେମ୍ବର ମାସ ୬ ତାରିଖ ବେଳକୁ। ଫାଦର ଜୋନ୍‌ସ ଡେ ବେଇରାଙ୍କ ଅନ୍ୟ ଏକ ଚିଠିରୁ ଜଣାପଡେ ଗୋଆରେ ପ୍ରତିଷ୍ଠିତ ହାଉସ୍ ଅଫ୍ ହୋଲି ଫେଥ୍ କଲେଜରେ ପ୍ରାୟ ଷାଠିଏ ଜଣ ତରୁଣ ବିଭିନ୍ନ ଭାଷାଭାଷୀ ଓ ବିଭିନ୍ନ ଜାତୀୟତାର ଛାତ୍ର ସେତେବେଳେ ଅଧ୍ୟୟନ କରୁଥିଲେ। ସ୍ପେନର

ଜୋଆଓ ଗୋନସାଲଭେ ବୁଷ୍ଟାମେଣ୍ଟେଙ୍କ ସହ ମିଶି ପ୍ରଥମେ ଭାରତୀୟ ଅକ୍ଷର ନିର୍ମାଣ କରିଥିଲେ। ଏହି ଅକ୍ଷରଗୁଡ଼ିକ ମାଲାଓ୍ୱାର ଲିପିର ଥିଲା ଓ ୧୫୭୮ ଖ୍ରୀଷ୍ଟାବ୍ଦରେ ଗୋଆରେ ପ୍ରଥମ ପୁସ୍ତକ ଡୌଟ୍ରିନା କ୍ରିଷ୍ଟା ଏଇ ମୁଦ୍ରଣଯନ୍ତ୍ରରୁ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ କାଳରେ ବିଭିନ୍ନ କାରଣରୁ ଭାରତୀୟ ଭାଷାରେ ପୁସ୍ତକ ଆଉ ମୁଦ୍ରିତ ହୋଇ ନଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଗୋଆର ଏଇ ଛାପାଖାନାରୁ ୧୬ଟି ପୁସ୍ତକ ପ୍ରକାଶିତ ହୋଇଥିବା ଜଣାପଡ଼େ। ୧୬୭୪ ଖ୍ରୀଷ୍ଟାବ୍ଦ ପରେ ଏଇ ଛାପାଖାନାରୁ ଆଉ କୌଣସି ପୁସ୍ତକ ୧୮୨୧ ପର୍ଯ୍ୟନ୍ତ ପ୍ରକାଶିତ ହୋଇନଥିଲା। ଦେବନାଗରୀ ଅକ୍ଷର ବମ୍ବେରୁ କିଣିବା ପରେ ୧୮୫୩ ମସିହାରେ ହିଁ ଛାପାକାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। ଗୋଆରେ ଯଦିଓ ଭାରତର ପ୍ରଥମ ମୁଦ୍ରଣ ଯନ୍ତ୍ର ସ୍ଥାପିତ ହୋଇଥିଲା ଭାରତୀୟ ଭାଷା ଓ ସାହିତ୍ୟର ବିକାଶରେ ତାହା କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିନଥିଲା।

ବମ୍ବେରେ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ହେଲା ୧୬୭୪ ଖ୍ରୀଷ୍ଟାବ୍ଦରେ। କିନ୍ତୁ ଭୀମାଜୀ ପରେଖ ନାମକ ଜଣେ ଗୁଜରାଟର ବ୍ୟବସାୟୀ ମରାଠୀ, ପର୍ତ୍ତୁଗୀଜ, ଫରାସୀ ଓ ଇଂରାଜୀ ଭାଷାରେ ମୁଦ୍ରଣ କରିବା ପାଇଁ ଏହା ଆରମ୍ଭ କରିଥିଲେ। କିନ୍ତୁ ଗୁଜୁରାଟୀ ଭାଷାରେ ଅକ୍ଷର ନିର୍ମାଣ ପଦ୍ଧତିରେ ଅସୁବିଧା ହେତୁ ଏହାର ପରିଚାଳନା କଷ୍ଟକର ହୋଇପଡିଲା। ଇଂଲଣ୍ଡରୁ ଅକ୍ଷର ନିର୍ମାଣ ପାଇଁ କେତେଜଣ କାରିଗରଙ୍କ ଆଣିବା ପରେ ହିଁ ଏହା ସଫଳ ହୋଇପାରିଥିଲା।

ଡେନିସ ମିଶନାରୀମାନଙ୍କ ସାହାଯ୍ୟରେ ମାଡ୍ରାସରେ ମୁଦ୍ରଣଯନ୍ତ୍ରର ଆରମ୍ଭ ହୋଇଥିଲା ୧୭୧୪ ଖ୍ରୀଷ୍ଟାବ୍ଦରେ। ଏହା ଥିଲା ଭାରତର ତୃତୀୟ ମୁଦ୍ରଣ ଯନ୍ତ୍ର। ପର୍ତ୍ତୁଗୀଜମାନଙ୍କ ପ୍ରଭାବ ସମଗ୍ର ଦକ୍ଷିଣ ଭାରତରେ ଅନୁଭୂତ ହେଲାବେଳେ ଡେନ୍‌ମାର୍କର ମିଶନାରୀମାନେ ପର୍ତ୍ତୁଗୀଜ ଭାଷା ଶିଖିବା ପାଇଁ ଆଗ୍ରହ ପ୍ରକାଶ କଲେ। ପର୍ତ୍ତୁଗୀଜ ଜାଣିଥିବା ଭାରତୀୟ ପଣ୍ଡିତମାନଙ୍କ ସାହାଯ୍ୟରେ ଭାରତର ଜନସାଧାରଣଙ୍କ ମାନସିକତା, ଚାଲିଚଳନ ସଂପର୍କରେ ଜାଣିବା ପାଇଁ ଚେଷ୍ଟା କଲେ। ମାଲଓ୍ୱାରର ଭାଷା ଓ ପର୍ତ୍ତୁଗୀଜ ଭାଷାରେ ଖ୍ରୀଷ୍ଟୀୟ ସାହିତ୍ୟ ରଚନା ଓ ପ୍ରକାଶ ପାଇଁ ଏକ ମୁଦ୍ରଣଯନ୍ତ୍ରର ଆବଶ୍ୟକତା ଅନୁଭବକରି ଡେନମାର୍କର ରାଜକୁମାରଙ୍କୁ ପତ୍ର ଲେଖିଲେ। ୧୭୧୧ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗୀଜ ଭାଷାର କିଛି ବାଇବେଲ, ଗୋଟିଏ ମୁଦ୍ରଣ ଯନ୍ତ୍ର, ଆବଶ୍ୟକୀୟ ଉପାଦାନ ଓ ମୁଦ୍ରଣ ଜାଣିଥିବା ବ୍ୟକ୍ତିଙ୍କୁ ନେଇ ଏକ ଜାହାଜ ଭାରତଭୂମିକୁ ଯାତ୍ରା କଲା। ଦୁର୍ଭାଗ୍ୟକୁ ଫରାସୀ ନାବିକମାନଙ୍କ ଦ୍ୱାରା ଜାହାଜଟି ବ୍ରାଜିଲ ପାଖରେ ଅଟକ ହୋଇ ଅନେକ ଦିନ ରହିଲା ଏବଂ କିଛି ଦିନ ପରେ ଜାହାଜରେ ଥିବା Jones Finck ନାମକ ମୁଦ୍ରଣ ଜାଣିଥିବା ବ୍ୟକ୍ତିଟି ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କଲା। ଜାହାଜଟି ଭାରତରେ ପହଞ୍ଚିଲା ୧୭୧୨ ମସିହାରେ, ଶହେ ରିମ କାଗଜ ଓ ଦୁଇ ଶହ ତେରଖଣ୍ଡ ପର୍ତ୍ତୁଗୀଜ ଭାଷାର ନୂତନ ଟେଷ୍ଟାମେଣ୍ଟ ଓ ମୁଦ୍ରଣଯନ୍ତ୍ର ନେଇ। ଜଣେ ଜର୍ମାନ ନାଗରିକଙ୍କ ସାହାଯ୍ୟରେ ମାଡ୍ରାସରେ ମୁଦ୍ରଣ ଯନ୍ତ୍ରଟି ଛାପାକାର୍ଯ୍ୟ ଆରମ୍ଭ ହେଲା ପର୍ତ୍ତୁଗୀଜ ଭାଷାରେ। ୧୭୧୩ ମସିହା ଡିସେମ୍ବର ବେଳକୁ ମାଲଓ୍ୱାର ଭାଷାରେ ଅକ୍ଷର ନିର୍ମାଣ ହୋଇ ସାରିଥିଲା ଏବଂ ଖ୍ରୀଷ୍ଟଧର୍ମ ସଂପର୍କୀୟ ବତିଶଟି କ୍ଷୁଦ୍ରପୁସ୍ତକ ପ୍ରକାଶିତ ହୋଇସାରିଥିଲା। ଫୋର୍ଟ ସେଣ୍ଟ ଜର୍ଜ କଲେଜ ଦ୍ୱାରା ସ୍ଥାପିତ ମୁଦ୍ରଣ ଯନ୍ତ୍ର ସାହାଯ୍ୟରେ କର୍ଣ୍ଣଡ ଓ ତେଲୁଗୁ ଭାଷାର ପୁସ୍ତକ ପ୍ରକାଶିତ ହୋଇ ପରବର୍ତ୍ତୀ କାଳରେ ଦକ୍ଷିଣ ଭାରତରେ ମୁଦ୍ରଣ ଯନ୍ତ୍ରର ପ୍ରସାର ଘଟିଥିଲା।

କଲିକତାରେ ମୁଦ୍ରଣଶିଳ୍ପର ବିକାଶ ଘଟିଥିଲା ରାଜନୀତିକ କାରଣରୁ। ଇଷ୍ଟ ଇଣ୍ଡିଆ କଂପାନୀର ଜଣେ ପ୍ରଶାସକ Nathaniel Brassey Halhed (୧୭୮୧-୧୮୩୦)ଙ୍କ ଦ୍ୱାରା ରଚିତ Grammar of Bengali Language ପ୍ରକାଶିତ ହୁଏ ୧୭୭୮ ଖ୍ରୀଷ୍ଟାବ୍ଦରେ। ଏହା ପ୍ରକାଶିତ ହୋଇଥିଲା ହୁଗଲୀରେ ଥିବା ଛାପାଖାନାରୁ ।୧୭୭୨ ମସିହା ପରେ ଇଷ୍ଟ ଇଣ୍ଡିଆ କଂପାନୀ ବଂଗ ଦେଶର ଶାସନ ଭାର ଗ୍ରହଣ କରେ। ପ୍ରଶାସନର ସୁବିଧା ପାଇଁ ଜନସାଧାରଣଙ୍କ ଭାଷା ଓ ଜୀବନଶୈଳୀ ସଂପର୍କରେ ନିବିଡ଼ ଭାବରେ ଜାଣିବା ପାଇଁ ପ୍ରଚେଷ୍ଟା ଆରମ୍ଭ ହୁଏ। ଓ୍ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କ ପ୍ରେରଣାରେ ହାଲହେଡ ସାହେବ ବଂଗୀୟ ଭାଷାର ବ୍ୟାକରଣ ରଚନା କରନ୍ତି। ଏହାର ବଂଗଳା ଅକ୍ଷର ନିର୍ମାଣ କରିଥିଲେ Sir Charles Wilkins । ହାଲହେଡଙ୍କ ବ୍ୟାକରଣରୁ ଜଣାପଡ଼େ ଉଇଲକିନସ୍‌ଙ୍କ ପ୍ରଗାଢ଼ ପରିଶ୍ରମ ଓ ଆନ୍ତରିକ ପ୍ରଚେଷ୍ଟା ଫଳରେ କେବଳ ବଂଗଳା ନୁହେଁ, ଦେବନାଗରୀ ଅକ୍ଷରର ମୂଳରୂପ ସବୁ ନିର୍ମିତ ହେଲା। ବଂଗଳାର ପଞ୍ଚାନନ କର୍ମକାରଙ୍କୁ ପ୍ରଶିକ୍ଷଣ ଦେଇ ପରବର୍ତ୍ତୀ କାଳରେ ବଂଗଳା ଓ ଦେବନାଗରୀ ଭାଷାର ନୂତନ ନୂତନ ଅକ୍ଷର ନିର୍ମାଣରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଇଲକିନସ ଥିଲେ ପ୍ରଥମ ଇଂରେଜ ପ୍ରଶାସକ, ଯିଏ ଭଗବତ୍ ଗୀତା, ହିତୋପଦେଶ ଓ ଅଭିଜ୍ଞାନ ଶାକୁନ୍ତଳଂକୁ ଇଂରାଜୀ ଅନୁବାଦ କରିଥିଲେ। ଦେବନାଗରୀ ଅକ୍ଷର ପ୍ରଣାଳୀରେ ଥିବା ସାତଶହରୁ ଅଧିକ ଯୁକ୍ତାକ୍ଷରକୁ ନେଇ ଏକ ମୁଦ୍ରଣଶିଳ୍ପ ଉପଯୋଗୀ ଅକ୍ଷର ବ୍ୟବସ୍ଥା ପ୍ରସ୍ତୁତ କରିବା ଥିଲା ଏକ କଠିଣ କର୍ମ। ଉଇଲକିନସ୍ ଓ ତାଙ୍କ ପ୍ରଶିକ୍ଷିତ ପଞ୍ଚାନନ କର୍ମକାର କଠିଣ ପରିଶ୍ରମ ଦ୍ୱାରା ସମସ୍ତ ଯୁକ୍ତାକ୍ଷରକୁ ଦୁଇଶହରେ ସୀମିତ କରି ଦେବନାଗରୀ ମୁଦ୍ରଣ ଅକ୍ଷରର ଆରମ୍ଭ କରିଥିଲେ। ତାଙ୍କର ଅନୁଭୂତି ସଂପର୍କରେ ସେ A Grammar of Sanskrit Language ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି :- I cut letters in steel, made matrics and moulds and cast from then a fount of types of the Devanagari characters all with my own hands and with the assistance of such machanics as a country village could afford, I speedily prepared all the other implements of the printing in my own dwelling house, for by the second of may of the same year, I had taken proofs of sixteen pages, differeing but little from those now exhibited in the first two sheets.” (Priolkar A.K. page 1958:P-54)

ଭାରତରେ ମୁଦ୍ରଣଶିଳ୍ପର ବିଶେଷକରି ଏହାର ଅକ୍ଷର ବିନ୍ୟାସ ଓ ଅକ୍ଷରମାନଙ୍କର ଯୋଗହେଉଥିବା ମାତ୍ରା, ଫଳା, ଯୁକ୍ତାକ୍ଷର ଇଉରୋପୀୟ ପଣ୍ଡିତମାନଙ୍କୁ ଅନେକ ଅସୁବିଧାରେ ପକାଇଛି। ଅକ୍ଷର ଓ ଯୁକ୍ତାକ୍ଷର ସଂଖ୍ୟା, ପୁଣି ଗୋଟିଏ ଭାଷା ଅଂଚଳରେ ମଧ୍ୟ ଭିନ୍ନ ଭିନ୍ନ ଲେଖନ ବ୍ୟବସ୍ଥା ସେମାନଙ୍କୁ ଚକିତ କରିଛି। ଧର୍ମ ପ୍ରଚାର ଓ ପ୍ରଶାସନିକ ସୁବିଧାପାଇଁ ମୁଦ୍ରାଯନ୍ତ୍ର ଯେତେବେଳେ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି, ସେତେବେଳେ ସମୟକ୍ରମେ ଆଂଚଳିକ ଭାଷାମାନଙ୍କୁ ବୁଝି ପ୍ରାଚୀନ ଲେଖନ ପଦ୍ଧତିର ସହାୟତାରେ ଏକ ଅକ୍ଷର ପଦ୍ଧତି ଉଦ୍ଭାବନ କରି ଭାରତର ବିଭିନ୍ନ ଅଂଚଳରେ ମୁଦ୍ରଣ ଶିଳ୍ପର ପ୍ରଚାର ପ୍ରସାର ଘଟିଛି। ଭାରତର ଏହି ଆଧୁନିକ ଲେଖନ ବ୍ୟବସ୍ଥାର ମାନକୀକରଣ ବେଳେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି ଇଂରେଜ ପ୍ରଶାସକ ଓ ଖ୍ରୀଷ୍ଟିୟାନ ମିଶ୍‌ନାରୀ ଧର୍ମଯାଜକମାନେ। ଭାରତୀୟ ଲିପି ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ କରିବା ସହ ବିରାମ ଚିହ୍ନ, ପୂର୍ଣ୍ଣଚ୍ଛେଦ, ସମ୍ବୋଧନ ଚିହ୍ନ ପରି ବିଭିନ୍ନ ଭାବ ଓ ଉଦ୍ଦେଶ୍ୟ ପ୍ରକାଶକ ଇଂରାଜୀ ଅନୁରୂପ ଚିହ୍ନସବୁ ଭାରତୀୟ ଭାଷାମାନଙ୍କରେ ଏମାନେ ହିଁ ପ୍ରୟୋଗ ଓ ପ୍ରତିଷ୍ଠିତ କରିଛନ୍ତି।

## ୩.୫ ଓଡ଼ିଶାରେ ମୁଦ୍ରଣଯନ୍ତ୍ରର ପ୍ରସାର

ଭାରତର ଅନ୍ୟ ଭାଷା ଭଳି, ଓଡ଼ିଆରେ ମଧ୍ୟ ମୁଦ୍ରଣ ଶିଳ୍ପ ଖ୍ରୀଷ୍ଟିୟାନ ମିଶନାରୀମାନଙ୍କ ଦ୍ୱାରା ପ୍ରଥମେ ଆରମ୍ଭ ହୋଇଥିଲା । ଇଷ୍ଟ ଇଣ୍ଡିଆ କଂପାନୀର ପରିଚାଳକମାନେ ଆପଣାର ଅଧିକୃତ ଅଂଚଳରେ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ବିଶେଷ ଆଗ୍ରହୀ ନଥିଲେ । ସେମାନଙ୍କର ମୂଳଲକ୍ଷ୍ୟ ଥିଲା ବ୍ୟବସାୟ ଏବଂ ବ୍ୟବସାୟ ମାଧ୍ୟମରେ ରାଜ୍ୟ ଅଧିକାର । ଜନସାଧାରଣଙ୍କ ଧର୍ମୀୟ ବିଶ୍ୱାସକୁ ଆହତ କରି ସେମାନଙ୍କ ମଧ୍ୟରେ ସଂଦେହ ଓ ଅବିଶ୍ୱାସ ସୃଷ୍ଟିକରିବା ଇଷ୍ଟ ଇଣ୍ଡିଆ କଂପାନୀର ଆଦୌ ଲକ୍ଷ୍ୟ ନଥିଲା । ଇଉରୋପର ବିଭିନ୍ନ ଦେଶରୁ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇଁ ଯେଉଁ ଖ୍ରୀଷ୍ଟିଆନ ମିଶନାରୀ ସବୁ ତତ୍‌କାଳୀନ ଭାରତରେ ସକ୍ରିୟ ଥିଲେ, ସେମାନେ ଅତି ଉଗ୍ରଭାବରେ ହିନ୍ଦୁଧର୍ମ ଓ ପ୍ରତିମା ପୂଜା ବିରୁଦ୍ଧରେ ପୁସ୍ତିକା ଓ ପ୍ରଚାର ପ୍ରସାର ମାଧ୍ୟମରେ ଧର୍ମପ୍ରଚାର କରୁଥିଲେ । ସେମାନଙ୍କର ଏହି ଉଦ୍ଦେଶ୍ୟ ପରିପୂରଣ ପାଇଁ ଅଧିକ ଆବଶ୍ୟକ ଥିଲା ଛାପାଖାନା ।

ଓଡ଼ିଆରେ ପ୍ରଥମ ଛାପାଖାନାରେ ପ୍ରକାଶିତ ପୁସ୍ତକ ପ୍ରକାଶିତ ହୋଇଥିଲା କଲିକତା ନିକଟବର୍ତ୍ତୀ ଶ୍ରୀରାମପୁରରୁ । ମେଦିନୀପୁର ଅଧିବାସୀ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସହାୟତାରେ କେରୀ ସାହେବଙ୍କ ଦ୍ୱାରା ଏହା ପ୍ରଥମ ମୁଦ୍ରିତ ହୋଇଥିଲା ୧୮୦୭ ମସିହାରେ । ଶ୍ରୀରାମପୁରର ପ୍ରେସର ଭୂମିକା, ଏହାର ଅକ୍ଷର ନିର୍ମାଣ ପଦ୍ଧତି ଓ ଆଧୁନିକ ଓଡ଼ିଆ ବନାନ ପଦ୍ଧତିର ବିକାଶ ସଂପର୍କରେ ଆମେ ପରବର୍ତ୍ତୀ ଏକକରେ ଆଲୋଚନା କରିବା । କେବଳ ଆଲୋଚନାର ସୁବିଧା ଦୃଷ୍ଟିରୁ ଆମେ ଓଡ଼ିଶାରେ ଓଡ଼ିଆ ମୁଦ୍ରଣଯନ୍ତ୍ର ସଂପର୍କରେ ହିଁ ଏହି ଏକକର ଆଲୋଚନା କରାଯିବ । ଆପଣମାନଙ୍କ ଉତ୍କଣ୍ଠା ଓ ଆଗ୍ରହର ପରିପୂରଣ ପାଇଁ ପ୍ରଥମ ପୁସ୍ତକର ପ୍ରଥମ ପୃଷ୍ଠାର ପ୍ରତିଲିପି (ଚିତ୍ର-୧) ଏଠାରେ ପ୍ରଦତ୍ତ ହେଲା । ଉଲ୍ଲେଖଯୋଗ୍ୟଯେ, ଯଦିଓ ୧୮୦୭ ମସିହାରେ ପ୍ରକାଶିତ ହୋଇଛି ବୋଲି ଏଠାରେ ଲେଖାଯାଇଛି, ତାହା ବାସ୍ତବିକ ୧୮୦୯ ମସିହାରେ ହିଁ ପ୍ରକାଶିତ ହୋଇଥିଲା ବୋଲି ଅନ୍ୟାନ୍ୟ ପ୍ରମାଣ ମିଳେ ।

ଓଡ଼ିଶାରେ ଖ୍ରୀଷ୍ଟଧର୍ମର ପ୍ରଚାର ପାଇଁ ଅଧିକରୁ ଅଧିକ ବହି ଏବଂ ଟାକ୍ଟ ଆବଶ୍ୟକ ହେବାରୁ ତିନିଶହ ମାଇଲ ଦୂରରେ ଥିବା ଶ୍ରୀରାମପୁର ପ୍ରେସ୍ ଦ୍ୱାରା ଏହା ଆଉ ସମ୍ଭବ ହେଲାନାହିଁ । ଜେନେରାଲ ବାପ୍ଟିଷ୍ଟ ମିଶନାରୀ ସୋସାଇଟିର କମିଟୀ ଆଗରେ ଲେସି ସାହେବ ପ୍ରସ୍ତାବ ରଖିଲେ ଯେ, ଓଡ଼ିଶାରେ ଏକ ମିଶନାରୀ ପ୍ରେସ ସ୍ଥାପିତ ହେବା ଉଚିତ୍ । କମିଟୀର ବିବରଣୀରେ ଲେଖାହୋଇଅଛି : "Agreed that, it is desirable to establish a printing press at Cuttack, to be placed under his (i.e. Suttons) direction. If it can be managed by native workman, that Bros, Lacey and Sutton be empowered to take the necessary steps, the press being sent from this country." (Shaw. G.W Page-35) ଲେସିଙ୍କ ସହିତ ପ୍ରେସଟି ଆସି ପହଞ୍ଚିଲା ୧ ମାର୍ଚ୍ଚ ୧୮୩୮ ମସିହାରେ । ଲେସି ଲେଖିଛନ୍ତି ଯେ ପ୍ରେସଟିକୁ ଦେଖିବା ପାଇଁ ଶହ ଶହ ଲୋକ ସେଦିନ ଜମା ହୋଇଥିଲେ । କଟକ ମିଶନ ସ୍କୁଲର ପୁରୁଣା ଘରେ ପ୍ରେସଟି ସ୍ଥାପିତ ହୋଇଥିଲା ଏବଂ ସଟନ ଓ ଲେସିଙ୍କ ଅନୁମାନରୁ ଅଧିକ ସଫଳ ଓ ସକ୍ଷମ ଭାବରେ କାର୍ଯ୍ୟକରିଥିଲା । ରଥଯାତ୍ରା ଆଗକୁ ଥିବାରୁ ଖୁବ ତରତର ଭାବରେ The wonderful Advantages of a Pilgrimage to Jagarnath (ଶ୍ରୀ ଶ୍ରୀ ଗୁଣ୍ଡିଚାଯାତ୍ରାର ମହାଶ୍ଚର୍ଯ୍ୟଫଳ) ନାମକ ଏକ ବାରପୃଷ୍ଠାର ଟାକ୍ଟସ୍ ପ୍ରସ୍ତୁତ ହୋଇଥିଲା । ଏହା ଥିଲା

ଓଡ଼ିଶାରେ ପ୍ରକାଶିତ ପ୍ରଥମ ଛାପାବହି। ପାଞ୍ଚହଜାର ଖଣ୍ଡ ଏହି ଛାପାବହି  ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ସାତଜଣ ମିଶନାରୀଙ୍କ ଦ୍ୱାରା ବଣ୍ଟାଯାଇଥିଲା। ଏହାର ଛାପା ଏବଂ ଅନ୍ୟାନ୍ୟ କର୍ମକୁ ସେ କାଳରେ ଶ୍ରୀରାମପୁରରୁ ପ୍ରକାଶ ପାଉଥିବା The Friend of India ପତ୍ରିକାରେ ପ୍ରଶଂସା କରାଯାଇଥିଲା। ବ୍ରିଟିଶ ମ୍ୟୁଜିୟମରେ ୧୮୩୮ ମସିହାରେ ମିଶନାରୀ ପ୍ରେସ କଟକରୁ ପ୍ରକାଶିତ ଅନ୍ୟ ଚାରୋଟି କ୍ଷୁଦ୍ରପୁସ୍ତିକା ଏବେ ଉପଲବ୍ଧ। ସେଗୁଡ଼ିକ ହେଲା, ସାନ ହେନରୀ ଓ ତାହାର ବେହେରାର ବୃତ୍ତାନ୍ତ, ଈଶ୍ୱର ଆତ୍ମସ୍ୱରୂପ, ପିତାମ୍ବର ସିଂହର ଚରିତ୍ର, ଧର୍ମ ବିଷୟରେ କଥାବାର୍ତ୍ତା ପ୍ରଥମ ଭାଗ। ପରବର୍ତ୍ତୀ ତୃତୀୟ ଏକକରେ ଖ୍ରୀଷ୍ଟିୟ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଏହି ବହିଗୁଡ଼ିକର ଭାଷା ଓ ସାହିତ୍ୟିକ ମୂଲ୍ୟ ବିଚାର କରିବା। ତାସହ ଆଲୋଚନା କରିବା ଓଡ଼ିଆ ଲେଖନର ପଦ୍ଧତିର ବିକାଶରେ ଏହାର ଭୂମିକା। (ଚିତ୍ର-୨ଈଶ୍ୱର ଆତ୍ମା ସ୍ୱରୂପ ପୁସ୍ତକ ପ୍ରତିଲିପି ପ୍ରଦତ୍ତ ହୋଇଅଛି।)

ଓଡ଼ିଶାରେ ମିଶନ ପ୍ରେସ, କଟକ ଥିଲା ଓଡ଼ିଶାରେ ପ୍ରଥମ ଛାପାଖାନ। ଏହାର ପରିଚାଳକ ଥିଲେ ରେଭରେଣ୍ଡ ଏମ୍ ସଟନ। ଓଡ଼ିଆରେ ପ୍ରକାଶିତ ଅନେକ ପାଠ୍ୟପୁସ୍ତକ ଓ ଅଭିଧାନ ପରବର୍ତ୍ତୀ କାଳରେ ଏହି ଛାପାଖାନରୁ ପ୍ରକାଶିତ ହୋଉଥିଲା। ସର୍ବପ୍ରଥମ ଓଡ଼ିଆ ସମ୍ବାଦପତ୍ରର ଜ୍ଞାନାରୁଣ ମଧ୍ୟ ୧୮୪୯ ମସିହାରେ ରେଭରେଣ୍ଡ ଲେସିଙ୍କ ସଂପାଦନାରେ ଏହି ପ୍ରେସରୁ ପ୍ରକାଶ ଲାଭ କରିଥିଲା। ମୂଳତଃ ଏହା ମିଶନାରୀ ଛାପାଖାନା ହେଲେହେଁ ଓଡ଼ିଶାରେ ଶିକ୍ଷା ଓ ଜ୍ଞାନର ପ୍ରସାରଣରେ ଏହାର ଭୂମିକା ଥିଲା ଅନନ୍ୟ।

ଓଡ଼ିଶାର ଦ୍ୱିତୀୟ ଛାପାଖାନା ହେଉଛି କଟକ ପ୍ରିଣ୍ଟିଂ କମ୍ପାନୀ। ଗୌରୀ ଶଙ୍କର ରାୟ, ବିଚିତ୍ରାନନ୍ଦ ମହାନ୍ତି ଓ ଓଡ଼ିଶାର କେତେଜଣ ରାଜା ମହାରାଜାଙ୍କ ଆର୍ଥିକ ସହାୟତାରେ ଏହା ପ୍ରତିଷ୍ଠିତ ହୋଇଥିଲା ୧୮୬୬ ମସିହାରେ କଟକରେ। ଓଡ଼ିଶାର ପ୍ରଥମ ସାପ୍ତାହିକ ପତ୍ରିକା ଉତ୍କଳ ଦୀପିକା ଗୌରୀଶଙ୍କର ରାୟଙ୍କ ସଂପାଦନାରେ ଏହି ପ୍ରେସରୁ ପ୍ରକାଶିତ ହେଉଥିଲା। ଓଡ଼ିଆ ଜନଜୀବନରେ ନବଜାଗରଣର ବାର୍ତ୍ତା କିପରି ଏହା ମାଧ୍ୟମରେ ପ୍ରଚାରିତ ହୋଇଥିଲା ତାହା ପୂର୍ବରୁ ଆଲୋଚିତ। ବାଲେଶ୍ୱରରେ ସ୍ଥାପିତ ହୋଇଥିଲା ଓଡ଼ିଶାର ତୃତୀୟ ମୁଦ୍ରଣଯନ୍ତ୍ର। ଏହାର ଦୁଇବର୍ଷ ପରେ ୧୮୬୮ ମସିହାରେ। ଫକୀରମୋହନଙ୍କ ଆତ୍ମଜୀବନୀ ପାଠକଲେ ଜଣାଯାଏ କିପରି କଲିକତାର ଜଣେ ପାଦ୍ରୀଙ୍କ ଦ୍ୱାରା ପ୍ରତାରିତ ହୋଇ ଫକୀରମୋହନ କଲିକତାରୁ କିଣିଥିଲେ ଏକ ହସ୍ତଚାଳିତ ମୁଦ୍ରଣଯନ୍ତ୍ର। ବହୁ ପରିଶ୍ରମ ପରେ ମଧ୍ୟ ତାହା ବ୍ୟବହାରଯୋଗ୍ୟ ହୋଇ ନ ପାରିବାରୁ ପୁଣି ଥରେ ଫକୀରମୋହନ କଲିକତାରୁ ଅଣାଇଲେ ନୂଆ ଏକ ମୁଦ୍ରଣ ଯନ୍ତ୍ର। ଏଥିରୁ ପ୍ରକାଶିତ ହୋଇଥିଲା ବାଲେଶ୍ୱର ସମ୍ବାଦବାହିକା।

ଏହାପରେ ଓଡ଼ିଶାର ପ୍ରମୁଖ ସ୍ଥାନମାନଙ୍କରେ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ହେଉଛି : ଦେ ପ୍ରେସ, ବାଲେଶ୍ୱର (୧୮୭୩), ଓଡ଼ିଶା ପେଟ୍ରିଅଟ୍ ପ୍ରେସ୍, କଟକ (୧୮୭୩) ଭକ୍ତି ପ୍ରଦାୟିନୀ ଯନ୍ତ୍ରାଳୟ, ପୁରୀ (୧୮୭୪), ଶ୍ରୀମତ୍ସରାମୃତ ସିନ୍ଧୁ ପ୍ରେସ, ବ୍ରହ୍ମପୁର (୧୮୭୫), ମୟୂରଭଞ୍ଜ ପ୍ରେସ, ବାରିପଦା (୧୮୭୯), ଭିକ୍ଟୋରିଆ ପ୍ରେସ୍, କଟକ (୧୮୮୫), ଜଗନ୍ନାଥ ବଲ୍ଲଭ ପ୍ରେସ, ବାମଣ୍ଡା (୧୮୮୫), ଗଜପତି ଭୀମଦେବ ପ୍ରେସ, ବଡ଼ଖେମଣ୍ଡି (୧୮୮୫), ପୁରୀ ପ୍ରିଂଟିଂ କର୍ପୋରେସନ୍, ପୁରୀ (୧୮୯୦), ଅରୁଣୋଦୟ ପ୍ରେସ, କଟକ (୧୮୯୩), ରାୟ ପ୍ରେସ୍, କଟକ (୧୮୯୪), ଗଜପତି ପ୍ରେସ୍, ପାରଳାଖେମୁଣ୍ଡି (୧୮୯୬ ପୂର୍ବରୁ), ଉତ୍କଳ ସାହିତ୍ୟ ପ୍ରେସ୍, କଟକ (୧୮୯୭), ବିନୋଦ ପ୍ରେସ, ବାଲେଶ୍ୱର (୧୮୯୯)।

ଊନବିଂଶ ଶତାବ୍ଦୀର ଶେଷବେଳକୁ ଓଡ଼ିଶାର ପ୍ରତିଟି ଗଡ଼ଜାତ ରାଜାମାନେ ପ୍ରେସ ସ୍ଥାପନ ପାଇଁ ସର୍ବାଧିକ ଆଗ୍ରହ ପ୍ରକାଶ କରିଥିଲେ। ଏ ସମସ୍ତ ପ୍ରେସ ଥିଲା ହସ୍ତଚାଳିତ। ଗୋଟିଏ ଦିନରେ ହଜାରେ ଖଣ୍ଡ ପର୍ଯ୍ୟନ୍ତ କାଗଜ ଛପାହୋଇ ପାରୁଥିଲା। ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଆମ ଦେଶକୁ ଆସିଲା ପାଦଚାଳିତ ମୁଦ୍ରଣ ଯନ୍ତ୍ର। ଏହାକୁ ପାଦରେ ଚଳାଇ ଡ଼ାହାଣ ହାତରେ କାଗଜ ଦିଆଯାଇ ବାମ ହାତରେ ବାହାର କରାଯାଉଥିଲା। ମୁଦ୍ରଣ ଯନ୍ତ୍ରର ମାଧ୍ୟମରେ ଓଡ଼ିଶାରେ ଆସିଲା ନୂଆ ଏକ ଯୁଗାନ୍ତର। ଏହା ଧର୍ମ, ଶିକ୍ଷା, ଶାସନରେ କେବଳ ସୀମିତ ରହି ଓଡ଼ିଶାର ସାମାଜିକ ଜୀବନରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିଲା।

## ୩.୬ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ମୁଦ୍ରଣଯନ୍ତ୍ରର ପ୍ରଭାବ

ଶିକ୍ଷା ଓ ଧର୍ମ ମୂଳତଃ ପ୍ରଥମ ପର୍ଯ୍ୟାୟରେ ନିବିଡ ଭାବରେ ସଂପର୍କିତ ଥିଲା ମୁଦ୍ରଣଯନ୍ତ୍ର ସହ। ପାଠ୍ୟପୁସ୍ତକର ପ୍ରଣୟନ ଓ ଖ୍ରୀଷ୍ଟୀୟ ଧର୍ମର ପ୍ରଚାର ମାଧ୍ୟମରେ ଓଡ଼ିଶାରେ ଶିକ୍ଷା ଓ ଧର୍ମ କ୍ଷେତ୍ରରେ ନୂଆ ଯୁକ୍ତିବାଦୀ ଯୁବଗୋଷ୍ଠୀର ଅଭ୍ୟୁଦୟ ଘଟିଲା। ପୁଣି ଦେଶର ରାଜନୀତି ସହିତ ପ୍ରତ୍ୟକ୍ଷ ସଂପର୍କରେ ସାଧାରଣ ଜନତା ଆସିଲେ ପତ୍ରପତ୍ରିକା ମାଧ୍ୟମରେ। ସାଧାରଣ ଲୋକଙ୍କ ଆଶା ଆକାଙ୍କ୍ଷା, ଅଭାବ ଅସୁବିଧା ସହ ସରକାର ମଧ୍ୟ ପରିଚିତ ହେଲେ। ନୂତନ ପ୍ରକାଶିତ ପତ୍ର ପତ୍ରିକାସବୁ ଭାଷା ଓ ସାହିତ୍ୟର ପ୍ରଚାର କରିବା ସହ ନୂଆ ରୁଚିବୋଧ ଓ ରାଜନୀତିକ ସଚେତନତା ଅଭିବୃଦ୍ଧିରେ ସହାୟକ ହେଲା। ଦେଶର ଛୋଟବଡ଼ ଘଟଣା ଏକା ସାଙ୍ଗରେ ବିଭିନ୍ନ ଅଂଚଳରେ ପ୍ରଚାରିତ ଓ ପ୍ରସାରିତ ହେବାଫଳରେ ଓଡ଼ିଶାରେ ଓଡ଼ିଆ ଭାଷାଭାଷୀ ଅଂଚଳ ମଧ୍ୟରେ ଐକ୍ୟବୋଧର ନବଜାଗରଣ ଆସିଲା। ଓଡ଼ିଆ ଭାଷାଭାଷୀ ଅଂଚଳଙ୍କୁ ଏକାଠି କରିବା, ପ୍ରାଚୀନ ଓଡ଼ିଆ ସାହିତ୍ୟ ଗ୍ରନ୍ଥମାନଙ୍କର ପୁନରୁଦ୍ଧାର କରିବା, ଆଧୁନିକ ସାହିତ୍ୟର ପ୍ରକାଶ କରିବା ଓ ତାର ସମୀକ୍ଷା କରିବା କେବଳ ସମ୍ଭବ ହେଲା ଓଡ଼ିଶାରେ ନୂତନ ମୁଦ୍ରଣ ଶିଳ୍ପର ପ୍ରଚାର ଓ ପ୍ରସାର ଫଳରେ।

ଓଡ଼ିଶାର ପ୍ରାଚୀନ ଜ୍ଞାନ ପତ୍ରପତ୍ରିକା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚିଲା। ବିଶେଷକରି ପତ୍ରପତ୍ରିକାରେ ପ୍ରକାଶିତ ଆୟୁର୍ବେଦର ଔଷଧ, ବିଭିନ୍ନ ବୃକ୍ଷର ଔଷଧୀୟ ଗୁଣ ଏବଂ ପଞ୍ଜିକାର ମାଧ୍ୟମରେ ଦିନର ଶୁଭାଶୁଭ ସମାଜ ଉପଯୋଗୀ ରୀତିନୀତି, ଯାହା ଲୋକଙ୍କ ପାଇଁ କେବଳ ଅଳ୍ପକେତେଜଣ ପଣ୍ଡିତଙ୍କ ବୋଲି ପ୍ରତୀତ ହେଉଥିଲା ମୁଦ୍ରଣ ଶିଳ୍ପ ପ୍ରଭାବରେ ତାହା ସାର୍ବଜନୀନ ହେଲା। ଏକ ପକ୍ଷରେ ପାଶ୍ଚାତ୍ୟ ଜ୍ଞାନ ଓ ଅପରପକ୍ଷରେ ପ୍ରାଚୀନ ଜ୍ଞାନଗ୍ରନ୍ଥ ସବୁ ଲୋକଙ୍କ ପାଖରେ ପହଞ୍ଚିବାରୁ ଓଡ଼ିଶାର ସାରସ୍ୱତ ଜୀବନରେ ତୁମୂଳ ପରିବର୍ତ୍ତନ ଆସିଲା। ଭାଗବତ ଗାଦିର ପୋଥିସବୁ ନୂଆ ଭାବରେ ଛପାଅକ୍ଷରରେ ପ୍ରକାଶିତ ଓ ପ୍ରଚାରିତ ହେବା ଫଳରେ ନୂତନ ଏକ ଶିକ୍ଷିତଶ୍ରେଣୀ ଓଡ଼ିଶାରେ ସୃଷ୍ଟିହେଲେ। ପୂର୍ବରୁ ଆମେ ଏ ସଂପର୍କରେ ଆଲୋଚନା କରିସାରିଛେ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ତାଳପତ୍ର ପୋଥିର ପୁଷ୍ପିକା

(ଖ) ଗୋଆରେ ମୁଦ୍ରଣ ଯନ୍ତ୍ର

(ଗ) ଲେଖନ ପଦ୍ଧତିରେ ମାନକୀକରଣରେ ମୁଦ୍ରଣଯନ୍ତ୍ରର ଭୂମିକା

(ଘ) କଲିକତାରେ ଛାପାଖାନାର ବିକାଶ

(ଙ) କଟକରେ ମିଶନାରୀ ପ୍ରେସ

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ଭାରତରେ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା କିପରି ଆରମ୍ଭ ହେଲା, ଆଲୋଚନା କର ।

(ଖ) ଓଡ଼ିଶାରେ ମୁଦ୍ରଣଶିଳ୍ପର ବିକାଶ ଓ ତାର ପ୍ରଭାବ ସଂପର୍କରେ ଏକ ନିବନ୍ଧ ଲେଖ ।

## ୩.୮ ସହାୟକ ଗ୍ରନ୍ଥସୂଚୀ


- ମହାପାତ୍ର ଶର୍ମା ଶ୍ରୀଧର, (୧୯୮୬) ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ, ଗ୍ରନ୍ଥମନ୍ଦିର କଟକ - Priolkar Anant Kakba (1958) The Printing Press in India, Marathi Samshodhana Mandala, Bombay-2
- ସାମନ୍ତରାୟ, ଡ. ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ବାଣୀ ଭବନ, ଭୁବନେଶ୍ୱର, ୧୮୯୩ ।

# ଚତୁର୍ଥ ଏକକ : ଭାଷା ସୁରକ୍ଷା ଆନ୍ଦୋଳନ

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ଶିକ୍ଷଣୀୟ ବିଷୟ
୪.୩ ବିଷୟ ପ୍ରବେଶ
୪.୪ ଭାଷା ଆନ୍ଦୋଳନର ସୂତ୍ରପାତ
୪.୫ ଭାଷିକ ଏକତାର ସୂତ୍ରଧରଗଣ
୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୪.୭ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ଊନବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମିର ଆଲୋଚନା ଯେପରି ଅପରିହାର୍ଯ୍ୟ ସେମିତି ନୂତନ ଶିକ୍ଷାର ବିକାଶ ଓ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ବିକଶିତ ନୂତନ ସାହିତ୍ୟାଦର୍ଶର ଆଲୋଚନା ମଧ୍ୟ ଆବଶ୍ୟକ। ପୂର୍ବ ଏକକମାନଙ୍କରେ ଏବିଷୟରେ ସବିଶେଷ ଆଲୋଚନା କରାଯାଇଛି। ଓଡ଼ିଶା ଆଜି ଏକ ସ୍ୱତନ୍ତ୍ର ପ୍ରଦେଶ ଓ ତାର ଭାଷା ମଧ୍ୟ ସ୍ୱତନ୍ତ୍ର, କିନ୍ତୁ ସମୟ ଥିଲା ଯେତେବେଳେ ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟର ସୁରକ୍ଷା ହେତୁ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଆରମ୍ଭ ହୋଇଥିଲା ଓଡ଼ିଶାରେ ଜନ ଆନ୍ଦୋଳନ, ଯାହାକୁ ଓଡ଼ିଆ ସାହିତ୍ୟର ଇତିହାସରେ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ନାମରେ ନାମିତ କରାଯାଇଛି। ବାସ୍ତବିକ କେତେ ଜଣ ସ୍ୱାର୍ଥୀ ବଂଗଳା ଭାଷାର ପ୍ରତିଷ୍ଠା ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟକ୍ରମମାନ ଗ୍ରହଣ କରିଥିଲେ। ସେମାନଙ୍କ ଦୃଷ୍ଟିକୋଣରୁ ବିଚାର କଲେ ଏହା ଥିଲା ଓଡ଼ିଆ ଭାଷାର ବିଲୋପ ପାଇଁ ଏକଚେଷ୍ଟା।

ଅପରପକ୍ଷରେ ଊନବିଂଶ ଶତାବ୍ଦୀର ନବ ଶିକ୍ଷିତ ଯୁବକମାନଙ୍କ ପ୍ରଚେଷ୍ଟାରେ ଓଡ଼ିଆ ସଂସ୍କୃତି, ଭାଷା ଓ ସାହିତ୍ୟକୁ ସୁରକ୍ଷା ଓ ପ୍ରତିଷ୍ଠା ଦେବା ପାଇଁ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାରେ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ। ଆଧୁନିକ ଓଡ଼ିଆ ଭାଷାର ମାନକୀକରଣ ପାଇଁ ତାଳପତ୍ର ଲେଖନ ପଦ୍ଧତିରୁ ସଂଗ୍ରହ କରି ଲିପି ଓ ବ୍ୟାକରଣ ଦୃଷ୍ଟିରୁ ଏକ ସର୍ବମାନ୍ୟ ସାର୍ବଜନୀନ ରୂପ ପ୍ରଦାନ ଏବଂ ଆଧୁନିକ ସାହିତ୍ୟାଦର୍ଶ ଓ ସାହିତ୍ୟର ବିଭିନ୍ନ ପ୍ରାରୂପର ବିକାଶ ଏହି ଆନ୍ଦୋଳନର ମୂଳ ଲକ୍ଷ୍ୟ ଥିଲା। ଓଡ଼ିଆ ଭାଷା ଓ ସହିତ୍ୟର ସୁରକ୍ଷା ନିମନ୍ତେ ଦେଖାଦେଇଥିବା ଜନ ଆନ୍ଦୋଳନର ପ୍ରସଙ୍ଗକୁ ଏହି ଏକକରେ ଆଲୋଚନା କରାଯାଇଛି।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକରୁ ଆମେ ଜାଣିବା

- ଓଡ଼ିଆ ଭାଷା ଆନ୍ଦୋଳନର ସୂତ୍ରପାତ
- ଭାଷିକ ଏକତାର ସୂତ୍ରଧରଗଣ

## ୪.୩ ବିଷୟ ପ୍ରବେଶ

ଓଡ଼ିଶାରେ ଓଡ଼ିଆ ଭାଷାକୁ ଲୁପ୍ତକରି କାର୍ଯ୍ୟାଳୟ ଓ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରବର୍ତ୍ତନ କରିବା ଲାଗି ଓଡ଼ିଶାରେ କେତେକ ବଙ୍ଗୀୟ କର୍ମଚାରୀମାନେ ଗୋଟାଏ ଚକ୍ରାନ୍ତ ଆରମ୍ଭ କଲେ। ଏହା ଓଡ଼ିଶାର ନୂତନ ସୃଷ୍ଟ ଶିକ୍ଷିତ ସମାଜକୁ ଦୁଇଟି ଗୋଷ୍ଠୀରେ ପରିଣତ କରିଦେଲା। ପ୍ରଥମ ଗୋଷ୍ଠୀ ଚାହୁଁଥିଲେ କଟକ, ପୁରୀ ଓ ବାଲେଶ୍ୱର ଏହି ତିନୋଟି ଜିଲ୍ଲା ବଂଗଳାରେ ମିଶିଯିବା ଉଚିତ। ଓଡ଼ିଆ ଭାଷା ଓ ସାହିତ୍ୟ ସମୃଦ୍ଧ ନୁହେଁ, ବିଦ୍ୟାଳୟ ପାଇଁ ଓଡ଼ିଶାରେ ପାଠ୍ୟପୁସ୍ତକ ନାହିଁ। ନିଜସ୍ୱ ବ୍ୟାକରଣ ଓ ଅଭିଧାନ ବି ନାହିଁ। ଏମାନେ ସମସ୍ତେ ଥିଲେ ବଂଗଳାରୁ ନୂତନ ଆସିଥିବା ବଂଗାଳୀ। ଅପରଗୋଷ୍ଠୀ ଚାହୁଁଥିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ପ୍ରଚାର ପ୍ରସାର କରିବା, ନୂତନ ସାହିତ୍ୟ ସୃଷ୍ଟି କରିବା, ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ଆବିଷ୍କାର କରିବା। ଏମାନଙ୍କ ମଧ୍ୟରେ ରହିଥିଲା। ଅନେକ ବଂଗଦେଶ ଆଗତ ବଂଗାଳୀ ଏବଂ ସ୍ଥାନୀୟ ନୂତନ ସୃଷ୍ଟ ଶିକ୍ଷିତ ଶ୍ରେଣୀ। ଭାଷାକୁ ନେଇ ପ୍ରଥମେ ରାଜନୀତିକ ଓଡ଼ିଶାଟିଏ ଗଢ଼ିବାର ସ୍ୱପ୍ନ ଏମାନଙ୍କର ରହିଥିଲା। ବିଦେଶୀ ପ୍ରଶାସକମାନଙ୍କ ସହଯୋଗ ଫଳରେ ସମୟକ୍ରମେ ଓଡ଼ିଶାର ସମ୍ବଲପୁର, ଗଞ୍ଜାମ ମିଶି ବୃହତ୍ତର ଓଡ଼ିଶା ସୃଷ୍ଟି ହେଲା। ଓଡ଼ିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷାର ପ୍ରଚାର ପ୍ରସାର କରିବାର ହୀନଚକ୍ରାନ୍ତକୁ କେତେକ ଶିକ୍ଷିତ ଗୋଷ୍ଠୀ ବିରୋଧ କଲେ। ଯଦ୍ଦ୍ୱାରା ଏକ ବିରାଟ ଜନଆନ୍ଦୋଳନର ସୂତ୍ରପାତ ଘଟିଲା। ଏହି ଆନ୍ଦୋଳନର ମୂଳ ସୂତ୍ରପାତ ଏବଂ ଏହାଦ୍ୱାରା ଓଡ଼ିଶାର ଜନଜୀବନରେ ଭାଷିକ ଏକତାର ସ୍ୱର ଉତ୍ତୋଳନ ହେବା ସଂପର୍କରେ ଆଲୋଚନା କରାଯିବ।

## ୪.୪ ଭାଷା ଆନ୍ଦୋଳନର ସୂତ୍ରପାତ

୧୮୬୬-୬୭ ମସିହାରେ ନଅଙ୍କ ଦୁର୍ଭିକ୍ଷ ସାରା ରାଜ୍ୟର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଏହାରି ପ୍ରଭାବରେ ଓଡ଼ିଶା ତାର ପୂର୍ବ ସାମର୍ଥ୍ୟ ଫେରାଇବା ପୂର୍ବରୁ ଓଡ଼ିଆ ଭାଷକୁ ବିଲୋପ କରିବାର ହୀନ ଚକ୍ରାନ୍ତ ଏକ ଶକ୍ତ ଧକ୍କା ଦେଇଥିଲା। ଓଡ଼ିଶାରେ ଓଡ଼ିଆ ଭାଷାକୁ ମୂଳପୋଛ କରି କାର୍ଯ୍ୟାଳୟ ଓ ବିଦ୍ୟାଳୟମାନଙ୍କରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷାକୁ ପ୍ରଚଳନ କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ ନିଯୁକ୍ତ ଥିବା କେତେକ ବଙ୍ଗୀୟ କର୍ମଚାରୀମାନେ ଗୋଟାଏ କୂଟଚକ୍ରାନ୍ତ ଆରମ୍ଭ କଲେ। ସେତେବେଳେ ବଙ୍ଗଳାରେ ଶ୍ରୀ ରାଜେନ୍ଦ୍ରଲାଲ ମିତ୍ର ପତ୍ନତତ୍ତ୍ୱବିଦ୍ ଭାବରେ ନିଯୁକ୍ତ ଥିଲେ। ତାଙ୍କର ଆଣ୍ଟିକ୍ୱିଟିସ ଅଫ୍ ଓଡ଼ିଶା (Antiquities of Orissa) ପତ୍ନତତ୍ତ୍ୱ ସମ୍ବନ୍ଧୀୟ ଏକ ପୁସ୍ତକ ପ୍ରକାଶ ପାଇଲା। କିନ୍ତୁ ଶ୍ରୀ ମିତ୍ର ସେତେବେଳେ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ ନିମିତ୍ତ ଘୋର ବିରୋଧ କରିଥିଲେ। ୧୮୬୮ ମସିହା ଡ଼ିସେମ୍ବର ମାସରେ ଓଡ଼ିଶାର ପୁରାତତ୍ତ୍ୱ ସଂପର୍କରେ ଅଧିକ ସର୍ବେକ୍ଷଣ ଓ ପୁସ୍ତକ ପ୍ରଣୟନ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ ରାଜେନ୍ଦ୍ରଲାଲ ମିତ୍ର। ଓଡ଼ିଆ ସଂପର୍କରେ ତଥ୍ୟ ସଂଗ୍ରହ ଓ ଓଡ଼ିଶାର ଜନସାଧାରଣଙ୍କ ସହ ସାକ୍ଷାତକାର ମାଧ୍ୟମରେ ତଥ୍ୟ ଆହରଣ ପାଇଁ ଐତିହାସିକ ରାଜେନ୍ଦ୍ରଲାଲ କଟକ, ପୁରୀ ଓ ଭୁବନେଶ୍ୱର ପରିଭ୍ରମଣ କରିଥିଲେ। ସେହି ସମୟରେ କଟକର 'ଡିବେଟିଂ' କ୍ଲବରେ ଗୋଟିଏ ଭାଷଣଦେବା ସମୟରେ କହିଥିଲେ ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷା ନୁହେଁ। ତାଙ୍କର କହିବାର ଉଦ୍ଦେଶ୍ୟ ଥିଲା ଉତ୍କଳର ଲୋକସଂଖ୍ୟା ଅନୁଯାଇ ଏଠାକାର ଶିକ୍ଷିତ ସଂଖ୍ୟା କମ୍ ତେବେ ଅଳ୍ପ ସଂଖ୍ୟକଙ୍କ ଦ୍ୱାରା ଗୋଟିଏ ସ୍ୱତନ୍ତ୍ର ଭାଷା ରକ୍ଷା ପାଇବା ପ୍ରଶ୍ନବାଚକ। ତାଙ୍କ ମତରେ ବଙ୍ଗଭାଷାର ଏକ ଉପଭାଷା ହେଉଛି ଓଡ଼ିଆ

ଭାଷା । ଓଡ଼ିଶାର କେତେକ ନ୍ୟସ୍ତ ସ୍ୱାର୍ଥ ବଂଗାଳୀ ଯେଉଁମାନେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତରେ ଜଡ଼ିତ ଥିଲେ ଏହା ଦ୍ୱାରା ସେମାନେ ଉତ୍ସହିତ ହେଲେ । ୧୮୬୯ ମସିହାରେ ବାଲେଶ୍ୱର ସ୍କୁଲରେ ସଂସ୍କୃତ ଶିକ୍ଷକ ଭାବେ ନିଯୁକ୍ତ ଥିବା କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' ବୋଲି ମନ୍ତବ୍ୟ ଦେଉଥିଲେ ଏବଂ ଏହି ଉଦ୍ଦେଶ୍ୟରେ ସେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ନାମକ ଏକ ପୁସ୍ତକ ମଧ୍ୟ ରଚନା କରିଥିଲେ । କ୍ରାନ୍ତିଚନ୍ଦ୍ରଙ୍କ ଏହି ମନ୍ତବ୍ୟକୁ ସମର୍ଥନ ମିଳିଲା ସ୍କୁଲ ଉଭୟ ହେଡ ମାଷ୍ଟର ଓ ଡେପୁଟି ଇନ୍ସ୍ପେକ୍ଟରଙ୍କର କାରଣ ଉଭୟେ ଥିଲେ ବଙ୍ଗାଳୀ । ସେତେବେଳ ସ୍କୁଲ ଇନ୍ସ୍ପେକ୍ଟର ଥିଲେ ମାର୍ଟିନ ସାହେବ ସେ ବିଦ୍ୟାଳୟ ଗୁଡ଼ିକରେ ଓଡ଼ିଆ ଶିକ୍ଷା ପ୍ରତ୍ୟାହାର ନିମନ୍ତେ ଆଦେଶ ଦେଇଥିଲେ ଯାହା ଓଡ଼ିଶାର ସମଗ୍ର ଶିକ୍ଷିତ ସମାଜକୁ କ୍ଷୁବ୍ଧ କରିଦେଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହି କାରଣରୁ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ଦେଖାଦେଇଥିଲା ତିବ୍ର ଆନ୍ଦୋଳନ । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପ୍ରଯତ୍ନଶୀଳ ବ୍ୟକ୍ତିମାନେ ବିଶେଷକରି ଉତ୍କଳ ବରପୁତ୍ର ଫକୀର ମୋହନ ଥିଲେ ମୁଖ୍ୟ ପୁରୋଧା । ସେତେବେଳେ ଫକୀର ମୋହନ ଗୋଟିଏ ଆପତ୍ତିମୂଳକ ଦରଖାସ୍ତ ପ୍ରେରଣ କରିଥିଲେ ସରକାରଙ୍କ ନିକଟକୁ । ସେହି ସମୟରେ ବିମସ୍ ସାହେବ କଟକ ଜିଲ୍ଲାର କଲେକ୍ଟର ଭାବରେ ନିଯୁକ୍ତ ଥିଲେ । ଫକୀରମୋହନଙ୍କ ଏହି ଆପତ୍ତିମୂଳକ ଦରଖାସ୍ତ ଉପରେ ବିମସ୍ ସାହେବ ଓ କମିଶନର ରେଭେନ୍‌ସା ସାହେବ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଦର୍ଶାଇଥିଲେ ଏବଂ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଭାଷାରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା ନିମିତ୍ତ ବଙ୍ଗଳା ସରକରଙ୍କୁ ଜଣାଇଥିଲେ । ଏହି ଆନ୍ଦୋଳନକୁ ଆହୁରୀ ସକ୍ରିୟ କରିବାକୁ ଯାଇ ଓଡ଼ିଶାର ବିଦ୍ୟାଳୟ ସମୂହର ଇନ୍‌ସ୍ପେକ୍ଟର, କମିଶନର ଓ ବହୁ ସମ୍ଭ୍ରାନ୍ତ ବ୍ୟକ୍ତି ଏକମତ ହୋଇ ଓଡ଼ିଶାର ବିଦ୍ୟାଳୟ ସମୂହରେ ଓଡ଼ିଆ ଭାଷାରେ ଶିକ୍ଷାଦେବାର ବ୍ୟବସ୍ଥା ନିମିତ୍ତ ବଂଗଳା ସରକାରଙ୍କୁ ଆବେଦନ ପତ୍ର ଦେଇଥିଲେ ।

ବିମସ୍ ସାହେବ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ ସଂପର୍କରେ ପ୍ରବନ୍ଧମାନ ପ୍ରକାଶ କଲେ ଏବଂ ପରିଣାମରେ ଏହି ଭାଷା ବିଲୋପ ଆନ୍ଦୋଳନର ଅବସାନ ଥିରେ ଥିରେ ଘଟିବାକୁ ଲାଗିଲା । ବିମସ୍ ସାହେବ ଭାରତୀୟ ଆର୍ଯ୍ୟଭାଷାମାନଙ୍କର ତୁଳନା କରି ଓଡ଼ିଆକୁ ଏକ ସ୍ୱତନ୍ତ୍ର ପରିଚିତ ଦେଇଥିଲେ । କ୍ରନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପୁସ୍ତକ ବଂଗାଳୀ ଓ ଓଡ଼ିଆଙ୍କ ଭିତରେ ବିଦ୍ୱେଷ ସୃଷ୍ଟି କରୁଥିବା ଲକ୍ଷ୍ୟ କରି ସେ ନିର୍ଦ୍ଦିଷ୍ଟ ଓ ବିସ୍ତୃତ ଭାବରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ସଂପର୍କରେ ପ୍ରତିପାଦନ କରିଥିଲେ । ସରକାରଙ୍କ ଆଦେଶବଳରେ ପ୍ରତ୍ୟାହୃତ ହୋଇଥିବା ଓଡ଼ିଆ ଭାଷ ପୁଣିଥିରେ ବିଦ୍ୟାଳୟମାନଙ୍କରେ ପ୍ରଚଳିତ ହେଲା ଏବଂ ପରିଶେଷରେ ଏକ ବିରାଟ କାୟାକଳ୍ପ ରୂପ ଧାରଣ କରିଥିବା ଭାଷା ଆନ୍ଦୋଳନର ପରିସମାପ୍ତି ଘଟିଲା । ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ଅଭାବ ନିମିତ୍ତ ଅନୁବାଦିତ ବା ନୂଆ ଗ୍ରନ୍ଥର ଦୋଷଗୁଣ ବିଚାର କରିବା ପାଇଁ ଗୋଟିଏ କମିଟି ଗଠନ କରାଗଲା । ସେମାନଙ୍କର କାର୍ଯ୍ୟ ହେଲଶ ସେମାନେ ପାଠ୍ୟପୁସ୍ତକର ଦୋଷଗୁଣ ବିଚାର କରି ମୁଦ୍ରାଙ୍କନ ନିମିତ୍ତ ଉପଯୁକ୍ତ ପୁସ୍ତକଗୁଡ଼ିକୁ କଲିକତା ସ୍କୁଲବୁକ ସୋସାଇଟିକୁ ପଠାଇବେ ଓ ତାହା ଛପାହେଲା ପରେ ସେହି ପୁସ୍ତକସମୂହ ଓଡ଼ିଶାର ସ୍କୁଲମାନଙ୍କରେ ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହେବ ।

## ୪.୫ ଭାଷିକ ଏକତାର ସୂତ୍ରଧରଗଣ

ପାଠ୍ୟପୁସ୍ତକ ଲେଖକ ମାଧ୍ୟମରେ ଓ ବିଦ୍ୟାଳୟରେ ବଙ୍ଗଳାଭାଷାର ପ୍ରଚଳନ ମାଧ୍ୟମରେ ଆରମ୍ଭ ହୋଇଥିଲା ଓଡ଼ିଶାରେ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ। ଏ ସମସ୍ୟା ଥିଲା କଟକ, ପୁରୀ, ବାଲେଶ୍ୱରର। ସମ୍ବଲପୁର ଓ ଗଂଜାମରେ ମଧ୍ୟ ଅନୁରୂପ ସମସ୍ୟା ଥିଲା, କିନ୍ତୁ ତାହାଥିଲା ହିନ୍ଦୀ ଓ ତେଲଗୁଭାଷା ବିରୁଦ୍ଧରେ। ସମଗ୍ର ଓଡ଼ିଶାର ଏହି ସମସ୍ୟାକୁ ସମ୍ବାଦପତ୍ର, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ନିଜ ନିଜ ପ୍ରଚେଷ୍ଟାରେ ଏକ ମହା ଆନ୍ଦୋଳନରେ ପରିଣତ କଲେ। ସେମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି :

- **ବିଚିତ୍ରାନନ୍ଦ ଦାସ (୧୮୨୭ - ୧୮୭୫) :** ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କର ରାୟ ଓ ଜଗମୋହନ ରାୟ କଲେକ୍ଟରିଏଟ୍‌ରେ ଚାକିରୀ କାଳରୁ ହିଁ ଥିଲେ ସ୍ୱାଧୀନମନା। ନଅଙ୍କ ଦୁର୍ଭିକ୍ଷ କାଳରେ ଢ଼େଙ୍କାନାଳର ରାଜା ଭଗୀରଥ ମହିନ୍ଦ୍ର ବାହାଦୁର ଓ କମିଶନର ରେଭେନ୍‌ସାଙ୍କ ଉତ୍ସାହ ଲାଭକରି ଓଡ଼ିଶାରେ ଏକ ପ୍ରିଷ୍ଟ ଗଭର୍ଣ୍ଣରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ, ଓଡ଼ିଆ ଭାଷାର ପ୍ରାଚୀନତା ସଂପର୍କରେ ଓ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ର କରିବା ପାଇଁ। ଏହାଥିଲା ଓଡ଼ିଆ ଭାଷାଭାଷୀମାନଙ୍କୁ ଏକତ୍ର କରିବାର ପ୍ରଥମ ସ୍ମାରକ ପତ୍ର। ରେଭେନ୍‌ସା କଲେଜ ପ୍ରତିଷ୍ଠା ନିମିତ୍ତ ଅର୍ଥସଂଗ୍ରହରେ ମଧ୍ୟ ସେ ସହାୟତା ପ୍ରଦାନ କରିଥିଲେ।
- **ଗୌରୀଶଙ୍କର ରାୟ (୧୮୩୮ – ୧୯୧୭) :** ଗୌରୀଶଙ୍କର ଥିଲେ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତା। ସେ ଥିଲେ ଓଡ଼ିଶାର ପ୍ରଥମ ସାମ୍ବାଦିକ ଓ ସମ୍ପାଦକ। ତାଙ୍କ ସଂପାଦନାରେ ଉତ୍କଳ ଦୀପିକା ଓଡ଼ିଶାର ସାମାଜିକ ଜୀବନର ମୁଖପତ୍ର ରୂପେ ପ୍ରକାଶିତ ହେଲା। ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରଚାର ପ୍ରସାରରେ ବିଭିନ୍ନ ସଭାସମିତିରେ ଓଡ଼ିଶାର ଉନ୍ନତି ପାଇଁ ଆଲୋଚନା କରିବା ତାଙ୍କ ଜୀବନର ବ୍ରତ ଥିଲା। ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ, ଓଡ଼ିଆ ପାଠ୍ୟପୁସ୍ତକର ମାନକୀକରଣ ପ୍ରଭୃତି ପ୍ରସଙ୍ଗରେ ତାଙ୍କର ଭୂମିକା ପାଇଁ ଊନବିଂଶ ଶତାବ୍ଦୀର ସେ ଜଣେ ପ୍ରମୁଖ ଜନନାୟକ।
- **ଫକୀର ମୋହନ ସେନାପତି (୧୮୪୩ - ୧୯୧୮) :** ଓଡ଼ିଆ ଭାଷା ଆନ୍ଦୋଳନରେ ଫକୀର ମୋହନ ସେନାପତି ଯଥାର୍ଥରେ ଥିଲେ ସେନାପତି। ବାଲେଶ୍ୱରରେ ଭାଷା ସୁରକ୍ଷା ଆନ୍ଦୋଳନର ସେ ଥିଲେ ସୂତ୍ରଧର। ବାଲେଶ୍ୱରରେ ଉତ୍କଳ ପ୍ରେସ ପ୍ରତିଷ୍ଠା, ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା ଉତ୍କଳଦର୍ପଣ ପ୍ରଭୃତି ପତ୍ରପତ୍ରିକାର ସେ ଥିଲେ ପ୍ରତ୍ୟକ୍ଷ ଓ ପ୍ରରୋକ୍ଷ ପୃଷ୍ଠପୋଷକ। ଓଡ଼ିଆ ଭାଷାର ସୁରକ୍ଷାପାଇଁ ପାଠ୍ୟପୁସ୍ତକଠୁ ଆରମ୍ଭ କରି ପ୍ରେସ ପ୍ରତିଷ୍ଠା, ସାହିତ୍ୟ ରଚନା ଓ ଓଡ଼ିଶାର ବିଭିନ୍ନ ଅଂଚଳ ପରିଭ୍ରମଣ କରି ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ରିକ କରିବା, ଜୀବନର ବ୍ରତରୂପେ ସେ ଗ୍ରହଣ କରିଥିଲେ।
- **ମଧୁସୁଦନ ଦାସ (୧୮୩୪ ରୁ ୧୯୩୪) :** ଓଡ଼ିଆ ଓ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସାଧନ ଥିଲା ତାଙ୍କ ପ୍ରଧାନ ଓ ଏକମାତ୍ର ଲକ୍ଷ୍ୟ। ତାଙ୍କ ଜାତିପ୍ରେମସିକ୍ତ ଭାଷଣ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଆଣିଦେଉଥିଲା ଜାତୀୟତାର ନୂତନ ଉନ୍ମାଦନା। ଓଡ଼ିଶାରେ ରେଳପଥ, ଶିକ୍ଷା, କୃଷି ଇତ୍ୟାଦିର ବିକାଶ ପାଇଁ ବ୍ୟକ୍ତିଗତ ଓ ସାମୂହିକ ଉଦ୍ୟମର ବିକାଶ ପାଇଁ ସେ ପ୍ରଚେଷ୍ଟା କରିଥିଲେ। ୧୮୮୮ରେ ବଙ୍ଗର ଲେଫଟନାଣ୍ଟ ଗଭର୍ଣ୍ଣର ଓଡ଼ିଶା ପରିଦର୍ଶନ କାଳେରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସେ ପ୍ରସ୍ତାବ ଦେଇଥିଲେ।

ସମ୍ବଲପୁର ଭାଷା ଆନ୍ଦୋଳନର ସେ ଥିଲେ ଦୃଢ଼ ସର୍ମଥକ। ପୁଣି ୧୮୯୭ ମସିହାରେ ଲଣ୍ଡନ ଯାଇ ବହୁ ବ୍ରିଟିଶ୍ ରାଜନୀତିଜ୍ଞଙ୍କୁ ଭେଟି ଓଡ଼ିଶାର ଦୁଃଖ ଦୁର୍ଦ୍ଦଶା ଜଣାଇ ଓଡ଼ିଆଭାଷାଭାଷୀଙ୍କ ଏକତ୍ରୀକରଣ ପାଇଁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶା ଡିଭିଜନ ଗଠନ ଓ ସେଠାରେ ପାଟଣା, କଳାହାଣ୍ଡି ପ୍ରଭୃତି କରଦରାଜ୍ୟମାନଙ୍କ ସମ୍ମିଶ୍ରଣରେ ତାଙ୍କର ପ୍ରତ୍ୟକ୍ଷ ଭୂମିକା ଥିଲା। ଜାତୀୟ କଂଗ୍ରେସର ନେତାମାନଙ୍କ ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ଆଲୋଚନା କରି ବିଫଳ ହେବାରୁ ସେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ ୧୯୦୩ ମସିହାରେ। ମଧୁସୁଦନ ଦାସ ହିଁ ଥିଲେ ଓଡ଼ିଆ ଜାତୀୟତାର ପ୍ରାଣକେନ୍ଦ୍ର।

- **ବୈକୁଣ୍ଠନାଥ ଦେ (୧୮୫୨) :** ବାଲେଶ୍ୱରର ଜମିଦାର ବୈକୁଣ୍ଠ ନାଥ ଦେ ଥିଲେ ଯଥାର୍ଥରେ ଜଣେ ଓଡ଼ିଆ ପ୍ରାଣ ବ୍ୟକ୍ତି। ୧୮୭୦-୭୧ ରେ ବାଲେଶ୍ୱରରେ ହୋଇଥିବା 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ଆନ୍ଦୋଳନର ସେ ଥିଲେ ପ୍ରମୁଖ ବିରୋଧୀ। ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ କରିବା, ବାଲେଶ୍ୱରରେ ନାରୀଶିକ୍ଷାର ପ୍ରଚଳନ, ଉତ୍କଳ ଦର୍ପଣ ଓ ନବସମ୍ବାଦ ପତ୍ରିକାର ପ୍ରକାଶ ଇତ୍ୟାଦି କ୍ଷେତ୍ରରେ ତାଙ୍କର ସହଯୋଗ ଓ ସଦିଚ୍ଛା ରହିଥିଲା। ଫକୀର ମୋହନଙ୍କ ଭାରତବର୍ଷର ଇତିହାସ, ରାମାୟଣର ବିଭିନ୍ନ କାଣ୍ଡ ପ୍ରକାଶରେ ତାଙ୍କ ସହଯୋଗ ସ୍ମରଣ ଯୋଗ୍ୟ। ଫକୀର ମୋହନଙ୍କ ଉତ୍କଳ ପ୍ରେସକୁ କିଣିନେଇ ଦେଜ୍ ଉତ୍କଳ ପ୍ରେସ ନାମରେ ବହୁଦିନଯାଏଁ ପରିଚାଳନା ସେ କରିଥିଲେ। ୧୯୦୨ ମସିହାରେ ଏକଲକ୍ଷ ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକ ପତ୍ର ଲର୍ଡ କର୍ଜନଙ୍କୁ ପ୍ରଦାନ କରି ଓଡ଼ିଶା ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ କରାଯାଇଥିବା ଆବେଦନର ସେ ପ୍ରଧାନ ଉଦ୍ୟୋକ୍ତା ଥିଲେ।

- **ମହନ୍ତ ବିହାରୀ ଦାସ (୧୮୬୫-୧୯୨୬) :** ସମ୍ବଲପୁର ଭାଷା ଆନ୍ଦୋଳନର ଜଣେ ପ୍ରମୁଖ ନେତା ଥିଲେ ମହନ୍ତ ବିହାରୀ ଦାସ। ବହୁ କଷ୍ଟ ସ୍ୱୀକାରକରି ନାଗପୁର ଓ ସିମଲା ଯାଇ ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ସେ ଆବେଦନ କରିଥିଲେ। ବ୍ରଜମୋହନ ପଟ୍ଟନାୟକ, ମଦନମୋହନ ମିଶ୍ର, ବଳଭଦ୍ର ସୁଆର ଓ ଶ୍ରୀପତି ମିଶ୍ରଙ୍କ ସହ ଫ୍ରେଜର ସାହେବଙ୍କୁ ଭେଟି ଓଡ଼ିଶାର ସମ୍ବଲପୁର ମିଶ୍ରଣ ପାଇଁ ଜନସାଧାରଣଙ୍କ ଆପତ୍ତି ଜଣାଇଥିଲେ।

ଏତଦ୍‌ଭିନ୍ନ ଗଂଜାମ ଉତ୍କଳ ହୀତବାହିନୀ ସଭାର ସେକ୍ରେଟେରୀ କାଟିଙ୍ଗା ରାଜା ଶ୍ରୀ ବେଙ୍କଟେଶ ଦେଓ, ସମ୍ବଲପୁରର ବୈକୁଣ୍ଠନାଥ ପୂଜାରୀ, ନୀଳମଣି ବିଦ୍ୟାରତ୍ନ, ଗୋବିନ୍ଦ ରଥ ପ୍ରମୁଖ ଜାତିପ୍ରାଣ ବ୍ୟକ୍ତିଗଣ ନିଜ ନିଜ ଶ୍ରମ ଓ ସହଯୋଗ ଦେଇ ଓଡ଼ିଆର ଜାତୀୟତା ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଆ ଜାତୀୟତାର ନିର୍ମାଣରେ ଉନବିଂଶ ଶତାବ୍ଦୀ ଥିଲା ପ୍ରାରମ୍ଭିକ କାଳ। ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇ ସମଗ୍ର ଓଡ଼ିଶା ଇଂରେଜ ଶାସନାଧୀନ ହେବା ଫଳରେ ବୃହତ୍ତର ଓଡ଼ିଶା ଗଠନର ସ୍ୱପ୍ନ ଆରମ୍ଭ ହେଲା। ମଧ୍ୟପ୍ରଦେଶ, ମାଡ୍ରାସ ପ୍ରେସିଡେନ୍‌ସି ଓ ବଂଗ ଶାସନାଧୀନ ହୋଇ ଯେଉଁ ପ୍ରଶାସନଗତ ଓ ଶିକ୍ଷାଗତ ଅସୁବିଧାର ସମ୍ମୁଖୀନ ହେଲା ତାହାହିଁ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକାଠି କରିବାର ପ୍ରେରଣା ଦେଲା।

ବଙ୍ଗାଳୀମାନଙ୍କ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନର ପ୍ରତିଦ୍ୱନ୍ଦ୍ୱୀରେ ଗଢ଼ିଉଠିଲା ଭାଷାକୁ କେନ୍ଦ୍ରକରି ନୂଆ ଏକ ଜାତିବୋଧ। ଯଥାର୍ଥରେ ସମାଲୋଚକ ନଟବର ସାମନ୍ତରାୟ କହିଛନ୍ତି : 'ଭାଷା- ଆନ୍ଦୋଳନ କେବଳ

ଶାସକଙ୍କ ଚୈତନ୍ୟ - ଜାଗରଣର ଦ୍ୟୋତକ ନୁହେଁ, ତାହା ମଧ ତଦାନୀନ୍ତନ ମଧ୍ୟବିତ୍ତ ଶ୍ରେଣୀର ମନ ପରିବର୍ତ୍ତନର ପ୍ରଧାନ ହେତୁ ଓ ଓଡ଼ିଆ ସାହିତ୍ୟ ବିକାଶର ଏକ ବଳିଷ୍ଠ ପୃଷ୍ଠଭୂମି । ଫଳତଃ ଗୋଟିଏ ଦିଗରେ ମୃତ୍ୟୁର ବିକଟ ଅଟ୍ଟହାସ୍ୟ, ଅପର ଦିଗରେ ନୂତନ ଜୀବନ - ସ୍ରୋତର ଅମୃତ ନିର୍ଝର - ଏ ଉଭୟ ମଧ୍ୟରେ ଦଣ୍ଡାୟମାନ ହୋଇଛି ଓଡ଼ିଆ-ଭାଷା-ବିଲୋପ ଆନ୍ଦୋଳନ ।" (ସାମନ୍ତରାୟ : ୨୦୧୭ ପୃ -୨୫୪)

ଭାଷାକୁ ନେଇ ଏହି ଆନ୍ଦୋଳନ ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କୁ ଏକତ୍ରିତ କରିବା, ପ୍ରାଚୀନ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା, ପତ୍ରପତ୍ରିକା ଓ ସଭା ସମିତି ମାଧ୍ୟମରେ ଭାଷିକ ପରିଚୟ ସୃଷ୍ଟି କରିବା ପାଇଁ ସଚେତନ ସୃଷ୍ଟି କରିବା, ସର୍ବୋପରି ପାଠ୍ୟପୁସ୍ତକ ଓ ସୃଜନଶୀଳ ସାହିତ୍ୟସୃଷ୍ଟି କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିବାର ପ୍ରେରଣା ଦେଲା । ଓଡ଼ିଆ ଜାତୀୟତାର ପ୍ରାରମ୍ଭିକ କାଳରେ ଦେଶପ୍ରତୀ ଓ ଭାଷାପ୍ରୀତିକୁ ଯୁଗବତ୍ ହୃଦୟରେ ସ୍ଥାପନ କରି ଓଡ଼ିଆ ସାହିତ୍ୟ ସାଧକମାନେ ସାଧନା ମନ୍ତ୍ରରେ ଦୀକ୍ଷିତ ହେଲେ । ତେଣୁ ଊନବିଂଶ ଶତାବ୍ଦୀର ଶେଷଭାଗରେ ଆଧୁନିକ ସାହିତ୍ୟର ପ୍ରତିଷ୍ଠା, ଜାତୀୟତା ବୋଧର ସମନ୍ୱୟନା ଓ ପରିଶେଷରେ ନୂତନ ସାହିତ୍ୟିକ ଗୋଷ୍ଠୀର ସୃଷ୍ଟି ଏହି ତିନୋଟି ବିଶିଷ୍ଟ ବିଭାଗ ଦ୍ୱାରା ଭାଷା ଜାଗରଣ ସମୃଦ୍ଧ ହୋଇଥିଲା ।

## ୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ରାଜେନ୍ଦ୍ରଲାଲ ମିତ୍ର

(ଖ) କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ

(ଗ) ଫକୀର ମୋହନ ସେନାପତି

(ଘ) ମଧୁସୁଦନ ଦାସ

(ଙ) ବୈକୁଣ୍ଠନାଥ ଦେ

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନର ସୂତ୍ରପାତ

(ଖ) ବିଭିନ୍ନ ସାରସସ୍ୱତ ବ୍ୟକ୍ତିତ୍ୱ ଓଡ଼ିଆ ଭାଷାର ଆନ୍ଦୋଳନରେ କିପରି ସହାୟକ ହୋଇଥିଲେ ଲେଖ ?

## ୪.୭ ସହାୟକ ଗ୍ରନ୍ଥସୂଚୀ


- ସାମନ୍ତରାୟ, ଡ. ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ବାଣୀ ଭବନ, ଭୁବନେଶ୍ୱର,୧୮୯୩ ।
- ମହାରଣା, ଡକ୍ଟର ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍ ଷ୍ଟୋର, ୨୦୧୦
- ଦାଶ, ଡକ୍ଟର ଗଗନେନ୍ଦ୍ର ନାଥ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୯୩


❑❑❑